

ପୁଣ୍ୟଶିଖା
: ଶୁଦ୍ଧ ସାଧକ ନିରଞ୍ଜନ ଭାଇ :
ଆବିର୍ଭାବ: ୦୬.୧୧.୧୯୬୪
ତିରୋଧାନ: ୦୪.୦୯.୨୦୨୫



(ପୂଜ୍ୟଶ୍ରୀ କୁମାର ଭାଇଙ୍କ ଅସ୍ଥିକଳସ ଯାତ୍ରା ର ଶୁଭାରମ୍ଭ )



















# ସ୍ମୃତିରେ ଶୁଦ୍ଧ ସାଧକ ନିରଞ୍ଜନ ଭାଇ....



**ପ୍ରକାଶ: ୦୬.୧୧.୧୯୬୪** **ପ୍ରସ୍ଥାନ:୦୪.୦୯.୨୦୨୫**

ତୁମ ସାଧନାର ପଟାନ୍ତର ନାହିଁ
ଝୁରେ ମାଟି ଗୋଡି ଫୁଲ,
ଶୋଭନ ସୂର୍ଯ୍ୟ ଆଲୋକରେ ତୁମେ
ସଦା ଥିଲ ଝଲମଲ ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି .....

# ପୁଣ୍ୟଶିକ୍ଷା

ପ୍ରକାଶ କାଳ: ୧୫.୦୯.୨୦୨୫
ପ୍ରକାଶକ: ଶୋଭନୀୟ ଆନ୍ଦୋଳନ ଓ ଶୋଭନୀୟ ଶିକ୍ଷାଶ୍ରମ, ରାଉରକେଲା, ସୁନ୍ଦରଗଡ, ଓଡିଶା


**ଠିକଣା**

ରାଉରକେଲା ଶୋଭନୀୟ ଶିକ୍ଷାଶ୍ରମ
ଆଇ.ଡି.ଏଲ୍, ରାଉରକେଲା-୧୬ ସୁନ୍ଦରଗଡ, ଓଡିଶା
ମୋବ ନଂ - ୮୧୪୪୬୩୧୫୨୮
Rourkela Sovaniya Sikhyashram I.D.L,
RKL-16 Sundargarh,
Odisha Mob. no.- 8144631528

ଶୋଭନୀୟ ଶିକ୍ଷାଶ୍ରମ
କର୍ଲାଖମଣ, ଲାଠିକଟା ସୁନ୍ଦରଗଡ, ଓଡିଶା
ମୋବ ନଂ- ୬୩୭୧୬୧୮୯୬୩
Sovaniya Sikhyashram
Karlakhaman, Lathikata
Sundargarh, Odisha
Mob. No.-6371618963

**ମୁଖ୍ୟ କାର୍ଯ୍ୟାଳୟ ଠିକଣା:**

ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା ଓ ସମ୍ପାଦିକା 'ଆନ୍ତର୍ଜାତିକ
ଅଶୋଭନୀୟତା ନିରୋଧ ଆନ୍ଦୋଳନ'
ଅଭିନବ ବିଡାନାସୀ, କଟକ-୧୪
ମୋବ ନଂ - ୯୯୩୭୧୭୨୮୧୦

Address - Dr. Arundhati Devi
Director cum Secretary,
International Indecency
Prevention Movement,
Abhinab Bidanasi, Cuttack-14
Mob. No-9937172810


➔ ପ୍ରାପ୍ତି ସ୍ଥାନ - ଶୋଭନୀୟ ଶିକ୍ଷାଶ୍ରମ, ଆଇ.ଡି.ଏଲ୍, ଲାଠିକଟା, ଓଡିଶା

❀❀❀

## ସର୍ବେ ଭବନ୍ତୁ ସୁଖୀନଃ

କଟକ ଆଶ୍ରମ ୦୭.୧୧.୯୧

ପ୍ରତି କର୍ମର ଶେଷ ପରିଣତି ଭାବି କର ତୁମେ କର୍ମ
ଯେଉଁ କର୍ମରେ ଜଗତ ଶାନ୍ତି ସେହି କର୍ମ ହିଁ ଧର୍ମ ।

ପରମ କଲ୍ୟାଣୀୟ ନିର,

ଅନ୍ତରର ସ୍ନେହଭରା ଶୁଭାଶିଷ ନେବୁ । ପରିବାର ଓ ଆତ୍ମଶୁଦ୍ଧି ସଂଗଠନର ସମସ୍ତଙ୍କୁ ସ୍ନେହଭରା ଶୁଭାଶିଷ ଜଣାଇବୁ । ତୋର ଚିଠି ପାଇ ଉତ୍ତର ଦେଇଛି । କଳାହାଣ୍ଡି ଜିଲ୍ଲାର ପ୍ରାୟ କୋଡ଼ିଏଟି ହାଇସ୍କୁଲ କଲେଜ ଓ ସାଧାରଣ ସଭାରେ ଯୋଗ ଦେଇ ଫେରିଲି । ସବୁ ଆଡ଼େ ବାସ୍ତବ ମଙ୍ଗଳମୟ ଜାଗରଣ ଦେଖାଦେଲା । ଆଦିବାସୀ ଓ ହରିଜନ ବିଭାଗ ମନ୍ତ୍ରୀ ଶ୍ରୀ ଘାସିରାମ ମାଝୀ ତାଙ୍କ ତରଫରୁ ନିଜେ ଭୁବନେଶ୍ୱରରୁ ଯାଇ ଦୁଇଟି ସଭାରେ ଯୋଗ ଦେଇଥିଲେ । ବାସ୍ତବତା ସମସ୍ତେ ବୁଝୁଛନ୍ତି ଭାଷଣ ପରେ ଏବଂ ଅସାଧାରଣ ସୁଜାଗରଣ ଦେଖାଯାଉଛି କିନ୍ତୁ ଚାରି ପାଖର ଭ୍ରାତି, ମାୟା, କ୍ଷଣିକ ସୁଖର, ମୋହ, କୃତ୍ରିମ ଚାକଚକ୍ୟ ଓ ସୁବିଧାବାଦୀତା କୁଟୀଳ ଯୁକ୍ତି ମଣିଷକୁ ଭ୍ରାତି ଓ ଧ୍ୱଂସର ପଥରେ ନେଇ ଯାଉଛି ।

ଶିକ୍ଷା ପଦ୍ଧତି ସହ ସାହିତ୍ୟ, କଳା, ସଙ୍ଗୀତ, ନାଟକ, ସମ୍ବାଦପତ୍ର, ରେଡିଓ, ଭି.ଡି.ଓ, ଟି.ଭି. ଓ ଚଳଚ୍ଚିତ୍ରର ସୁପରିବର୍ତ୍ତନ ଅତି ଜରୁରୀ । ବାସ୍ତବ ମଙ୍ଗଳମୟ ଚେତନା ଜାଗରଣ ପାଇଁ ଅନେକ ବହି ଓ ପତ୍ରପତ୍ରିକା ପ୍ରକାଶ ଦରକାର ଓ ଶିକ୍ଷାମାର୍ଗ, ସମ୍ବାଦପତ୍ର, ରେଡିଓ, ଭିଡିଓ, ଟି.ଭି. ଚଳଚ୍ଚିତ୍ରର ବିନିଯୋଗ ଦରକାର । ଦୃଢ ଆଇନ ଓ ପ୍ରଶାସନିକ ବ୍ୟବସ୍ଥା ପ୍ରବର୍ତ୍ତନ କରି କୁପ୍ରଭାବଶାଳୀ ପୁସ୍ତକ, ପତ୍ରପତ୍ରିକା, ନାଟକ, ସଙ୍ଗୀତ, ରେଡିଓ, ଭି.ଡି.ଓ., ଟି.ଭି. ଚଳଚ୍ଚିତ୍ର ବନ୍ଦ ନକଲେ ଏବଂ ଏ ସମସ୍ତ ପ୍ରଭାବଶାଳୀ ଗଣମାଧ୍ୟମକୁ ସୁପ୍ରଭାବମୟ ନକଲେ ଅଧିକ ପତନ, ଦୁଃଖ ଓ ଶେଷରେ ଯନ୍ତ୍ରଣାମୟ ଧ୍ୱଂସ ସୁନିଶ୍ଚିତ । ଏହି ବାସ୍ତବତା ଓ ସତ୍ୟର ସନ୍ଧାନ ସମସ୍ତଙ୍କୁ ଦେବା ଓ ଘରେ ଘରେ ପ୍ରତି ସ୍ତରରେ ଆତ୍ମସମୀକ୍ଷା ଓ ଆତ୍ମଶୁଦ୍ଧି ସାଧନାକୁ ପ୍ରାଣବନ୍ତ କରି ତୋଳିବା ଆମର ସାଧକ ମାନଙ୍କର ପ୍ରଥମ କାର୍ଯ୍ୟ ।

Progress may be slow but it must be real and blissful.

ମଙ୍ଗଳମୟ ଭଗବାନଙ୍କୁ ଆଦର୍ଶ ଗୁରୁ ଓ ମହାନ୍ ମଙ୍ଗଳମୟ ସାଧନା ମାର୍ଗ କୁ ପ୍ରତି ମୁହୂର୍ତ୍ତ ରେ ନମ୍ର ଭକ୍ତିପୂର୍ଣ୍ଣ ଚିତ୍ତରେ ସ୍ମରଣ କରି ସୁଉଦ୍ୟମ କରିଯାଅ । ତରତର ରେ କାମ ଚଳାଇବା ପାଇଁ ଏଣୁ ତେଣୁ ଲୋକ ରଖିବା ଉଚିତ ନୁହେଁ । Think Judge then Act.

ହଁ "ଯୁଗସୂର୍ଯ୍ୟ"ର ବିଜ୍ଞାପନ ପାଇଁ ଚିଠି ପଠାଇଲି । ସମ୍ଭବ ହେଲେ ନିୟମିତ ପଠାଇବୁ । ପ୍ରତିଦିନ କିଛି ଇଂରାଜୀ ଭାଷା, ଲେଖା ଅଭ୍ୟାସ ତୁ କର । ଅନୁବାଦ କର । ଗୁରୁମାମାନଙ୍କୁ ଙ୍କୁ ନିଜର ଜ୍ଞାନ ବଢ଼ାଇବାକୁ କହ ।

ତୋର ଚିର ଶୁଭକାମୀ

**କୁମାର ଭାଇ**.

-----❀❀❀-----

# ନିର ର ସ୍ମୃତିରେ

ନିର ,

ମୋର ସ୍ନେହାଶୀଷ ନେବୁ | ବହୁତ ଦିନ ଧରି ତୋ ଦେହ କଥା କାନ୍ତିକୁ ଓ ଚାରୁ କୁ ପଚାରୁଥିଲି |ଏବେ ତିନିଦିନ ହେବ ଆଉ ଚାରୁକୁ ଫୋନ୍ କରି କ'ଣ କହିବି ଭାବି ପାରୁନଥିଲି | ତୋର ଏ 'ମାଆଙ୍କ' ପ୍ରତି ସ୍ନେହ ,ଶ୍ରଦ୍ଧା ସମ୍ମାନ ଚିର ଦିନ ମନେ ରହିବ ରେ |

ଗୁହାଳି ,ଉଦୟଗିରି ,କଟକ ,କୋଣାର୍କ ଆମେ ଯେଉଁଠି ଥିଲେ ବି ତୁ ଅଚାନକ ପହଞ୍ଚିଯାଉ |ପୂଜ୍ୟ ବଡ ଭାଇଙ୍କର ପରାମର୍ଶ ନେବା ପାଇଁ ତୋର ବ୍ୟାକୁଳତ କୁ ଲକ୍ଷ୍ୟ କରି ବଡ ଭାଇ ଶୋଭନୀୟ ଶିକ୍ଷାଶ୍ରମ ପାଇଁ ରୁଟିନ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ବନ୍ଧରେ ତୋତେ ବୁଝାଇଦିଅନ୍ତି | ନିରବରେ ସବୁ ଶୁଣୁଥାଉ |ରାଉରକେଲା ଶୋଭନୀୟ ଶିକ୍ଷାଶ୍ରମ ପରିଚାଳନାରେ ତୋର ନିଷ୍ଠା, ଦୃଢତା ପାଇଁ ଶିକ୍ଷାଶ୍ରମର ଛାତ୍ରଛାତ୍ରୀମାନେ ସୁନ୍ଦରଗଡ଼ ଜିଲ୍ଲାରେ ସୁନାମ ଅର୍ଜନ କରିଛନ୍ତି |ରୁକ , ସତ୍ୟ ,ଏବଂ ମୁଁ ରାଉରକେଲା ଶୋଭନୀୟ ଶିକ୍ଷାଶ୍ରମ ରେ ଚାରିଦିନ ରହଣି ସମୟରେ ତୋର ଶ୍ରଦ୍ଧାପୂର୍ଣ୍ଣ ଅତିଥେୟତା ଏବଂ ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ଆଦର୍ଶ କୁ ଅନୁକରଣ କରିବାରେ ପ୍ରଚ୍ଛନ୍ନ ନିଷ୍ଠା ଆମକୁ ଆନନ୍ଦିତ କରିଥିଲା |ଏବେ ସ୍ମୃତିରେ ସେ ଦିନକୁ ଭେଟିବାକୁ ପଡୁଛି |ରଙ୍ଗ ମଞ୍ଚର ଅଭିନୟ ସାରି ସମସ୍ତେ ଦିନେ ବାହୁଡିବେ......... | ତୋର ଆତ୍ମାକୁ ପରମେଶ୍ୱର ଶାନ୍ତି ପ୍ରଦାନ କରନ୍ତୁ | ଭଲ କାମ କରି ଭଲ ମଣିଷ ଭାବେ ଜୀବନ ସାରିବା ବଡକଥା ଏହା ତ ଶୋଭନୀୟ ଆନ୍ଦୋଳନର ମୂଳଦୁଆ |

ତୋର ଆତ୍ମାକୁ ପରମେଶ୍ୱର ଶାନ୍ତି ପ୍ରଦାନ କରନ୍ତୁ

ତୋର ଶୁଭାକାଂକ୍ଷୀ ମାଆ  
**ଶ୍ରୀମତୀ ଶାରଦା ଦେବୀ**  
ଶୋଭନୀୟ ଆନ୍ଦୋଳନ

----❀❀❀----

Minister of Tribal Affairs
Government of India,
Shastri Bhawan, New Delhi

सत्यमेव जयते



JUAL ORAM
जुएल ओराम

## **Message**

I am deeply shocked and saddened to hear the untimely demise of Late Niranjan Bhai. He was deeply committed to the cause of Tribal education and social welfare. In his death we lost a dedicated human being. His contribution to the people of Sundargarh in various assignments will be remembered for a long time.

I convey my heartfelt condolence to the family members. May the almighty God grant peace and solace and give strength to the family to overcome this irreparable loss.

May his soul rest in peace.

(JUAL ORAM)

----❀❀❀----

# ବାର୍ତ୍ତା

ଶୋଭନୀୟ ଆଶ୍ରମର ଶୋଭା ନିରଞ୍ଜନ ଭାଇ...

ନିରଞ୍ଜନ ଭାଇ । ସାମାଜିକ ସେବାର ଥିଲେ ମୂର୍ତ୍ତିମନ୍ତ ପ୍ରତୀକ । ଲାଠିକଟା ସ୍ଥିତ ଶୋଇନୀୟ ଶିକ୍ଷାଶ୍ରମର କାର୍ଯ୍ୟକ୍ରମ ନିରଞ୍ଜନ ଭାଇ ଙ୍କ ପାଇଁ ସୃଷ୍ଟି କରିଥିଲା ନୂଆ ପରିଚୟ । ଅଶୋଭନୀୟତା ନିରୋଧ ଆନ୍ଦୋଳନର ନେତୃତ୍ବ ନେଇ ପୂଜ୍ୟ କୁମାର ଭାଇ ଆଧ୍ୟାତ୍ମିକ ଜୀବନକୁ ନୂଆରୂପ ଦେଇଥିଲେ । କୁମାର ଭାଇ ଙ୍କ ଆଶୀର୍ବାଦ ରେ ଲାଠିକଟା ରେ ଶୋଭନୟ ଶିକ୍ଷାଶ୍ରମ ଗଢି ଉଠିଥିଲା ପୂଜ୍ୟଶ୍ରୀ କୁମାର ଭାଇଙ୍କ ଆଦର୍ଶ ଓ ବିଚାର ଧାରାକୁ ଯେଉଁ କେତେଜଣ ସାଧନାପିପାସୁ ଯୁବଶକ୍ତି ଅଗ୍ରଗଣ୍ୟ ଭୂମିକା ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରେ ନିରଞ୍ଜନ ଭାଇ ଥିଲେ ଅନ୍ୟତମ । ପୂଜ୍ୟଶ୍ରୀ ଭାଇଙ୍କର ଏହି କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ନିରଞ୍ଜନ ଭାଇ ଶିକ୍ଷା ଓ ସାମାଜିକ ସଂସ୍କାର ପାଇଁ ସଚେତନ କରିବାରେ ଏକ ବଡ଼ ଅଭିଯାନ ଗଢି ତୋଳିଥିଲେ । ସେ ଥିଲେ ଅନୁଷ୍ଠାନର ପ୍ରାଣ । କଠୋର ସାଧନାମୟ ଜୀବନକୁ ସେ ଆପଣାଇ ନେଇଥିଲେ । ରାଉରକେଲାରେ ଶିକ୍ଷାବିତ, ଡାକ୍ତର ଓ ବିଶିଷ୍ଟ ଆଧ୍ୟାତ୍ମିକ ମନସ୍କ ବ୍ୟକ୍ତିତ୍ବ ଙ୍କୁ ନେଇ ଶୋଭନୀୟ ଶିକ୍ଷାଶ୍ରମକୁ ନୂଆ ରୂପ ଦେବା ସହିତ ଅଞ୍ଚଳ ରେ ଶୋଭନୀୟ ଅଭିଯାନକୁ ନୂଆ ରୂପ ଦେଇଥିଲେ ।

ପୂଜ୍ୟ କୁମାର ଭାଇ ଙ୍କ ନୀତି ଆଦର୍ଶକୁ ଅକ୍ଷରେ ଅକ୍ଷରେ ପାଳନ କରି ସେ ଏହି ଶିକ୍ଷାନୁଷ୍ଠାନକୁ ଏକ ଛୋଟ ଚାରା ଗଛଟିରୁ ଆଜି ମହାଦ୍ରୁମରେ ପରିଣତ କରିଛନ୍ତି । ନିରଞ୍ଜନ ଭାଇ ତାଙ୍କ ଗୁରୁଦେବଙ୍କ ଆଦର୍ଶକୁ ପାଥେୟ କରି ଯେଉଁ କାମ କରିବାକୁ ଯାଇଛନ୍ତି ସେଥିରେ ସଫଳ ହୋଇଛନ୍ତି । ସମସ୍ତ କାର୍ଯ୍ୟ ସେ ପୂରଣ କରିଛନ୍ତି । ନିଜ ପରିବାର, ଶାରୀରିକ ରୋଗ ଯନ୍ତ୍ରଣାକୁ ପଛରେ ପକାଇ ଆଶ୍ରମର ପୁଅଝିଅ ଭାଇ ଭଉଣୀ ଙ୍କୁ ନେଇ ଏକ ବିଶ୍ବ ଶୋଭନୀୟ ପରିବାର ଗଠନ କରିବାରେ ସଫଳ ହୋଇଥିଲେ । ସେହିଭଳି ଜଣେ ଦିବ୍ୟ ପୁରୁଷଙ୍କୁ ମୁଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

**ଶ୍ରୀଯୁକ୍ତ ସାରଦା ପ୍ରସାଦ ନାୟକ**

ବିଧାୟକ, ରାଉରକେଲା, ଓଡିଶା

---❀❀❀---

# MESSAGE

As we mourn the loss of “NIRANJAN BHAI”, Secretary of Sovaniya Sikhyashram such a remarkable dedicated Social Worker, Leader, and Administrator of Educational Department, we also celebrate his extraordinary life & the countless ways in which he touched our hearts & changed our community for the better. His legacy of kindness, generosity & unwavering commitment to making the world a better place will continue to live on.

May the memory of his incredible contributions bring comfort to all who grieve the immense loss.

With warm regards,

**SUBRAT TARAI,**
Ex. Minister & Ex. M.L.A.
Raghunathpali.

----❀❀❀----

# ଶ୍ରଦ୍ଧାଞ୍ଜଳି

ଶୋଭନୀୟ ଆନ୍ଦୋଳନ ରାଉରକେଲା ଶାଖାର ମୁଖ୍ୟ ଶ୍ରୀଯୁକ୍ତ ନିରଞ୍ଜନ ଭାଇଙ୍କ ବିୟୋଗରେ ମୁଁ ଗଭୀର ଭାବେ ମର୍ମାହତ । ବିଦେଶରେ ଦୂରରେ ଥିବାରୁ ଯୋଗଦେଇ ପାରୁନାହିଁ । ଏହା ଆନ୍ଦୋଳନ ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କ ଅମର ଆତ୍ମାର ସଦ୍ ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଜଗନ୍ନାଥଙ୍କ ପଦାରବିନ୍ଦରେ ପ୍ରାର୍ଥନା କରୁଛି ।

ଶୋକ ସନ୍ତପ୍ତ<br>
Mr. Gangadhar Panda<br>
Life Member, IIPM<br>
(International Indecency Prevention Movement)<br>
Alabama, U.S.A (America)

❀❀❀

---

Niranjan Bhai,

You will remain etched in our memories for your infectious touch and your unwavering commitment for the society. Your dedicated life to lifting others, selfless work in marking the society purer and more just. Your actions were a blessing to many. We will honour your legacy by continuing the work of kindness and truth.

A truly good heart has stopped beating, but a heart that has touched so many lives can't help but live on in those who love. You will always be remembered for your sincere efforts and kind deeds that helped build a brighter, purer world for all.

Greatly loved, deeply missed.

**Akshaya Ku. Sahoo**

Ex. Secretary, Rourkela Bar Association.

# ମରଣଜୟୀ ସେ ପୁଣ୍ୟସାଧକ



- ଡ. ଅରୁନ୍ଧତୀ ଦେବୀ

ଏଇ ଗଲା ସେପ୍ଟେମ୍ବର ଚାରି ତାରିଖ ସନ୍ଧ୍ୟାରେ କଟକ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ପୂଜ୍ୟଶ୍ରୀ କୁମାର ଭାଇଙ୍କ ସ୍ମୃତିପୀଠ ସମ୍ମୁଖରେ ହାତରେ ଫୁଲଧରି, ଘଣ୍ଟ ଘଣ୍ଟା ଧରି ଅପେକ୍ଷା କରିଥିଲୁ । କିଏ ଅତିଥି ଆସିବେ କି ? ମାତ୍ର ଆକାଶର ଜହ୍ନଟା ଫିକା ଫିକା ଦେଖାଗଲା । ଚାରିଆଡ଼େ ନିରବତା ଛାଇଯାଇଥିଲା । ଭୁବନେଶ୍ୱରରୁ ଆସି ଫାଟକ ପାଖରେ ଗାଡ଼ି ଲାଗିଲା । ନିରବତା ଭାଙ୍ଗି କୋଳାହଳ ଶୁଭିଲା । ମାତ୍ର ତାହା ଥିଲା ବୁକୁଥରା କ୍ରନ୍ଦନର ଧ୍ୱନି ଓ ବିକଳ ପ୍ରାର୍ଥନାର ସ୍ୱର । ନିରବଚ୍ଛିନ୍ନ ଶୋଭନୀୟ ପୁଣ୍ୟସାଧକ ନିରଞ୍ଜନ ଦିବ୍ୟାତ୍ମାଙ୍କର ପାର୍ଥିବ ଶରୀର ପହଞ୍ଚିଥିଲା ତାଙ୍କ ପୂଜ୍ୟ ଗୁରୁଦେବଙ୍କ ସ୍ମୃତିପୀଠରେ ବିଦାୟ ନେବାକୁ । ତିନିଦିନ ତଳେ ଭୁବନେଶ୍ୱର ଡାକ୍ତରଖାନାକୁ ଯାଇଥିଲି ସାଙ୍ଗରେ ମମତା ଗୁରୁମାଙ୍କୁ ନେଇ । ଆଇସିୟୁର ସଫେଦ ବେଡ୍ ଉପରେ ତାଙ୍କୁ ଦେଖି ଆସିଥିଲୁ, ଡାକ୍ତର ଓ କେତେକଙ୍କ ସହ କଥା ହୋଇଥିଲୁ, ତାଙ୍କର ସୁ-ଚିକିତ୍ସା ଓ ଆଶୁ ଆରୋଗ୍ୟ କାମନା କରି । ମାତ୍ର ତିନିଦିନ ପରେ ଏପରି ଖବର ଶୁଣି ଚମକି ପଡ଼ିଥିଲୁ । ସାରା ଶୋଭନୀୟ ପରିବାର ସ୍ତବ୍ଧ, ଶୋକାକୂଳ ହୋଇଉଠିଲା । ସେ ଥିଲେ ଶୋଭନୀୟ ଆନ୍ଦୋଳନର ଏକ ଶକ୍ତିଶାଳୀ ସ୍ତମ୍ଭ, ଶୋଭନୀୟତାର ମଶାଲଧାରୀ, ନିଃସ୍ୱାର୍ଥପର ସେବକ ଓ ଶୁଦ୍ଧ ସାଧକ । ଠାକୁର ରାମକୃଷ୍ଣ ପରମହଂସଙ୍କ ପଟ୍ଟଶିଷ୍ୟ ସ୍ୱାମୀ ବିବେକାନନ୍ଦଙ୍କ ଭଳି, ଗୁରୁଦେବ ପୂଜ୍ୟଶ୍ରୀ କୁମାର ଭାଇଙ୍କର ସେ ଥିଲେ ପରମ ଅନୁଗାମୀ, ପଟ୍ଟଶିଷ୍ୟ ।

୧୯୭୮ ମସିହାରେ ନବମ ଶ୍ରେଣୀରେ ଲାଲବାହାଦୁର ଶାସ୍ତ୍ରୀ ବିଦ୍ୟାପୀଠ ଓରିକଣ୍ଡାରେ ପଢୁଥିବାବେଳେ ଅଚ୍ୟୁତାନନ୍ଦ ବିଦ୍ୟାପୀଠ, ନେମାଳ କଟକ ସଭାରେ, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ପରମ କାରୁଣିକ ସ୍ରଷ୍ଟା ପୂଜ୍ୟଶ୍ରୀ କୁମାରଭାଇଙ୍କ ନୈତିକତା ଜାଗରଣକାରୀ ଆତ୍ମସମୀକ୍ଷା ଆତ୍ମଶୁଦ୍ଧି ଅଭିଭାଷଣ ଶୁଣିବାର ସୁଯୋଗ ସେ ପାଇଥିଲେ । ପୂଜ୍ୟଶ୍ରୀ ଭାଇଙ୍କର ସେଦିନ ନିଜକୁ ଭଲ ମଣିଷ କରି ଗଢ଼ିବାର ଜାନୁପାତି ନିବେଦନ ଓ ଉଚ୍ଚ ସ୍ୱରର ସଂଗୀତ “ ଶାନ୍ତି କାହିଁ ଶାନ୍ତି କାହିଁ, ଦୁନିଆସାରା ମୁଁ ବୁଲି ଆସିଲେଣି, ଶାନ୍ତି ତ ଦେଖୁନାହିଁ, କୁହ ବନ୍ଧୁ କୁହ ବାନ୍ଧବୀ ସତେ ଶାନ୍ତି ରହିଛି କାହିଁ ?” ର ମର୍ମସ୍ପର୍ଶୀ ଆହ୍ୱାନ ତଙ୍କ ହୃଦୟକୁ ଚହଲାଇ ଦେଇଥିଲା। ପୂଜ୍ୟ ଭାଇ ପୁଣି କହିଥିଲେ - Two invisible eyes are always watching you. ସେହିଦିନ ଶୋଭନୀୟତାର ବୀଜଟିଏ ରୋପଣ ହୋଇଥିଲା ତାଙ୍କ ମଧରେ । ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ସେ ଚାକିରୀ କଲେ। କଟକ ଶିକ୍ଷାଶ୍ରମରୁ ପୂଜ୍ୟଶ୍ରୀ ଭାଇଙ୍କ ପତ୍ରପତ୍ରିକା ଯୁଗସ୍ରଷ୍ଟା, ଗାଁ ଭାଗବତ ପ୍ରଭୃତି ନେଇ ସେ ପଢ଼ିଥିଲେ । ଦୀର୍ଘ ଦଶ ବର୍ଷ ବର୍ଷ ପରେ ୧୯୮୭ ମସିହା ଫେବୃଆରୀ ୧୧ ତାରିଖରେ ସେ କଟକ ଶିକ୍ଷାଶ୍ରମରେ ପହଂଚିଥିଲେ। ପୂଜ୍ୟଶ୍ରୀ ଭାଇଙ୍କ ଦର୍ଶନ ଲାଭ କରିଥିଲେ । ପରଦିନ ସକାଳ ପ୍ରାର୍ଥନା ସଭାପରେ ପୂଜ୍ୟଶ୍ରୀ ଭାଇ ତାଙ୍କୁ କହିଥିଲେ – ଦେଖ ନିର, ବର୍ତ୍ତମାନ ସମାଜରେ ଚାରିଆଡ଼େ ଅଶାନ୍ତି, ହିଂସା, ରାଗ, ବଢ଼ିଚାଲିଛି। ମନୁଷ୍ୟ ମଧରେ ସବୁ ଥାଇ ମଧ ସେ ଶାନ୍ତି ପାଇଁ ପାଇଁ ଚିତ୍କାର କରୁଛି। ଏପରି ଅବସ୍ଥାରେ ଏ ସମାଜକୁ ବଦଳାଇବ କିଏ ? ମୁଁ ଖୋଜୁଛି ତୁମଭଳି ଗୋଟିଏ ଗୋଟିଏ ଭାଇ ଯେଉଁମାନେ ଏ ଦେଶଜାତିକୁ ଧ୍ୱଂସମୁଖରୁ ରକ୍ଷା କରିବାକୁ ପ୍ରଚେଷ୍ଟା କରିଯିବେ। ସେଦିନ ପୂଜ୍ୟଶ୍ରୀ ଭାଇଙ୍କ ଆଖି ଭିଜିଯାଇଥିଲା ନିବେଦନର ଲୁହରେ। ସେଦିନ ଯୁବକ ନିରଞ୍ଜନ ଏକ ମହାନ ଶପଥ ନେଇ ରାଉରକେଲାକୁ ଫେରିଆସିଥିଲେ। ନିରଞ୍ଜନ ଲେଖିଛନ୍ତି – ପୂଜ୍ୟଶ୍ରୀ ଭାଇ ମନଗଠନ ପାଇଁ ତାଙ୍କୁ ବୁଝାଇବାବେଳେ ସେ ଅବୋଧ ବାଳକ ପରି ତାଙ୍କ ମୁଖମୁଣ୍ଡଳ (ମହାସୂର୍ଯ୍ୟ)ଙ୍କୁ ସେ ଅନେଇ ରହୁଥିଲେ। ତାଙ୍କ କଥାକୁ ଅମୃତ ଭଳି ପାନ କରୁଥିଲେ। ରାଉରକେଲା ଶିକ୍ଷାଶ୍ରମ ଆରମ୍ଭ ପୂର୍ବରୁ ସେ ନିଜ ଗ୍ରାମର କଟକ ଶୋଭନୀୟରେ କାମ କରୁଥିବା ଭଉଣୀ ଚାରୁଙ୍କୁ ସାଙ୍ଗରେ ନେଇ,

ଶୋଭନୀୟତାର ମନ୍ତ୍ର ନିଜ ଅଞ୍ଚଳରେ ପ୍ରଚାର କଲେ । ସମୟକ୍ରମେ ରାଉରକେଲାରେ ପୂଜ୍ୟଶ୍ରୀ ଭାଇଙ୍କ ବିଭିନ୍ନ ସ୍କୁଲ, କଲେଜ, ଅନୁଷ୍ଠାନମାନଙ୍କର ଆତ୍ମଶୁଦ୍ଧି ସଭାରେ ଯୋଗଦେଇ ପୂଜ୍ୟଶ୍ରୀ ଭାଇଙ୍କ ନିକଟ ସାନ୍ନିଧ ଲାଭ କରିବା ସହ ଅଧିକ ଭାବେ ଶୋଭନୀୟତାର ନୀତି ଆଦର୍ଶରେ ଅଭିମନ୍ତ୍ରିତ ହେଲେ, ଅଧିକ ସଶକ୍ତ ହେଲେ ଏବଂ ଗୁରୁ ଆଶୀର୍ବାଦରେ ରାଉରକେଲାରେ ଶୋଭନୀୟ ଶିକ୍ଷାଶ୍ରମ ଗଢି ତୋଳିଲେ–ସ୍ଥାୟୀ ପ୍ଲାଟଫର୍ମ ସହ ହଜାର ହଜାର ଛାତ୍ରଛାତ୍ରୀଙ୍କ ମନଜୀବନ ଗଠନ ପାଇଁ । ଅନେକ ବିଶିଷ୍ଟ ବ୍ୟକ୍ତିଙ୍କୁ ଏଥିରେ ସାମିଲ କରାଇଲେ। ରାଉରକେଲାର ଆଇ.ଡି.ଏଲ୍, ଜଲ୍‌ଦା ଓ ଲାଠିକଟା ଠାରେ ତିନିଟି ସ୍ଥାନରେ ଶୋଭନୀୟ ଶିକ୍ଷାଶ୍ରମ ଗଢିଉଠିଲା, ତାଙ୍କର ଅକ୍ଳାନ୍ତ ପରିଶ୍ରମ, ନିଷ୍ଠା, ତ୍ୟାଗ ଓ ସାଧନା ବଳରେ। ମୂଳରୁ ସେହି କାର୍ଯ୍ୟରେ ସହଯୋଗ କରୁଥିଲେ ଶୋଭନୀୟ ଭଉଣୀ ସେବିକା ଚାରୁ ଗୁରୁମା। ଏବେ ସ୍ଥାୟୀ କ୍ୟାମ୍ପସ୍‌ରେ ଦୁଇଟି ସ୍ଥାନରେ ଆଇ.ଡି.ଏଲ୍ ଓ ଲାଠିକଟା ରେ ସୁନ୍ଦରଭାବେ ସ୍ଥାୟୀ ଅନୁଷ୍ଠାନ କାର୍ଯ୍ୟ କରୁଛି, ନିଃସ୍ୱାର୍ଥପର ସେବା ଓ ନୈତିକତାର ଆଦର୍ଶବୋଧକୁ ନେଇ। ଶିକ୍ଷାଶ୍ରମ ଆରମ୍ଭ ପରେ ପରେ ଏହି ସମୟରେ ପୂଜ୍ୟଶ୍ରୀ ଗୁରୁଦେବଙ୍କ ଆଶୀର୍ବାଦ ନେଇ ତାଙ୍କର ବିବାହକାର୍ଯ୍ୟ ଅନୁଷ୍ଠିତ ହେଲା, ମାତ୍ର ତାହା ଥିଲା ଭିନ୍ନ ଧରଣର। ସେ ଚାଲି ଚାଲି ଶ୍ୱଶୁରାଳୟକୁ ବରଯାତ୍ରୀଙ୍କ ସହ ବିବାହ ପାଇଁ ଶୋଭାଯାତ୍ରାରେ ଯାଇଥିଲେ, ବାଣବାଜା ବଜାଇ ନୁହେଁ ବରଂ ପୂଜ୍ୟଶ୍ରୀ ଭାଇଙ୍କ ରଚିତ କିଛି ସ୍ଲୋଗାନ ଦେଇ ଦେଇ ଯେପରିକି ବାପା-ମା–ଭାଇ-ଭଉଣୀ ଜାଗ୍ରତ ହୁଅ, ଜାଗ୍ରତ ହୁଅ, ଯୌତୁକ ପାପ – ଦୂର ହେଉ ଦୂର ହେଉ, ବର ବିକ୍ରି – ବନ୍ଦ୍ ହେଉ ବନ୍ଦ୍ ହେଉ, ଯୌତୁକ ଆମେ – ଦେବା ନାହିଁ ନେବା ନାହିଁ, ମଣିଷପଣିଆ – ବିକିବା ନାହିଁ ବିକିବା ନାହିଁ ଇତ୍ୟାଦି । ତାହା ସମ୍ପୂର୍ଣ୍ଣ ଯୌତୁକବିହୀନ ଆଦର୍ଶ ବିବାହ ଥିଲା। ପୂଜ୍ୟଶ୍ରୀ ଭାଇ ବହୁତ ଖୁସି ହୋଇଥିଲେ । ସହଧର୍ମିଣୀ ହେଲେ ଶ୍ରୀମତୀ କାନ୍ତିଲତା ଦେବୀ । ସେ ନିରଞ୍ଜନଙ୍କ ଦ୍ୱାରା ପ୍ରଭାବିତ ହେଲେ, ସାଧା ଧଳାଶାଢୀ ସବୁଦିନ ପରିଧାନ କଲେ ଓ ଶିକ୍ଷାଶ୍ରମ କାର୍ଯ୍ୟରେ ନିଜକୁ ନିୟୋଜିତ କଲେ ରୋଷେଇଶାଳଠାରୁ – ଶ୍ରେଣୀଗୃହରେ ଶିକ୍ଷାଦାନ ପର୍ଯ୍ୟନ୍ତ । କଟକ ଓ ଉଦୟଗିରି ଶୋଭନୀୟ ଶିକ୍ଷାଶ୍ରମରେ ପଢିଥିବା ତାଙ୍କର ଦୁଇଭାଇ ଚିତ୍ତ ଓ ସରୋଜକୁ ମଧ୍ୟ ପ୍ରାରମ୍ଭିକ ଅବସ୍ଥାରେ ଶିକ୍ଷାଶ୍ରମ କାମରେ ନିୟୋଜିତ କରିଥିଲେ। ସତ୍‌ସାଧନା କେବେ ବ୍ୟର୍ଥ ଯାଏନା । ବହୁ ଝଡ଼ଝଞ୍ଜା ଦେଇ ରାଉରକେଲାରେ ଶୋଭନୀୟ ଶିକ୍ଷାଶ୍ରମ ଏକ ପ୍ରତିଷ୍ଠିତ ଅନୁଷ୍ଠାନରେ ପରିଣତ ହେଲା । ସମ୍ପାଦକ ନିରଞ୍ଜନବାବୁ ଫୁଲ୍‌ପ୍ୟାଣ୍ଟ୍ ସାର୍ଟ ଛାଡି ସୂତାର ଧଳା ଟ୍ରାଉଜର ପଞ୍ଜାବୀ ପିନ୍ଧିଲେ। ପରେ କେବେ ତାହାର ବ୍ୟତିକ୍ରମ ହୋଇନି । ଦୁଇଟି ପୁତ୍ର ସନ୍ତାନର ସେ ଜନକ ହେଲେ, ଜ୍ଞାନ ଓ ସତ୍ୟ । ଛୋଟ, କୁନି କୁନି ପାଟିରୁ ତାଙ୍କର ଶୁଣାଯାଏ – ପୂଜ୍ୟଶ୍ରୀ ବଡ଼ଭାଇ ପୂଜ୍ୟଶ୍ରୀ ବଡ଼ଭାଇ ରାମନାମ ହନୁମାନଙ୍କ ପାଟିରୁ ଝରିଲା ପରି । ମୂଳରୁ ସେମାନେ ଆଶ୍ରମ ଜୀବନ ବିତାଇଲେ ଓ ତା ପାଇଁ କାମ ମଧ୍ୟ କଲେ। ଜ୍ୟେଷ୍ଠପୁତ୍ର ଏବେ ବାହାରେ ସରକାରୀ ଚାକିରୀ କରୁଛନ୍ତି। କନିଷ୍ଠ ସତ୍ୟ ରାଉରକେଲା ଶୋଭନୀୟ ଅନୁଷ୍ଠାନ ପାଇଁ ଏବେ ସମର୍ପିତ ଭାବେ ସମୟ ଦେଉଛନ୍ତି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅଭିଭାବକ, ପୁରାତନ ଏବଂ ନୂତନ ଛାତ୍ରମାନଙ୍କ ଦ୍ୱାରା ଶିକ୍ଷାଶ୍ରମ ଏବେ ଖୁବ୍ ଆଦୃତ। ଏହି ପ୍ରଗତି, ଅଗ୍ରଗତିର ସାରଥୀ ଓ ସେନାପତି ଶ୍ରୀଯୁକ୍ତ ନିରଞ୍ଜନ ବେହେରା ଏବେ ସମସ୍ତଙ୍କର ପ୍ରିୟ ପୁଣ୍ୟପଥିକ ମାନନୀୟ ନିରଞ୍ଜନଭାଇ ଓରଫ୍ ନିର ଭାଇରେ ପରିଣତ ହୋଇଯାଇଛନ୍ତି। ସରକାରୀ ଚାକିରୀ କାର୍ଯ୍ୟ ସହ ଶିକ୍ଷାଶ୍ରମ କାର୍ଯ୍ୟ ପାଇଁ ସେ ଅନୁଭବ କଲେ ସମୟ କମ୍ ହେଉଛି। ତେଣୁ ସେ ଆନନ୍ଦ ମନରେ ସରକାରୀ ଚାକିରୀରୁ ସ୍ୱେଚ୍ଛାକୃତ ଅବସର ନେଇଗଲେ। ଚାରୁଲତା ଦେବୀ ଭଉଣୀଙ୍କୁ ସାଙ୍ଗରେ ନେଇ ପୂଜ୍ୟଶ୍ରୀ ଭାଇଙ୍କ ଶୋଭନୀୟ ବାର୍ତ୍ତାର ପ୍ରଚାର ଓ ଆତ୍ମଶୁଦ୍ଧି ସଭା ପାଇଁ ସେ ବିଭିନ୍ନ ଅଞ୍ଚଳ ଗସ୍ତ କଲେ, ସ୍କୁଲ କଲେଜ ଗଲେ ଶୁଭ ଚେତନାର ଜାଗରଣ କଲେ। ପୂଜ୍ୟଶ୍ରୀ ଗୁରୁଦେବଙ୍କ ବାର୍ତ୍ତା ପ୍ରଚାର କଲେ। ଦିଲ୍ଲୀରେ କିଛି ବର୍ଷ ପାଇଁ ଶୋଭନୀୟ ଶିକ୍ଷାଶ୍ରମ ଖୋଲିଥିଲେ। ବିଦେଶ ସହ ସମ୍ପର୍କ ମଧ୍ୟ ଯୋଡିଥିଲେ। ଶୋଭନୀୟତା ଉପରେ ବହି ଓ ପତ୍ରପତ୍ରିକା ବାହାର କରୁଥିଲେ। ପୂଜ୍ୟଶ୍ରୀ ଭାଇ ତାଙ୍କ ପାଖକୁ ଯେଉଁ ଚିଠି ଲେଖିଥିଲେ ତାହା ମନଜୀବନ ଗଠନ ପାଇଁ ସମସ୍ତଙ୍କ ନିମନ୍ତେ ପ୍ରେରଣାଦାୟୀ ହେବ ବୋଲି ସେ ସବୁକୁ ଏକତ୍ର କରି ଏକ ପୁସ୍ତକ ବାହାର କରିଥିଲେ । ପୂଜ୍ୟଶ୍ରୀ ଭାଇଙ୍କ ସମାଜ ସୁରକ୍ଷାଧର୍ମୀ କିଛି କବିତାକୁ ନିଜ ଶ୍ୱଶୁରଙ୍କ ଦ୍ୱାରା ହିନ୍ଦୀରେ ଅନୁବାଦ କରାଇ ଛାପିଥିଲେ । ପୂଜ୍ୟ ଭାଇଙ୍କ ସଭାସମିତିରେ ବୋଲୁଥିବା କର୍ମବାଦ ଜିନ୍ଦାବାଦ୍, ଧର୍ମବାଦ ଜିନ୍ଦାବାଦ୍ ଓ ଆମେ ଯାତ୍ରୀ ଆମେ ଯାତ୍ରୀ, ଆମେ କ୍ଳାନ୍ତ ନୋହି ଚାଲିବା କିବା ଦିବସ କିବା ରାତ୍ରୀ ଏବଂ ଜାଗ ଲକ୍ଷ୍ମୀ ଜାଗ ଘରଣୀ, ଜାଗ ସ୍ନେହଦାୟିନୀ ମା' ତଥା ଶାନ୍ତିମୟ ହେ ମଙ୍ଗଳମୟ ତୁମରି ବିଶ୍ୱେ ଶାନ୍ତି ଦେବାକୁ,

ଶାନ୍ତି ଝରଣା କରି ଝରାଅ ଆଦିରେ ତାଙ୍କ ଦେହରେ ମନରେ ଶିହରଣ ଖେଳିଯାଉଥିଲା। ସମୟ ଗଡ଼ିଚାଲିଲା। କେତେ ଗୁରୁମା, ଗୁରୁଜୀ, କର୍ମୀ ଆସିଲେ। ମାତ୍ର ନିଃସ୍ୱାର୍ଥପରତା, ସାଧନାର କଠିନତା ଆଦି ଦେଖି ଚାଲିଗଲେ। ସ୍ଥାୟୀ ଉତ୍ସର୍ଗୀକୃତ ଭାବେ ଚାରୁ ଗୁରୁମା, କାନ୍ତି ଗୁରୁମା, କାନ୍ତିଦେବୀଙ୍କର ଭଉଣୀ ଡାକ୍ତର କଳ୍ପଲତା ଏବେ ବିଭିନ୍ନ ଦାୟିତ୍ୱ ତୁଲାଉଛନ୍ତି । ଅନ୍ୟ ଗୁରୁମା, ଗୁରୁଜୀମାନେ ସହଯୋଗ କରୁଛନ୍ତି। ବିଶେଷକଥା ହେଲା, ନିରଞ୍ଜନ ଭାଇ ଅତ୍ୟନ୍ତ ସଚ୍ଚୋଟ, ନିଷ୍ଠାପର ଓ ସାଧୁବ୍ୟକ୍ତି ଥିଲେ। ନିୟମ ପାଳନରେ ସେ କଠୋର ଥିଲେ। ପୂଜ୍ୟଶ୍ରୀ ବଡ଼ଭାଇଙ୍କ ନୀତିବାଣୀ – " ଆଉ କେହି ଭଲ ହେଉ ବା ନହେଉ, ଭଲ ମୁଁ ନିଜକୁ କରିବଇଁ | ଏହା ହେଉ ପ୍ରତି ମନର ଶପଥ ଜୀବନେ ସିଦ୍ଧି ଲାଭ ପାଇଁ।" ଏହି କଳିଯୁଗର ମହାମନ୍ତ୍ରକୁ ସେ ନିଜ ଜୀବନରେ ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ। ସେହି ନୀତିରେ ଅନ୍ୟକୁ ଗଢି ତୋଳିବାକୁ ଚେଷ୍ଟା କରୁଥିଲେ । ଏହା ଭିତରେ ନିରଭାଇ ଙ୍କ ଦେହ ଅସୁସ୍ଥ ହେଲା । ପେଟ ଅପରେସନ ହେଲା । ତାହା ମଧ୍ୟରେ ପୂଜ୍ୟଶ୍ରୀ ଗୁରୁଦେବଙ୍କ ପାଇଁ ଲାଠିକଟା ରେ ସ୍ମୃତିପୀଠ ଗଢି ତୋଳିଲେ। ଆମେ ବଡ଼ଗୁରୁମା ପୂଜ୍ୟା ରୁକ୍ମିଣୀ ଦେବୀ, ସତ୍ୟଭାମା ଦେବୀ, ଜୟନ୍ତୀ ଦେବୀ, ମୁଁ ଓ ମିନି ଗୁରୁମା ପ୍ରଭୃତି ଯାଇଥିଲୁ। କଟକ ଆଶ୍ରମରୁ ପୂଜ୍ୟଶ୍ରୀ କୁମାର ଭାଇଙ୍କର ଅସ୍ଥି କଳସ ଯାତ୍ରା ମହାସମାରୋହରେ ବାହାରିଲା । ବାଟରେ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନାସହ ସଭା ହୋଇଥିଲା । ଅନୁଗୁଳରେ ରାତ୍ରୀଯାପନ ପରେ ପରଦିନ ସନ୍ଧ୍ୟା ପୂର୍ବରୁ ରାଉରକେଲାରେ ପହଞ୍ଚିଥିଲା ପୂଜ୍ୟଶ୍ରୀ ଭାଇଙ୍କ ଅସ୍ଥିକଳସ । କି ଲୋକାରଣ୍ୟ, କି ନୃତ୍ୟ, ଗୀତ, ପୂଜାର୍ଚ୍ଚନା, ସମ୍ବର୍ଦ୍ଧନା, କି ଭାବବିହ୍ୱଳ ସମାଗମ ! ଦୁଇଦିନ ଧରି ସେଠାରେ ଶୋଭନୀୟ ଆନ୍ଦୋଳନର ସଭ୍ୟସଭ୍ୟା ରହି କାର୍ଯ୍ୟକ୍ରମ ହେଲା ।

ସମାଜ ଶୋଭନୀୟ ହେବ, ସୁସ୍ଥ, ସାମାଜିକ ଜୀବନ ହସିଉଠିବ, କେତେ କଳ୍ପନା, ଜଳ୍ପନା, ସ୍ୱପ୍ନ, ସାଧନା, ସୁକର୍ମ, ନିରନ୍ତର କର୍ମଯଜ୍ଞରେ ଲାଗିରହିବା ମଧ୍ୟରେ, ୧୯୯୩ ମସିହାରେ ଯାଇଥିଲେ ପୂଜ୍ୟଶ୍ରୀ ଗୁରୁଦେବ। ଏବେ କଟକ, ଉଦୟଗିରି, କୋଣାର୍କରୁ ମୂଳ ତ୍ୟାଗୀ ସାଧିକା ମା'ମାନଙ୍କ ଦେହାନ୍ତ ହେଲା ୨୦୧୭ ରୁ ୨୦୨୨ ମସିହା ମଧ୍ୟରେ ପୂଜ୍ୟା ରୁକ୍ମିଣୀ ଦେବୀ, ସତ୍ୟଭାମା ଦେବୀ, ଜୟନ୍ତୀ ଦେବୀ, ସୌଭାଗିନୀ ଦେବୀ ଆଦି ସ୍ୱର୍ଗଗାମୀ ହୋଇଛନ୍ତି। ମୋର ନିର୍ଦ୍ଦେଶିକା–ସମ୍ପାଦିକା ଭାବେ ଦାୟିତ୍ୱ ଗ୍ରହଣ ସମୟରେ ସେ କଟକରେ ବସିରହି ଏହି କାର୍ଯ୍ୟରେ ବହୁ ସହଯୋଗ କରିଥିଲେ।

ଶ୍ରଦ୍ଧେୟ ନିରଞ୍ଜନଙ୍କର ଏଇ କେତେବର୍ଷ ହେଲା ସ୍ୱାସ୍ଥ୍ୟରେ ଅବନତି ଦେଖାଦେଲା। ପିଲାବେଳୁ ଆଜ୍‌ମା ଥିଲା। ରାଉରକେଲା, କଟକ, ଭୁବନେଶ୍ୱର ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହେଲେ। ମୁଁ ଦିଲ୍ଲୀ ଏମ୍‌ସରେ ଚିକିତ୍ସା ପାଇଁ ମଧ୍ୟ ପ୍ରସ୍ତାବ ଦେଇଥିଲି । ରାଉରକେଲା ଆଶ୍ରମ ତାଙ୍କର ପ୍ରାଣ ଥିଲା। ଆଶ୍ରମ ପରିସରରେ ଏକ ଛୋଟିଆ ଘରେ ସେ ଅତି ନିରାଡମ୍ବରଭାବେ ରହୁଥିଲେ। ନିଜର ଏକ ଘର ଥିଲେ ମଧ୍ୟ ଶିକ୍ଷାଶ୍ରମ ଛାଡି ସେ ସେଠାରେ କେବେ ରହିନାହାଁନ୍ତି । ଉଦୟଗିରି ଓ କଟକ ଆଶ୍ରମକୁ ସେ ଆସିଲାବେଳେ ଆନନ୍ଦର ଲହଡ଼ି ଖେଳିଯାଏ । ପିଲାମାନେ ତାଙ୍କ ସାନ୍ନିଧ୍ୟ ପାଇଁ ଖୁସିରେ ଫାଟି ପଡ଼ନ୍ତି । ମୁଁ ଘଣ୍ଟା ଘଣ୍ଟା ଧରି ବସିରହିଥାଏ ଏବଂ ସେ ମୋ ସହ ଆଗାମୀ କାର୍ଯ୍ୟସୂଚୀ ବିଷୟରେ ଆଲୋଚନା କରନ୍ତି। ଅସୁବିଧାରେ ପଡ଼ିଥିବା ନୂଆ ଶିକ୍ଷାଶ୍ରମ କିପରି ଭଲରେ ଚାଲିବ ସେଥିପାଇଁ ସେ ବ୍ୟସ୍ତ ହୋଇପଡି ଚେଷ୍ଟା କରନ୍ତି । ଶୋଭନୀୟ ଆନ୍ଦୋଳନକୁ ତାଙ୍କ ଅବଦାନର ପଟ୍ଟାନ୍ତର ନାହିଁ। ସେ ନାମ ପ୍ରତିଷ୍ଠା ଓ ସମ୍ମାନଠାରୁ ଦୂରରେ ରହି ସମାଜର ନୈତିକ ଉତ୍‌ଥାନ ନିମନ୍ତେ ନିରନ୍ତର ସେବା କାର୍ଯ୍ୟରେ ବ୍ରତୀ ଥିଲେ ।

ସମସ୍ତ ଚିକିତ୍ସାର ବ୍ୟବସ୍ଥା ସତ୍ତ୍ୱେ ଗତ ସେପ୍ଟେମ୍ବର ଚାରି ତାରିଖରେ ଭୁବନେଶ୍ୱର କିମ୍‌ସ ହସ୍‌ପିଟାଲରେ ଶୋଭନୀୟ ପରିବାର ଓ ଆତ୍ମୀୟସ୍ୱଜନଙ୍କୁ ଶୋକ ସାଗରରେ ଭସାଇ ସେ ନିରବିଗଲେ। ତାଙ୍କ ଶବାଧାର କଟକ ଶୋଭନୀୟ କାର୍ଯ୍ୟାଳୟକୁ ରାତିରେ ଆସିଲା । ମୋ ସହ ଗୁରୁମା ମିନତୀ ଦେବୀ, ବନ ଗୁରୁମା, ଉର୍ମିଳା ଗୁରୁମା, ବରଦା ଗୁରୁମା, ଗୀତା ଗୁରୁମା, କାଦମ୍ବିନୀ ଗୁରୁମା ଓ ଅନ୍ୟାନ୍ୟ ସଭ୍ୟସଭ୍ୟା, ଅନ୍ତେବାସୀ ଛାତ୍ରଛାତ୍ରୀମାନେ ଉତ୍କଣ୍ଠାର ସହ ଅପେକ୍ଷାରେ ରହିଥିଲୁ । ଗାଡି ପହଞ୍ଚିଲା, ପୂଜ୍ୟ ନିରଭାଇ ଅମର ରହେ ଧ୍ୱନିରେ ଗଗନ ପବନ କମ୍ପିଉଠିଲା । ଆଶ୍ରମ ପରିସର ଲୁହରେ ଭିଜିଗଲା । ପୂଜ୍ୟଶ୍ରୀ ଭାଇଙ୍କ ସ୍ମୃତିପୀଠରେ ତାଙ୍କର ଶେଷଦର୍ଶନ ହେଲା । ସେଠାରୁ ରାଉରକେଲା ଅଭିମୁଖେ ଯାତ୍ରା କରି ପହଞ୍ଚିବା ପରେ ଦୁଇ ଶିକ୍ଷାଶ୍ରମକୁ

ଶେଷଦର୍ଶନ ପାଇଁ ନିଆଯାଇ ପରଦିନ ବେଦବ୍ୟାସରେ ପାର୍ଥିବ ଶରୀରର ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲା ।  ପବନ ଯେପରି ମୁହୂର୍ତ୍ତେ ଅଟକିଗଲା । ଗଛଲତା ଓ ସମସ୍ତେ ଯେପରି ନିରବ ହାୟହାୟରେ କିଛି ସମୟ ନିଶ୍ଚଳ ହୋଇଗଲେ। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ତାଙ୍କ ପ୍ରିୟ ନିରଭାଇଙ୍କୁ ଶେଷ ବିଦାୟ ଦେବା ପାଇଁ ଧାଇଁ ଧାଇଁ ବେଦବ୍ୟାସ ପର୍ଯ୍ୟନ୍ତ ଉପସ୍ଥିତ ହୋଇଥିଲେ। ବିଶେଷକରି ରାଉରକେଲା ଶୋଭନୀୟ ଶିକ୍ଷାଶ୍ରମ ତା'ର ପ୍ରିୟ ସମ୍ପାଦକ ଅତି ନିକଟ ଆତ୍ମୀୟ ନିରଭାଇଙ୍କୁ ହରାଇ ଆଜି ନିଃସଙ୍ଗତା ଶୂନ୍ୟତାରେ ଗୁମୁରି ଗୁମୁରି କାନ୍ଦୁଛି । ହେ ମୋର ଅତି ଆପଣାର ଶ୍ରଦ୍ଧେୟ ନିର; ତୁମେ ମହାନ୍, ତୁମ କର୍ମ ଥିଲା ଅଧିକ ମହାନ, ତୁମ ଗୁରୁ ଥିଲେ ତୁମର ସବୁଠୁ ଶ୍ରେଷ୍ଠ ଆଉ ତୁମ ହାତଗଢ଼ା ଶିକ୍ଷାଶ୍ରମ ଥିଲା ତୁମର ଜୀବନ । ଅମରପୁରରେ ଥାଇ ତୁମ ଶିକ୍ଷାନୁଷ୍ଠାନକୁ ଚାହିଁଥାଅ ।  ସମସ୍ତେ ଶକ୍ତି ଲାଭ କରି ଶିକ୍ଷାଶ୍ରମକୁ ଧୈର୍ଯ୍ୟର ସହ ତୁମ କାୟିକ ଅନୁପସ୍ଥିତିରେ ଚଳାଇ ନିଅନ୍ତୁ । ତୁମେ ଖାଲି ତୁମ ପରିବାର ବା ରାଉରକେଲାର ନଥିଲ, ତୁମେ ଥିଲ ଦେଶ, ଜାତି, ସମାଜ ଓ ସମଗ୍ର ବିଶ୍ୱର । ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ – ଆଇ.ଆଇ.ପି.ଏମ୍ ଓ ତାହାର ଆନୁକୂଲ୍ୟରେ ସେଠାରେ ଚାଲୁଥିବା ଦୁଇଟି ଶିକ୍ଷାଶ୍ରମ ଆଇ.ଡ଼ି.ଏଲ୍ ଏବଂ ଆନ୍ଦୋଳନର ଶାଖା ୱାର୍ଲ୍ଡ ପିସ୍ ଟ୍ରଷ୍ଟ -ଲାଠିକଟା ଆଜି ଶୋକ ଜର୍ଜରିତ ତୁମର ଲୌକିକ ଦର୍ଶନ ନପାଇ ।  ଶ୍ରଦ୍ଧେୟ ନିରଞ୍ଜନ ଭାଇ ! ତୁମଭଳି ପୁଣ୍ୟ ସାଧକଙ୍କର ମୃତ୍ୟୁ ନାହିଁ। ତୁମେ ମରଣଜୟୀ, ଶୁଦ୍ଧ, ପବିତ୍ର ଆତ୍ମା । ଶୋଭନୀୟ ଇତିହାସରେ ତୁମ ନିଃସ୍ୱାର୍ଥପର ସାଧନା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

ଶୋଭନୀୟ ଆନ୍ଦୋଳନର ଓଡ଼ିଶା ଓ ଭାରତରେ ଥିବା ତୁମ ଶୋଭନୀୟ ଭ୍ରାତା- ଅଧ୍ୟାପକ ଇନ୍ଦ୍ରମଣୀ ଗୁରୁଜୀ, ସମାଜବିଜ୍ଞାନୀ ନିରାକାର ଭାଇ, ମହ୍ଲାରପଦାରୁ ବରୁଣବାବୁ, ଇଂ. ଦୟାନିଧି ଗୁରୁଜୀ, କେନ୍ଦ୍ରାପଡାରୁ କୃଷ୍ଣ ଭାଇ, ପ୍ରେମାନନ୍ଦ ଭାଇ, କରଞ୍ଜିଆରୁ ତ୍ରିନାଥ ଭାଇ, ଭୁବନେଶ୍ୱରରୁ ବୁଲୁ ଭାଇ, ସମ୍ବଲପୁରରୁ ଅକ୍ଷୟ ଭାଇ, ବୁଗୁଡ଼ାରୁ ଅରବିନ୍ଦ ଭାଇ, କୋରାପୁଟରୁ ସର୍ବେଶ୍ୱର ଭାଇ, ଏନ୍‌ଓ୍ୱାଇପିରୁ ମଧୁ ଭାଇ, ଗୁରୁଡ଼ିଝାଟିଆରୁ ଲୁଲୁ ଭାଇ, କଟକରୁ ମାନସ ମଲ୍ଲିକ, ଦିଲ୍ଲୀରୁ ଅଜୟ ବେଉରା ଭାଇ, ଶିଳ୍ପୀ ଅଶୋକ, ଆମେରିକାରୁ ଗଙ୍ଗାଧର ପଣ୍ଡା, ପ୍ରଫେସର ବିଦୁ ଭାଇ, ରାଜ୍ୟ, ଦେଶବିଦେଶରେ ଥିବା ସବୁ ପୁରାତନ ଛାତ୍ରଛାତ୍ରୀ, ଉଦୟଗିରି ଆଶ୍ରମରୁ ମନୋରମା ଗୁରୁମା, ବିଦୁଗୁରୁମା, କେଦାରଲକ୍ଷ୍ମୀ ଗୁରୁମା, ଭୁବନେଶ୍ୱରରୁ ମମତା ଗୁରୁମା, କୋଣାର୍କରୁ ମୀରୁ ଗୁରୁମା, ଗୀତା ଗୁରୁମା, କେଉଁଝରରୁ କନକ ଗୁରୁମା, କରଞ୍ଜିଆରୁ କଳ୍ପଲତା ଗୁରୁମା, ବଲାଙ୍ଗୀରରୁ କବିତା ଗୁରୁମା, କେନ୍ଦ୍ରାପଡ଼ାରୁ ମମତା ଗୁରୁମା, ନନ୍‌ତାର ଚାନ୍ଦିନୀରୁ ତିଳୋତ୍ତମା ଗୁରୁମା, ଜଗତସିଂହପୁର ପ୍ରଜ୍ଞାସାଥୀରୁ ବିନି ଗୁରୁମା, ରବୀନ୍ଦ୍ର ବେହେରା, ରାଉରକେଲାର ସମସ୍ତ ସହଯୋଗୀ, କର୍ମକର୍ତ୍ତା ଓ ସଭ୍ୟସଭ୍ୟା ଆଦି ସମସ୍ତେ ତାଙ୍କର ଦିବଗଂତ ଆତ୍ମୀୟ ଭାଇଙ୍କୁ ଝୁରି ହେଉଛନ୍ତି। ପୂଜ୍ୟା ମା' ଶାରଦା ଦେବୀଙ୍କ ଆଖିରୁ ଲୁହ ଶୁଖୁନି । ତୁମେ ଆମର ଜନ୍ମ ଜନ୍ମାନ୍ତର ଶୋଭନୀୟ ଆତ୍ମୀୟ ନିର ଭାଇ। ଆତ୍ମା ଅମର।  ତୁମର କି ତୁମ ସାଧନାର ବିଲୟ ନାହିଁ। ଆମ ସମସ୍ତଙ୍କର ଅସରା ସେହ୍ନାସିକ୍ତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଗ୍ରହଣ କର। ବୈକୁଣ୍ଠପୁରରେ ଭଲରେ ଥାଅ। ମୃତ୍ୟୁ ତ ନୁହେଁ ଭୟଙ୍କର, ଶାନ୍ତ ଶୁଦ୍ଧ ସାଧକର ପାଇଁ ।  ମୃତ୍ୟୁ ତ ନୂତନ ଜୀବନ, ସାଧନାର ମୃତ୍ୟୁ ନାହିଁ ନାହିଁ ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।


ନିର୍ଦ୍ଦେଶିକା-ସମ୍ପାଦିକା

ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ (ଆଇ.ଆଇ.ପି.ଏମ୍),

ଶୋଭନୀୟ ଆନ୍ଦୋଳନ, କଟକ

ମୋ. - ୯୯୩୭୧୭୨୮୧୦ / ୯୨୩୭୦୬୬୮୭୭

E-mail: debiarundhati@gmail.com

# ନିରବ ସାଧକ

ମିନତୀ ଦେବୀ
ଶୋଭନୀୟ ଶିକ୍ଷାଶ୍ରମ, ଉଦୟଗିରି

ମୃତ୍ୟୁ ତ ନୁହେଁ ଭୟଙ୍କର
ଶାନ୍ତ ଶୁଦ୍ଧ ସାଧକର ପାଇଁ ,
ମୃତ୍ୟୁ ତ ନୂତନ ଜୀବନ
ସାଧନାର ମୃତ୍ୟୁ ନାହିଁ ନାହିଁ ।

ସ୍ରଷ୍ଟାଙ୍କର ସୃଷ୍ଟିରେ ସବୁ ଆରମ୍ଭର ଶେଷ ଅଛି । ମଣିଷ ଜନ୍ମ ନେଲେ ମୃତ୍ୟୁ ପଥର ଯାତ୍ରୀ ହୋଇଥାଏ । ପ୍ରାତଃ ସ୍ମରଣୀୟ ହୋଇ ରହିଯାଏ ଏହି ଧରାପୃଷ୍ଠରେ କେବଳ ତାର ମଙ୍ଗଳମୟ କର୍ମ ।

ଶୋଭନୀୟ ଅନ୍ଦୋଳନର ବରିଷ୍ଠ ସଦସ୍ୟ ପୂଜ୍ୟଶ୍ରୀ କୁମାର ଭାଇଙ୍କର ପରମ ଶିଷ୍ୟ ଓ ରାଉରକେଲା ର ଶୋଭନୀୟ ଶିକ୍ଷାଶ୍ରମର ସମ୍ପାଦକ ସ୍ୱର୍ଗତ ଶ୍ରୀ ନିରଞ୍ଜନ ବେହେରା (ନିରଭାଇ ନାମରେ ପରିଚିତ) ଙ୍କର ସେପ୍ଟେମ୍ବର ୪ ତାରିଖରେ ଦେହାନ୍ତ ଖବର ପାଇ ବରଦା ଗୁରୁମା ଓ ମୁଁ କଟକ ଶିକ୍ଷାଶ୍ରମ କୁ ଯାଇଥିଲୁ । ଶେଷ ଦର୍ଶନ କରି ଫେରିଲୁ । କିଛିଦିନ ହେଲା ଦେହ ଅସୁସ୍ଥ ଥିଲା । ଚାହୁଁ ଚାହୁଁ ଆଖି ଆଗରେ ଶୋଭନୀୟ ଆନ୍ଦୋଳନର ଉତ୍ସର୍ଗୀକୃତ ମା' ମାନେ ଦୂରକୁ ଚାଲିଗଲେ । ଠାକୁରଙ୍କର କ'ଣ ପୁଣି ତୁମଠାରେ କାମ ପଡିଲା ?

ହେ କାଳଜୟୀ ଚିରଞ୍ଜୀବୀ ମାଟିର ମଣିଷ
ଚାହୁଁ ଚାହୁଁ ହଜିଗଲା ତୁମରି ଆୟୁଷ ।
ଏ କି ଥିଲା ବିଧାତାର କ୍ରୁର ନିର୍ଦ୍ଦେଶ
ବିଜୟର ପାହାଚ ଚଢୁ ଚଢୁ ବାକିଥିଲା କିଛି ରାସ୍ତା ।
କେମିତି ପ୍ରଭୁ ନେଇଗଲେ ତାଙ୍କ ପାଖ?
କିଏ ଅବା ଟାଳିପାରେ
ତାଙ୍କରି ମଙ୍ଗଳମୟ ଆଦେଶ ।

ଜଗଦ୍ ଗୁରୁ ଶଙ୍କରାଚାର୍ଯ୍ୟଙ୍କର ମହାଶ୍ଲୋକ-

**"पुनरपि जननं पुनरपि मरणं ।"**

ଏହା ଧ୍ରୁବ ସତ୍ୟ, ତଥାପି ତାଙ୍କର ସ୍ଥାନକୁ ଆଉ ପୂରଣ କରିବ କିଏ । ପୂଜ୍ୟ ବଡଭାଇ ତଥା ପ୍ରଭୁ ଜଗନ୍ନାଥ ତାଙ୍କର ଅନୁଗାମୀମାନଙ୍କୁ ଶକ୍ତି ଦିଅନ୍ତୁ ଅଧୁରା କାର୍ଯ୍ୟକୁ ପୂରଣ କରିବା ପାଇଁ । ନିରଞ୍ଜନ ଥିଲେ ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ । ପୂଜ୍ୟଶ୍ରୀ ଭାଇ ନିର୍ଦ୍ଦେଶ ଦେଇଥିଲେ ଚାକିରି ନଛାଡିବା ପାଇଁ । କାରଣ ପ୍ରାଥମିକ ସ୍ତରରେ ଆର୍ଥିକ ସମସ୍ୟା ଦେଖା ଦେଇଥାଏ । ପୂଜ୍ୟଭାଇଙ୍କ ପରାମର୍ଶରେ ରାଉରକେଲାରେ ଶୋଭନୀୟ ଶିକ୍ଷାଶ୍ରମ ୧୯୮୮ ମସିହାରେ ପ୍ରତିଷ୍ଠା କରଯାଇଥିଲା । ୧୯୯୭ ମସିହାରେ ଲାଠିକଟାଠାରେ ଆବାସିକ ବିଦ୍ୟାଳୟ ଖୋଲା ଗଲା । ଲାଠିକଟା ଯିବା ପାଇଁ ଦୁଇ ଥର ସୁଯୋଗ ପାଇଛି । ସୁନ୍ଦର ପରିବେଶ, ଜଙ୍ଗଲ ଘେରା ପାହାଡ ମଧ୍ୟରେ ମୁନି ଋଷି ଆଶ୍ରମ ପରି । ଦ୍ୱିତୀୟ ଥର ନିର ଙ୍କର ଦେହ ଅସୁସ୍ଥ ଥିଲା । ମୁଁ ଓ ମନୋରମା ଗୁରୁମା ଯାଇଥିଲୁ । ଆମକୁ ଦେଖି ବହୁତ ଖୁସି ହେଇଥିଲେ । କୋରୋନା ସମୟରେ ୨୦୨୨ ବେଳକୁ ୪-୫ ଥର ଉଦୟଗିରି ଶୋଭନୀୟ ଶିକ୍ଷାଶ୍ରମକୁ ଆସିଥିଲେ । ଶିକ୍ଷାଶ୍ରମ ଗୁଡିକର ଭବିଷ୍ୟତ ବିଷୟରେ ଆଲୋଚନା କରିଥିଲେ । ତାଙ୍କର ବ୍ୟସ୍ତତା ମୁଁ ଅନୁଭବ କରୁଥିଲି । କେନ୍ଦ୍ରାପଡ଼ା, ପୁରୀ, ସମ୍ବଲପୁର, ବଲାଙ୍ଗିର ଓ ଅନ୍ୟାନ୍ୟ ଶୋଭନୀୟ ଶିକ୍ଷାଶ୍ରମ ଗୁଡିକ କଥା କହୁଥିଲେ । ନିଜେ ମଧ୍ୟ ସମୟେ ସମୟେ ଶିକ୍ଷାଶ୍ରମ ଯାଇ ସେଠାରେ ଥିବା ଗୁରୁମା

ଗୁରୁଜୀ ଙ୍କ ସହ କଥାବାର୍ତ୍ତା କରୁଥିଲେ । ସମ୍ବଲପୁର ଶିକ୍ଷାଶ୍ରମର ଅସୁବିଧା ସମୟରେ ମୋତେ ଗାଡିରେ ସାଙ୍ଗରେ ନେଇ ତା'ର ରକ୍ଷଣାବେକ୍ଷଣ କଥା ବୁଝିଥିଲେ । ସେଥିପାଇଁ ଧନକ୍ଷୟ, ଶାରୀରିକ ଓ ମାନସିକ କଷ୍ଟ ମଧ୍ୟ ସହ୍ୟ କରିଥିଲେ । ସେବେଠାରୁ ନିରଙ୍କ ପ୍ରତି ମୋର ଅନ୍ତରରୁ ଶ୍ରଦ୍ଧା, ସ୍ନେହ ସୃଷ୍ଟି ହୋଇଥିଲା। ତାଛଡା ପୂଜ୍ୟଭାଇଙ୍କ ବାର୍ତ୍ତା ପ୍ରଚାର ପାଇଁ ବିଭିନ୍ନ ସ୍କୁଲ ଓ କଲେଜ ଯାଇ ସଭାସମିତି କରିଛନ୍ତି । ପ୍ରାୟ ଓଡିଶାର ବିଭିନ୍ନ ଅଞ୍ଚଳ କୁ ଯାଇଛନ୍ତି ସୁବାର୍ତ୍ତା ପ୍ରଚାର କରିବା ପାଇଁ । କାଳେ ଅବସର ପରେ ଶରୀର ସାଥ୍ ଦେବନି ପ୍ରଚାର ପ୍ରସାର ପାଇଁ, ତେଣୁ ସେ ୭ ବର୍ଷ ଆଗରୁ ସ୍ୱେଚ୍ଛାକୃତ ଅବସର ନେଇଗଲେ । ଶ୍ୱାସ ଥିଲା, ପରେ Parkinson ବାହାରିଲା । ତଥାପି ସେ ଥକି ପଡି ନଥିଲେ । ପୂଜ୍ୟଶ୍ରୀ ଭାଇଙ୍କ ସମସ୍ତ ଚିଠି ଗୁଡିକୁ ଏକତ୍ର କରି ଗୋଟିଏ ପୁସ୍ତକ ପ୍ରକାଶ କରିଥିଲେ । ସେହି ପୁସ୍ତକ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ । ସେ ଅତି ସରଳ, ଅମାୟିକ ଓ ମିଷ୍ଟଭାଷୀ ଥିଲେ । ମୁଁ ଥରେ ପଚାରିଲି, "ନିର କଅଣ ତୁମେ କାହା ଉପରେ ରାଗ କରନି?" ହଁ, ରାଗେ ଯେ ଖୁବ କମ ସମୟ ପାଇଁ । ସବୁବେଳେ ହସ ହସ ମୁହଁଟି, ଦେଖିଲେ ଖୁସି ଲାଗେ । ବିନା ଯୌତୁକରେ ଆଦର୍ଶ ବିବାହ କରିଥିଲେ । ଦୁଇଟି ପୁଅ । ବଡପୁଅ ସରକାରୀ ଚାକିରିରେ ଓ ସାନଟି ଆଶ୍ରମ ସହ ଜଡିତ । ଶିକ୍ଷିତ ସେମାନେ, ଭଦ୍ର ଓ ନମ୍ର ମଧ୍ୟ ।

ଯାହାହେଉ, ନିର ଆଉ ଆମ ଗହଣରେ ନାହାଁନ୍ତି ସତ, ତାଙ୍କର ସୁକର୍ମ ତାଙ୍କୁ ସବୁଦିନ ପାଇଁ ଅମର କରି ରଖିବ ।

ତୁମ ହସ ହସ ମୁହଁ ଦିଶି ଯାଏ
ତୁମରି ମଧୁର କଥା,
ସବୁରି ମନକୁ ମୋହି ନେଉଥିଲ
ଭାବିଲେ ଲାଗୁଛି ବ୍ୟଥା ।

ତୁମେ ଯେଉଁଠି ଥାଅ ଭଲରେ ଥାଅ । ତୁମ ଆତ୍ମାର ସଦଗତି ହେଉ । ଏତିକି ମହାପ୍ରଭୁ ଜଗନ୍ନାଥଙ୍କ ପାଦପଦ୍ମ ରେ ମାଗୁଣି ।

ସର୍ବେ ଭବନ୍ତୁ ସୁଖୀନଃ ,ଓଁ ଶାନ୍ତି

ଶୋଭନୀୟ ଆନ୍ଦୋଳନର ବରିଷ୍ଠ ସଭ୍ୟା
ଯୁଗସ୍ରଷ୍ଟା ଶୋଭନୀୟ ଶିକ୍ଷାଶ୍ରମ, ଉଦୟଗିରି

---❀❀❀---

## ନିଆରା ସମ୍ପର୍କ

**ଡ଼ଃ ବନଲତା ଦେବୀ**

ସେପ୍ଟେମ୍ବର ଚାରି ତାରିଖ ଗୁରୁବାର ସନ୍ଧ୍ୟାରେ ହଠାତ୍ ଅରବିନ୍ଦ ଫୋନ୍ କଲା ଗୁରୁମା ନିର ଭାଇ ଚାଲିଗଲେ | ମୁଁ ଅସୁସ୍ଥ ଥିବାରୁ ମେଡ଼ିକାଲ ରୁ ଫେରି ଶୋଇ ପଡିଥିଲି | ମାନସ ପଟରେ କେତେ କଥା ସବୁ ଭାସିଉଠିଲା | ପୂଜ୍ୟ ଭାଇ ଓ ନିର ମଧ୍ୟରେ ସମ୍ପର୍କ ର ସେତୁ ଥିଲି ମୁଁ | ୧୯୮୫ ମସିହା ଜାନୁଆରୀ ୧୦ ତାରିଖ ରେ ସ୍ଥାୟୀଭାବେ ଯୋଗ ଦେଇଥିଲି କଟକ ବିଡ଼ାନାସୀ ଶୋଭନୀୟ ଶିକ୍ଷାଶ୍ରମରେ | ସେତେବେଳେ ପୂଜ୍ୟ ଭାଇ ଓ ଅପା (ସତ୍ୟଭାମା ଦେବୀ) ଅଭିଭାବକ ମାନଙ୍କ ସହିତ ଯୋଗାଯୋଗ କରୁଥାନ୍ତି | ଜୁନ୍ ମାସରୁ ମୋତେ ଆଡମିଶନ ଓ ଅଭିଭାବକଙ୍କ ଦୟିତ୍ୱ ଦେଲେ | ବିଭିନ୍ନ ଅଞ୍ଚଳରୁ ପିଲାମାନେ ଆସି ଆଡମିଶନ୍ କରୁଥାନ୍ତି | ସେତେବେଳେ ଆବାସିକ ବିଦ୍ୟାଳୟ ବିଶେଷ ନ ଥାଏ | ଏମିତି ଦିନେ ନିରଞ୍ଜନ ବେହେରା ରାଉରକେଲା ରୁ ଆସି ପହଁଚିଲେ ତାଙ୍କର ସାନ ଭାଇ ଚିତ୍ତ ଏବଂ ସରୋଜଙ୍କର ନାମ ଲେଖାଇବା ପାଇଁ | ଆମେ କଥାବାର୍ତ୍ତା ହେଉ ହେଉ ପୂଜ୍ୟ ବଡ ଭାଇଙ୍କ ଶୋଭନୀୟ ଆନ୍ଦୋଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ କଥା ହେଲୁ | ତା ପରଠାରୁ ନିର

ପୂଜ୍ୟ ଭାଇଙ୍କ ସହିତ ଦେଖା କରିବାକୁ ଇଚ୍ଛା କରୁଥାନ୍ତି | କେବେ ପୂଜ୍ୟ ଭାଇ ନ ଥାନ୍ତି ତ କେବେ କାର୍ଯ୍ୟବ୍ୟସ୍ତ ଥାଆନ୍ତି | ପୂଜ୍ୟ ଭାଇଙ୍କୁ ଚିଠି ଦେବାକୁ ମୁଁ ତାଙ୍କୁ କହିଲି | ସେ ଅନେକ ଚିଠି ମଧ୍ୟ ଦେଲେ | ସେତେବେଳେ ତାଙ୍କର ଜଣେ ଭଉଣୀ (ସଂପର୍କୀୟ) ଚାରୁଲତାଙ୍କୁ ଯାଇ କହିଲେ ମୁଁ ଜଣେ ଆଦର୍ଶ ତ୍ୟାଗୀ ଭଉଣୀଙ୍କୁ ଦେଖା କରିଛି, ତୁମେ ଯାଅ  ତାଙ୍କ ସହିତ ଶୋଭନୀୟ ଶିକ୍ଷାଶ୍ରମରେ କାମ କର, କାମ ଶିଖ | ସମୟ କ୍ରମେ ଚାରୁ ଆସି କଟକରେ ପହଞ୍ଚିଲେ |ପୂଜ୍ୟ ଅପା (ସତ୍ୟଭାମା ଦେବୀ) ଆଶ୍ରମ କାମରେ ବାହାରକୁ ଯାଇଥିଲେ | ମୁଁ ଚାରୁଲତାଙ୍କୁ ବିଡ଼ାନାସୀ ଶୋଭନୀୟ ଶିକ୍ଷାଶ୍ରମରେ ଯୋଗ ଦେବାକୁ କହିଦେଲି | ଅପା  ଫେରିବା  ପରେ ମୋ ଠାରୁ ଶୁଣି ଖୁସି ହେଲେ ଓ ଚାରୁ ଆସିବାରୁ ମଧ୍ୟ ସମସ୍ତେ ଖୁସି ହେଲେ |

ନିର  ଥରେ ଧଳା ଟ୍ରାଉଜର ପଞ୍ଜାବୀ ପିନ୍ଧି ଆସିଲେ ଓ ମତେ କହିଲେ,ଅପା, ମୁଁ ଆଜି ଧଳା ପିନ୍ଧି ଆସିଛି କେବଳ ପୂଜ୍ୟ ଭାଇଙ୍କୁ ଦେଖା କରିବା ପାଇଁ | ସତ କୁ ସତ ସେ ଦିନ ପୂଜ୍ୟ ଭାଇ ଥିଲେ ଓ ଉଭୟଙ୍କ ମଧ୍ୟରେ ଦେଖା ହେଲା |ଦୁହେଁ ବହୁତ ଖୁସି ହେଲେ | ଏମିତି ଦେଖା ସାକ୍ଷାତ କଥାବାର୍ତ୍ତା ମଧ୍ୟରେ ଦିନେ ରାଉରକେଲା ରେ ଶୋଭନୀୟ  ଶିକ୍ଷାଶ୍ରମ କରିବାର ଯୋଜନା ହେଲା | ଚାରୁ ମଧ୍ୟ ସେଠାରେ ଯୋଗ ଦେଲା | ଧୀରେ ଧୀରେ ପୂଜ୍ୟ ଭାଇ ମଧ୍ୟ ରାଉରକେଲା ଯାଇ ଅନୁଷ୍ଠାନ କରିବାକୁ ପ୍ରେରଣା ଦେଲେ| ତେବେ ଶିକ୍ଷାଶ୍ରମ ଆରମ୍ଭ ହେବା  ଠାରୁ ପୂଜ୍ୟ ଭାଇ ଯେଉଁ ଆଠ ଥର ରାଉରକେଲା ଯାଇଥିଲେ ପ୍ରତ୍ୟେକ ଟି  ମିନିଟ    ନିର  ପୂଜ୍ୟ ଭାଇ ଙ୍କର ପାଖେ ପାଖେ ରହି ସବୁ କଥା ପଚାରି ବୁଝନ୍ତି | ଘଣ୍ଟା ଘଣ୍ଟା ପୂଜ୍ୟ ଭାଇଙ୍କ ସହିତ ଅନୁଷ୍ଠାନ ଓ ଆନ୍ଦୋଳନ ବିଷୟରେ ଆଲୋଚନା କରନ୍ତି | ବିଭିନ୍ନ ସ୍କୁଲ କଲେଜରେ ଶୋଭନୀୟ ଆନ୍ଦୋଳନ ପ୍ରଚାର ପାଇଁ ଆମେମାନେ ମଧ୍ୟ ଯାଇଥାଉଁ |ସେହିପରି ନିର  ଏବଂ ଗୁରୁମାମାନେ ସେଠାରେ ଶୋଭନୀୟ ଆନ୍ଦୋଳନ ର ପ୍ରଚାର ପାଇଁ ଲାଗିପଡିଲେ | କାର୍ଯ୍ୟ ରେ ବାଧା ସୃଷ୍ଟି ହେବାରୁ ସେ ଚାକିରୀରୁ  ଭି ଆର ଏସ୍ ନେଇ କେବଳ ଶୋଭନୀୟ ଆନ୍ଦୋଳନ କାମ କରିଚାଲିଲେ |

ହଠାତ୍ ଦେହ ଖରାପ ହେବାରୁ ଆଉ ବାହାରକୁ ଯାଇ ନ ପାରିଲେ ବି ଚାରୁ ଓ ଅନ୍ୟ ଗୁରୁମାମାନଙ୍କୁ ପାଠଉଥିଲେ | ପୂଜ୍ୟ ଭାଇଙ୍କ ଅସ୍ଥି କଳସ  ଯାତ୍ରାରେ ଆନ୍ଦୋଳନର ସମସ୍ତ କର୍ମୀ ରାଉରକେଲା ଲାଠିକଟା ଶୋଭନୀୟ ଶିକ୍ଷା ଶ୍ରମରେ ଏକାଠି ହୋଇଥିଲେ ଓ ସେଠାରେ ଏକ ମହୋତ୍ସବ  ର ଆୟୋଜନ ହୋଇଥିଲା |ଆଜି ଶୋଭନୀୟ ଆନ୍ଦୋଳନ ର ରାଉରକେଲାରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହେଲା |ଈଶ୍ୱର ତାଙ୍କର ଆମର ଆତ୍ମାକୁ ତାଙ୍କରି ପାଦପଦ୍ମରେ ଲୀନ କରି ଦିଅନ୍ତୁ ଏତିକି ପ୍ରାର୍ଥନା |

ସବୁବେଳେ ଫୋନ୍ କରି ଆଶ୍ରମର ଭଲମନ୍ଦ ବୁଝୁଥିଲେ | ଅସୁବିଧା ସମୟରେ ସାହସ ସଞ୍ଚାର କରୁଥିଲେ |ହତାଶର ପ୍ରଶ୍ନ ନାହିଁ| ଭିନ୍ନ ଏକ ଜଗତରେ  ପୂଜ୍ୟ ଭାଇ ଓ ଅପା ମାନଙ୍କ ନିକଟରେ ମିଶି ଅନ୍ୟା କିଛି ଯୋଜନାରେ ସାମିଲ ହୋଇଥିବେ | ଏ ଆନ୍ଦୋଳନର କ୍ଷୟ ନାହିଁ ଆହୁରି ଆଗକୁ ଆଗେଇ ଚାଲିବ |

ପୂଜ୍ୟ ବଡଭାଇ ଓ ମଙ୍ଗଳମୟ ଭଗବାନ କାନ୍ତି ,ସତ୍ୟ,ଜ୍ଞାନ ,ଚିତ୍ତ ଓ ସରୋଜ ଏବଂ ଚାରୁକୁ ଧୈର୍ଯ୍ୟ ଓ ସାହସ ଦିଅନ୍ତୁ ,ସେମାନେ ଅଧୁରା  ସ୍ୱପ୍ନକୁ   ପୂର୍ଣ୍ଣ କରିବାରେ ସମର୍ଥ ହୁଅନ୍ତୁ |ସମସ୍ତ ଗୁରୁମ ମାନଙ୍କୁ ନେଇ ଲାଠିକଟା ଓ  ଆଇ.ଡି.ଏଲ ଦୁଇଟି ଯାକ ଅନୁଷ୍ଠାନ ଅଧିକ ମାତ୍ରାରେ ଆଗେଇ ଯାଉ |ପୂଜ୍ୟ ଭାଇଙ୍କର ସେ ମହାମନ୍ତ୍ର ସମସ୍ତଙ୍କୁ ଉଦ୍ ବୁଦ୍ଧ କରୁ .........

ଆଉ କିଏ ତା'ର କର୍ତ୍ତବ୍ୟ କରୁ ଅବା ନ କରୁ,<br>
ହେଲେ ମୋ କର୍ତ୍ତବ୍ୟ ମୁଁ କରେ  ପଛେ ଜୀବନ ସରୁ  |

ଏ ପାର୍ଥିବ ଶରୀର ନଶ୍ୱର | ଏ ପୃଥିବୀରୁ ବିଦାୟ ନେଲାପରେ ପୁଣି ନୂଆ ରୂପରେ ବିଦ୍ୟମାନ ହୋଇଥାଏ | ଏହା ତ ଦୁନିଆର ନିୟମ | ନୂଆ ଏକ ଯୋଜନାର ପରିପୂରଣ ପାଇଁ ପୂଜ୍ୟ ଭାଇ ହୁଏ ତ ତାଙ୍କୁ ଡକାଇ ନେଇଥିବେ  | ଭାଇଙ୍କ ଭାଷାରେ ,

ମୃତ୍ୟୁ  ତ ନୁହେଁ ଭୟଙ୍କର

ଶାନ୍ତ ଶୁଦ୍ଧି ସାଧକର ପାଇଁ,
ମୃତ୍ୟୁ ତ ନୂତନ ଜୀବନ
ସାଧନାର ମୃତ୍ୟୁ ନାହିଁ ନାହିଁ |
ସର୍ବେ ଭବନ୍ତୁ ସୁଖିନଃ
ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ
ମା କଶ୍ଚିତ୍ ଦୁଃଖଭାଗ୍ ଭବେତ୍ |

ପ୍ରଧାନ ଶିକ୍ଷୟିତ୍ରୀ
ରେବାଦେବୀ ଶୋଭନୀୟ ଶିକ୍ଷାଶ୍ରମ
ଆଦର୍ଶ ଆନ୍ତର୍ଜାତିକ ଶିକ୍ଷା କେନ୍ଦ୍ର
ଶୋଭନୀୟ ନଗର ,ଅଭିନବ ବିଡ଼ାନାସୀ, କଟକ -୧୪

----❀❀❀----

## ହେ ଆତ୍ମନ୍

**ଡା. ଶଶିଭୂଷଣ ନେପାକ**
ସଭାପତି,
ଶୋଭନୀୟ ଶିକ୍ଷାଶ୍ରମ, ଲାଠିକଟା

ମୁଁ ଆଜି ଗଭୀର ଶୋକ ଓ ବ୍ୟଥାର ସହିତ ନିରଭାଇ ଙ୍କ ସ୍ମୃତିଚାରଣ ନିମନ୍ତେ ଦୁଇ ଧାଡି ଲେଖିବାର ପ୍ରଯତ୍ନ କଲାବେଳେ ମନେ ପଡନ୍ତି କୁମାର ଭାଇ । ଯଦିଓ ପ୍ରତ୍ୟକ୍ଷରେ ତାଙ୍କ ସହ ଆଲୋଚନା କରିବାର ସୁଯୋଗ ମୋତେ କେବେ ମିଳିନଥିଲା, ତାଙ୍କ ବିଷୟରେ ଯାହା କିଛି ମୁ ନିରଭାଇ ଙ୍କ ଠାରୁ ସଂଗ୍ରହ କରିଥିଲି , ସେଥିରୁ ଜାଣିଲି ଶୋଭନୀୟ ଆଶ୍ରମ ର ମୂଳଦୁଆ କଟକରେ ପଡିଥିଲେ ବି ଫର୍ଟିଲାଇଜର୍, ଆଇଂଡ଼ିଂଏଲ କଲୋନୀରେ ଚାଲିଥିବା ଏହି ଆଶ୍ରମଟି କୁମାର ଭାଇଙ୍କର ସ୍ୱପ୍ନ । ନିରଭାଇ ଓ ଚାରୁଗୁରୁମା କୁମାର ଭାଇଙ୍କ ସ୍ୱପ୍ନକୁ ଆଗେଇ ନେବାରେ ଯେଉଁ ଅଦମ୍ୟ ପ୍ରୟାସ କରୁଥିଲେ ତାହା ଯଥାର୍ଥରେ ପ୍ରଶଂସନୀୟ ।

ଶୋଭନୀୟ ଶିକ୍ଷାଶ୍ରମର ଅନ୍ୟ ଏକ ଶାଖା ଲାଠିକଟାରେ ଖୋଲିଲା । ମୁଁ ସେତେବେଳେ ORIND କମ୍ପାନିର ଚିଫ୍ ମେଡିକାଲ ଅଫିସର୍ ରୂପେ କାର୍ଯ୍ୟରତ । ମୋର ବନ୍ଧୁ ଡା. ପି କେ ରଥଙ୍କ ପରାମର୍ଶରେ ମୋତେ ଏହି ଶିକ୍ଷାଶ୍ରମର ସଭାପତି କରାଗଲା । ସେତିକିବେଳେ ମୁଁ ନିରଭାଇଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଲି । ତାଙ୍କର ସତ୍ ଚରିତ୍ରତା, ଦୟାଳୁ ତଥା ଉଦାର ମାନବିକତା ଗୁଣ ମୋତେ ଗଭୀର ଭାବେ ପ୍ରଭାବିତ କରିଥିଲା । ଅତି ସାଦାସିଧା ନିରାଡମ୍ବର ଜୀବନଧାରା ତଥା ଅହଙ୍କାରଶୂନ୍ୟ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ନିରଭାଇ । ଘରଘର ବୁଲି ଏହି ଶିକ୍ଷାଶ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଲୋକଙ୍କୁ ବୁଝାଇବା, ବିଦ୍ୟାଳୟ ପାଇଁ ଛାତ୍ରଛାତ୍ରୀ ସଂଗ୍ରହ କରିବାରେ ତାଙ୍କୁ ସାହାଯ୍ୟ କରୁଥାନ୍ତି ଚାରୁଗୁରୁମା । ଏହି କାର୍ଯ୍ୟରେ ଅଧିକ ସମୟ ଆବଶ୍ୟକ ହେବାରୁ ନିରଭାଇ ସ୍ୱଇଚ୍ଛା ରେ RSP ଭଳି ଖ୍ୟାତନାମା ଅନୁଷ୍ଠାନରୁ ଇଚ୍ଛାକୃତ ଅବସର ନେଇ ନିଜକୁ ସମ୍ପୂର୍ଣ ରୂପେ ଆଶ୍ରମର ଉନ୍ନତି ପାଇଁ ସମର୍ପି ଦେଇଥିଲେ । ତାଙ୍କର ସରଳ ଜୀବନ, ଚିନ୍ତାଧାରା ଓ ସେବାଭାବନା ଧୀରେ ଧୀରେ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଗଲା ।

ଆଜି ନିରଭାଇଙ୍କ ଅବର୍ତ୍ତମାନରେ, ତାଙ୍କ ବିୟୋଗ ଆମ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି । ତାଙ୍କର ମାନବିକତା ଓ ଜୀବନ ପ୍ରତି ଦୃଷ୍ଟିକୋଣ ସବୁବେଳେ ଆମକୁ ପ୍ରେରଣା ଦେବ । ତାଙ୍କ ଆତ୍ମା ସଦ୍ ଗତି ଲାଭ କରୁ । ଏହାହିଁ ପ୍ରାର୍ଥନା । ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ।

-----❀❀❀-----

## *ଅଭୁଲା ସେ ଅତୀତର ସ୍ମୃତି*

ଅନେକ ସ୍ମୃତି ରହି ଯାଇଚି, ଆମ ର ଆଦରର ନିର ଭାଇ ଙ୍କ ସହ! ଏତେଶୀଘ୍ର ଯେ ସବୁକିଛି ର ସମାପ୍ତ ଘଟି ଯିବ, ତାହା ଭାବିନଥିଲି। ତାହାଏହି ସେପ୍ଟେମ୍ବର ମାସ ୪ ତାରିଖ ଓପରବେଳା ଭଗବାନ ଙ୍କର ନିଷ୍ଠୁର ନିର୍ଦ୍ଦେଶରେ ନିର ଭାଇ ସିନା ଆରପାରି କୁ ଚାଲିଗଲେ, କିନ୍ତୁ ତାଙ୍କ ସହ ମିଳାମିଶା ର ସମ୍ପର୍କ ର ଅଭୁଲା ସ୍ମୃତି ସବୁ ମନ ଟାକୁ ଘାଣ୍ଟି ପକଉଚି।

ମୁଁ ପେଶାରେ NIT Rourkela ର ଜଣେ ଅଧ୍ୟାପକ । ତେଣୁ ସମସ୍ତ ଙ୍କ ର ମନରେ ପ୍ରଶ୍ନ ଉଠେ ମୋର କିପରି ନିର ଭାଇ ଙ୍କ ସହ ଘନିଷ୍ଠତା ଗଢି ଉଠିଲା?

ନିର ଭାଇ ଙ୍କସହ ସମ୍ପର୍କ ଗଢି ଉଠିଥିଲା, ଆଉ ଜଣେ ସହୃଦୟ ବ୍ୟକ୍ତି ଙ୍କ ମାଧ୍ୟମରେ । ସେ ଆଇଜିଏଚ୍ ର ପାଥୋଲୋଜି ସ୍ପେସିଆଲିଷ୍ଟ ସ୍ବର୍ଗତଃ ପ୍ରମୋଦ କୁମାର ରଥ । ଡାକ୍ତର ପ୍ରମୋଦ କୁମାର ରଥ  ଆମ ର ପରିବାର ର ସଦସ୍ୟ ପରିଥିଲେ। ଡାକ୍ତର ରଥ ନିର ଭାଇ ଙ୍କର ଶୋଭନୀୟ ଶିକ୍ଷାଶ୍ରମ ସହ ମଧ ବହୁ ଘନିଷ୍ଠ ରାବରେ ଜଡିତ ଥିଲେ।

ପ୍ରମୋଦ ଭାଇନା ଯେବେ ଲାଠିକଟା ବା ଜଲଦା ର ଶୋଭନୀୟ ଶିକ୍ଷାଶ୍ରମ କୁ ଆସନ୍ତି, ସାଙ୍ଗରେ ମୋତେ ଯିବା କୁ ବାଧ୍ୟ କରନ୍ତି। ଏହିପରି ମୁଁ ମଧ ନିର ଭାଇ ଓ ଶୋଭନୀୟ ଶିକ୍ଷାଶ୍ରମ ସହ ଧୀରେ ଧୀରେ ଘନିଷ୍ଠ ହୋଇଗଲି। ବର୍ଷ କୁ ଚାରି ପାନ୍ଚ ଥର ଏହି ଆଶ୍ରମକୁ ଆମେ ଦୁହେଁ (ପ୍ରମୋଦ ଭାଇନା ଓ ମୁଁ) ସାଙ୍ଗ ହୋଇ ଆସି କିଛି ସମୟ ବିତଉ। ଏଠିକାର ନିର ଭାଇ ଙ୍କର ଆଦର୍ଶ ରେ ପରିଚାଳିତ ଶୃଙ୍ଖଂଳିତ ପରିବେଶ ଆମ ଦୁଇ ଜଣ କୁ ବହୁତ ଆକର୍ଷିତ କରୁଥିଲା ।

ବିଧିର ବିଧାନ ଅନ୍ୟ ପ୍ରକାର।

ହଠାତ୍ ଡାକ୍ତର ପ୍ରମୋଦ ରଥ ଙ୍କ ପାନକ୍ରିଆଜ ରେ ଇନଫେକ୍ସନ୍ ହବାରୁ ୨୦୧୩ ମସିହା ସେପ୍ଟେମ୍ବର ୨ ତାରିଖ ରାତି ରେ ଆଇଜିଏଚ୍ ରେ ଆଡମିସନ୍ ହୋଇଥିଲେ; ତାପରେ ତାଙ୍କୁ ଆପଲୋ ହସ୍ପିଟାଲ୍ ଭୁବନେଶ୍ବର କୁ ଅଣାଗଲା। ଏହି ରୋଗ ରେ ଅକ୍ଟୋବର୍ ୨୯ ତାରିଖ ସକାଳେ ସେ ଇହଲୀଳା ସମ୍ବରଣ କଲେ। ତାପରେ ନିରଭାଇ ଙ୍କ ସହ ମୋର ଅଜାଣତ ରେ କିପରି କିଛି ବର୍ଷ ଧରି ଘନିଷ୍ଠତା ଗଢି ଉଠିଲା। କିଛିବର୍ଷ ପରେ ୨୦୨୨ ଜୁନ୍ ୩୦ ତାରିଖ ରେ ମୁଁ ଚାକିରୀ ରୁ ଅବସର ଗ୍ରହଣ କଲା ପରେ, ମୋର ପିଲା ମାନେ ବାଧ୍ୟ କରିବାରୁ ରାଉରକେଲା ଛାଡି ଭୁବନେଶ୍ବର କୁ ଆସିବା ପାଇଁ ମନସ୍ଥ କଲି। ମନ ରେ ବହୁତ ଦୁଃଖ ମାଡି ଆସିଲା; ମୁଁ ନିର ଭାଇ ଓ ଶୋଭନୀୟ ଆଶ୍ରମ କୁ ଛାଡି କରି ଆସିବାକୁ ପଡିବ, କିନ୍ତୁ ମୋର ଆଉ କିଛି ଅନ୍ୟବାଟ ନଥିଲା। ୨୦୨୨ ମସିହା ର ସେପ୍ଟେମ୍ବର ୨୯ ତାରଖ ସକାଳ ୯ଟାସମୟ  ରେ ପୁଅ ସତ୍ୟ ସହ ନାସନାଲ ହାଇୱେ ପାଖକୁ ଆସି  ମୋତେ ଦେଖା କରି ଯାଇଥିଲେ। ସେହିସମୟ ରେ ମୋତେ କହିଲେ ଯେ ତାଙ୍କର ପାର୍କିନସନ୍ ଓ ଶ୍ବାସ ରୋଗ ତାଙ୍କୁ ବଡ ହଇରାଣ କରୁଚି। ମୋତେ ବଡ ଡର ମାଡିଲା....

ତାପରେ ପରେ ରାଉରକେଲା ରେ ଆଇଜିଏଚ୍ ଓ ଆପୋଲୋ ରେ ଶ୍ବାସ ଜନିତ ଅସୁବିଧା ଯୋଗୁ ସେ ଆଡମିଟ୍ ହୋଇଥିଲେ। ମଝିରେ କଟକର ଅଶ୍ବିନୀ ହସପିଟାଲ୍ ରେ ସେ ଆଡମିଟ୍ ହବା ମସୟ ରେ ମୁଁ ଯାଇ ଦେଖାକରି ଆସିଥିଲି।

ଶିକ୍ଷାଶ୍ରମ ର ଚାରୁ ଗୁରୁମା ସବୁବେଳେ ତାଙ୍କ ସ୍ୱାସ୍ଥ୍ୟ ବିଷୟ ରେ ଅବଗତ କରଉ ଥାଆନ୍ତି। ଗତ ମାସ ୩୦ ତାରିଖ ରେ ଚାରୁ ଗୁରୁମା କହିଲେ, ନିର ଭାଇ ଙ୍କର ସ୍ୱାସ୍ଥ୍ୟ ଭୀଷଣ ଖରାପ ହବାରୁ ଭୁବନେଶ୍ବରର କିମସ୍ ହସପିଟାଲ୍ ରେ ଆଡମିସନ୍ ହୋଇଚନ୍ତି। ମୋମନରେ ଏଥର କାହିଁକି ଭୀଷଣ ଡର ପଶିଗଲା। ମୁଁ ସତ୍ୟ କୁ ଏହିମାସ ୨ ତାରିଖ ରେ ଫୋନ୍ କଲି। ସତ୍ୟ, ନିର ଭାଇ ଙ୍କ ଦେହ କିଛି ଭଲ ନାହିଁ କହିବାରୁ ବୁଧବାର ୩ ତାରଖ ରେ ମୁଁ ଓ ମୋ ସ୍ତ୍ରୀ ଓପରଓଳା ୫ ଟା ବେଳକୁ କିମ୍ସ ଯାଇ ଆଇସିୟୁ ରେ ଦେଖାକଲୁ। କିନ୍ତୁ ମୋମନରେ ସେପରି ଡର ଭରି କରିଥାଏ। ମୋସ୍ତ୍ରୀ ଭାଇ ଭାଇ ବୋଲି ଡାକିବାରୁ ଟିକିଏ ସେ ଖାଲି ଚାହିଁ ଦେଲେ। ସେଇଟା ଥିଲା ଆମର ସେ ପାର୍ଥିବ ଶରୀର ସହ ଶେଷ ସାକ୍ଷାତ!

ତାପରେ ଗୁରୁବାର ୪ ତାରିଖ ସାଢେ ୬ଟା ବେଳେ ଚାରୁ ଗୁରୁମା (ମୁଁ ଯାହା କୁ ଡରୁଥିଲି) ସେହି ଖବର ଦେଇଦେଲେ ଯେ, ଭାଇ ଆଉ ଏ ଦୁନିଆ ରେ ନାହାନ୍ତି। ମନ ରେ ବହୁତ କୋହ ଭରି ଗଲା। ସବୁଦିନ ପାଇଁ ଆମ ପ୍ରୀୟ ସରଳିଆ ମଣିଷ ଟି ଆଖିବୁଜି ଦେଲେ। ମଣିଷ ହାତରେ କିଛି କରିବାର ନାହିଁ। କଥାରେ ଅଛି, ଦଇବ ଦଉଡି ମଣିଷ ଗାଈ, ଯେଣିକି ଓଟାରେ ସେଣିକି ଯାଇ। ଏଇ ଯେ, ମନରେ ଚିନ୍ତା ଆସେ, ଏପରି ସରଳ ବ୍ୟକ୍ତି ଜଣକୁ ଆଉ କିଛି ଦିନ ଭଗବାନ ବଞ୍ଚିବାର ସୁଯୋଗ ଦେଇଥିଲେ, ଏହି ଲାଠିକଟା ବା ଜଲଦା ର ଆଦିବାସୀ ଅଞ୍ଚଳ ର ଶୋଭନୀୟ ଶିକ୍ଷାଶ୍ରମର କିଛିଟା ଅଧିକ ଉନ୍ନତି ହୋଇ ପାରି ଥାଆନ୍ତା ।

ପ୍ରଭୁ ନାରାୟଣ ଙ୍କର ପାଦତଳେ ଏତିକି ବିନତି ଯେ, ଆମ ନିର ଭାଇ ଙ୍କ ଆତ୍ମାର ସଦଗତି ହଉ।

ବିନମ୍ର ଶ୍ରଦ୍ଧାଞ୍ଜଳି ସହ,

**ଡ. ଶାନ୍ତନୁ କୁମାର ରଥ**

ଅବସରପ୍ରାପ୍ତ ଅଧ୍ୟାପକ, ଏନ.ଆଇ.ଟି ରାଉରକେଲା

-----❀❀❀-----

## <u>ସ୍ୱର୍ଗତଃ ନିର ଭାଇଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି</u>

ଅନ୍ୟ ଏକ ଶୋଭନୀୟ ସୂର୍ଯ୍ୟ ଓଡିଶାରୁ ଅସ୍ତମିତ | କୁମାର ଭାଇଙ୍କ ପରେ | ସିଏ ହେଉଛନ୍ତି ,ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଜଣେ କର୍ମଚାରୀ ତଥା ମହାନ୍ ସମାଜସେବୀ ,ଲୋକପ୍ରିୟ ଆଦର୍ଶ ବ୍ୟକ୍ତିତ୍ୱ ସ୍ୱର୍ଗତଃ ନିରଞ୍ଜନ ବେହେରା ,ଓରଫ୍ "ନିରଭାଇ" | ଓଡ଼ିଶାର ଅଶୋଭନୀୟ ଆନ୍ଦୋଳନର ଜାଗ୍ରତ ପ୍ରହରୀ ସ୍ୱର୍ଗତଃ କୁମାର ଭାଇଙ୍କର ଆଦର୍ଶ ,ସଂସ୍କାର ,ସଂସ୍କୃତି ,ସମାଜ ସଚେତନତା ଓ ସମର୍ପଣ ଭାବରେ ଯିଏ ଜୀବନବ୍ୟାପି ସାଧନାରତ ତଥା ଅନୁପ୍ରାଣୀତ ଥିଲେ | ତାଙ୍କର ତ୍ୟାଗ ,ତିତୀକ୍ଷା ,ମଣିଷପଣିଆର ଚରମ ସାର୍ଥକଥା ,ମହନୀୟତା ,ଆଦର୍ଶବତ୍ତା କାହାକୁ ଅଜଣା କି ଅଛପା ନାହି | ସିଏ ହେଉଛନ୍ତି ସେହି ନିଷ୍ଠାପର ନିରଳସ ,ନିଷ୍କାମ ,କର୍ମୀ ନିରଞ୍ଜନ ବେହେରା | ଯାହାକୁ ଲୋକେ ଶ୍ରଦ୍ଧାରେ ,ଆଦରରେ ସମ୍ମାନରେ 'ନିରଭାଇ' ବୋଲି ଡାକିଥାନ୍ତି |ତାଙ୍କର ଅସୀମ ଉଦ୍ୟମ ତ୍ୟାଗ ତଥା ଆପ୍ରାଣ ଚେଷ୍ଟା ଫଳରେ ଲଠିକଟା ଏବଂ ଆଇ . ଡି . ଏଲ ରେ ଶୋଭନୀୟ ଶିକ୍ଷାଶ୍ରମ ଗଢିଉଠିଥିଲା | ଇସ୍ପାତ କାରଖାନାରେ କାମ କରୁଥିଲେ ସତ ,ମଣିଷ ତିଆରି କାରଖାନାରେ କିପରି ସୁଯୋଗ୍ୟ ମଣିଷ ତିଆରି ହୋଇପାରିବେ ସେ ଚିନ୍ତା ସେ ଦିନରାତି କରୁଥିଲେ | ସେଥିପାଇ ସେ ସମାଜର ଅବହେଳିତ ,ଗରିବ ଛାତ୍ର ଛାତ୍ରୀ ତଥା ଆର୍ଥିକ ଅନଗ୍ରସର ଛାତ୍ର /ଛାତ୍ରୀ ମାନଙ୍କ ପାଇଁ ସବୁପ୍ରକାରର ସୁବିଧା ସୁଯୋଗ ପ୍ରଦାନ ପୂର୍ବକ ସ୍କୁଲ (ଶୋଭନୀୟ )ଗଠନ କରିଥିଲେ | ଛାତ୍ର /ଛାତ୍ରୀ ମାନଙ୍କୁ ଆଦର୍ଶ ,ସଂସ୍କାରୀମୂଳକ ଶିକ୍ଷା ,ପ୍ରଦାନ କରି ,ବେଶ୍ ଉଚ୍ଚ ପ୍ରଶଂସିତ ହେବାର ଗୌରବ ଶିକ୍ଷାନୁଷ୍ଠାନ ଲାଭ କରିଛି | ଆଦର୍ଶ ଗୁରୁ /ଗୁରୁମା ମାନଙ୍କର ତ୍ୟାଗପୂତ ,ନିଷ୍ଠା ଓ ସଂଯମମୂଳକ ଶିକ୍ଷା ତତ୍ତ୍ୱାବଧାନରେ ଛାତ୍ର\ଛାତ୍ରୀମାନେ ଉଚ୍ଚଶିକ୍ଷିତ ହୋଇ ସମାଜରେ ବେଶ୍ ପ୍ରତିଷ୍ଠିତ ହୋଇ ପାରିଛନ୍ତି | ତାଙ୍କର ତିରୋଧାନରେ ଶୋଭନୀୟ

ଆଶ୍ରମର ଶିକ୍ଷା, ଶିକ୍ଷକ, ତଥା ଶିକ୍ଷାୟାତନରେ ବେଶ୍ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି | ତତ୍ ସଙ୍ଗେ ସଙ୍ଗେ ତାଙ୍କ ଭଳି ଜଣେ ସମାଜସେବୀ ପରପୋକାରୀ ବଦାନ୍ୟବ୍ୟକ୍ତିଙ୍କର ଅଭାବ ଦେଖାଦେଇଛି | " Men lives in deeds , not in years " ମାନବ ତାର କର୍ତ୍ତବ୍ୟରେ ହିଁ ବଞ୍ଚିରହେ ଚିରକାଳ, ବର୍ଷ,ମାସ କି ଦିନ, ଦଣ୍ଡରେ ନୁହଁ |

"ମାନବ ଜୀବନ, ନୁହଁଇ କେବଳ
ବର୍ଷ ,ମାସ ,ଦିନଦଣ୍ଡ
କର୍ମେ ଜୀଏଁ ନର କର୍ମ ଏକା ତାର
ଜୀବନର ମାନଦଣ୍ଡ"

ସେହିଭଳି ଏକ ମହତ୍ ପବିତ୍ର ଆତ୍ମାର ସଦଗତି ପାଇଁ ମୁଁ ମହାପ୍ରଭୁଙ୍କ ଚରଣାରବିନ୍ଦରେ ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ,ତାଙ୍କର ଶୋକ ସନ୍ତାପ୍ତ ପରିବାର ବର୍ଗଙ୍କୁ ସହାୟ ହୁଅନ୍ତୁ,ଏତିକି କାମନା କରୁଛି |

**ଡ଼ଃ ରୁକ୍ମିଣୀ ସାହୁ ,**
(ପ୍ରାକ୍ତନ) ସହଯୋଗୀ ପ୍ରଫେସର
ଓଡିଆ

---❀❀❀---

## <u>ନିରଞ୍ଜନ ଭାଇଙ୍କ ସ୍ମୃତିରେ</u>

**ଶ୍ରୀମତୀ ରଶ୍ମିବାଳା ରାଉତରାୟ**

କେହି ରହିନାହିଁ .............ବାହୁଡିବେ କାଳବଳେ

ଅଚ୍ୟୁତାନନ୍ଦ ବିଦ୍ୟାପୀଠ ,ନେମାଳ ଠାରେ ଏକ ସଭାରେ ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ନିରଞ୍ଜନ ଭାଇ ଅଶୋଭନୀୟତା ନିରୋଧ ଆନ୍ଦୋଳନରେ ଯୋଗ ଦେଇଥିଲେ | ରାଉରକେଲା ଇସ୍ପାତ କାରଖାନାରେ କାର୍ଯ୍ୟରତ ଅବସ୍ଥାରେ ତାଙ୍କର ପିତା ମୃତ୍ୟୁଲାଭ କରିଥିବାରୁ ନିରଞ୍ଜନ ଭାଇଙ୍କୁ ମାତ୍ର ସତର ବର୍ଷ ବୟସରେ ଇସ୍ପାତ କାରଖାନାରେ କାମ କରିବାକୁ ପଡିଲା |ତଥାପି ସେ ପୂଜ୍ୟ ଭାଇଙ୍କୁ ଦେଇଥିବା ପ୍ରତିଶ୍ରୁତିରୁ ଓହରି ଯାଇନଥିଲେ |ଯେତେବେଳେ ହତାଶା ନିରାଶା ମଧ୍ୟରେ କାଳାତିପାତ କରୁଥିଲେ ତାଙ୍କର ଜୀବନ ଜାହାଜ ଅତଳ ସମୁଦ୍ରରେ ଟଳମଳ ହେଉଥିଲା |ସେତେବେଳେ ତାଙ୍କୁ ପୂଜ୍ୟ ଭାଇଙ୍କର ପତ୍ର ଗୁଡିକ ବତୀଘର ସଦୃଶ୍ୟ ପ୍ରତୀୟମାନ ହେଲା ଫଳରେ ନିରଞ୍ଜନ ଭାଇଙ୍କ ଜୀବନରେ ଏକ ନୂତନ ସମ୍ଭାବନା ଉଙ୍କି ମାରିଲା ।

ରାଉରକେଲା ଶୋଭନୀୟ ଶିକ୍ଷାଶ୍ରମ ସହ ନିଜ ଜୀବନର ନିର୍ମାଣ ଆରମ୍ଭ ହୋଇଥିଲା । ପୂଜ୍ୟ ଭାଇଙ୍କ ଅଶୋଭନୀୟତା ନିରୋଧ ଆନ୍ଦୋଳନରେ ଯୋଗଦେଇ ନିଃସ୍ୱାର୍ଥ ପର ଭାବେ କାର୍ଯ୍ୟକରି ତାଙ୍କର ସ୍ୱପ୍ନ କୁ ସାକାର କରିବାରେ ସମର୍ଥ ହୋଇପାରିଥିଲେ |ଶେଷ ଜୀବନ ପର୍ଯ୍ୟନ୍ତ ସେ ଆଇ.ଡି.ଏଲ ସ୍ଥିତ ରାଉରକେଲା ଶୋଭନୀୟ ଶିକ୍ଷାଶ୍ରମ ଓ ଲାଠିକଟା ସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ର ବିକାଶ ପାଇଁ କାର୍ଯ୍ୟକରି ଯାଇଛନ୍ତି ।

ତାଙ୍କ ଆତ୍ମାର ସଦ୍ ଗତି ପ୍ରାପ୍ତି ହେଉ ଏହା ଜଗନ୍ନାଥଙ୍କ ଠାରେ ମୋର କୋଟି କୋଟି ପ୍ରଣତି ।

---❀❀❀---

# ନିରନ୍ତର ପ୍ରେରଣାର ଉତ୍ସ ନିର ଭାଇ

ସେପ୍ଟେମ୍ବର ମାସ ୪ ତାରିଖ ଗୁରୁବାର ଦିନ ଆମ ସମସ୍ତଙ୍କର ଅନ୍ତରର ନିର ଭାଇ ଏ ପାର୍ଥିବ ସଂସାରରୁ ବିଦାୟ ନେଲେ | ହଠାତ୍ ଏ ଖବର ମତେ ସ୍ତବଧ୍ କରିଦେଲା | ସେ ଅସୁସ୍ଥ ଥିଲେ ସତ ହେଲେ ଇହଧାମ ତ୍ୟାଗ କରି ଏତେ ଶୀଘ୍ର ଚାଲି ଯିବେ ,ମୋ ପାଇଁ କଳ୍ପନାତୀତ ଥିଲ | "ଜାତସ୍ୟହ ଧ୍ରୁବମୃତ୍ୟୁ" ନ୍ୟାୟରେ ଛାତିକୁ ପଥର ରଖି ଏ ଦାରୁଣ ଦୁଃଖ କୁ ସହ୍ୟ କରିବାକୁ ପଡିଲା | ଶୋଭନୀୟ ଆନ୍ଦୋଳନ ର ପୁରୋଧା ପୂଜ୍ୟ ଶ୍ରୀ କୁମାର ଭାଇ ଙ୍କ ଆଦର୍ଶରେ ଅନୁପ୍ରାଣୀତ ଥିଲେ ନିର ଭାଇ | ଅଶୋଭନୀୟତା କୁ ସମାଜରୁ ଦୂର କରି ଏକ ଶାନ୍ତ ,ସୁସ୍ଥ ,ସଭ୍ୟ ସମାଜ ଟିଏ ଗଠନ କରିବାର ପ୍ରଚେଷ୍ଟାରେ ଥିଲେ କୁମାର ଭାଇ | ଆଜିର ଛାତ୍ର କାଲିର ନାଗରିକ,ତେଣୁ ବିଭିନ୍ନ ବିଦ୍ୟାଳୟ ବୁଲିବୁଲି ନିଜର ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଦିଗଦର୍ଶନ ଦେଇ ଦେଶର ମୂଳଦୁଆ ସୁଦୃଢ କରିବାରେ ବ୍ରତିଥିଲେ ସେ |ମୁଁ ଛାତ୍ରୀ ଥିବା ସମୟଠାରୁ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇଥିଲି | ନିରଭାଇ ମଧ୍ୟ ତାଙ୍କ ଆଦର୍ଶରେ ପ୍ରଭାବିତ ହୋଇ ଭଲ ମଣିଷଟିଏ ହେବାର ଶପଥ ନେଇଥିଲେ | ଏ ଦିଗରେ ତାଙ୍କର ଆନ୍ତରିକ ନିଷ୍ଠା ଦେଖି କୁମାର ଭାଇ ନିରଭାଇ ଙ୍କୁ ଏକ ପ୍ରାର୍ଥନା ସଭାରେ ,ତାଙ୍କ ଜୀବନକୁ ସମାଜର ମଙ୍ଗଳପାଇଁ ଉତ୍ସଗ କରିବାକୁ ନିବେଦନ କରିଥିଲେ |ଏ ପରମ ସୁଯୋଗ କୁ ହାତଛଡା ନ କରି ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ସ୍ୱପ୍ନ କୁ ସାକାର କରିବାରେ ଲାଗିପଡ଼ିଥିଲେ ସେ |

ନିରଭାଇଙ୍କ ସହ ମୋର ଦେଖା ହୋଇଥିଲା ଯେତେବେଳେ ସେ ରାଉରକେଲା ସରକାରୀ ବାଳିକା ବିଦ୍ୟାଳୟକୁ ଆସିଥିଲେ | ମୁଁ ସେତେବେଳେ ସେଠାରେ ସହକାରୀ ଶିକ୍ଷୟିତ୍ରୀ ଥିଲି | ସେ କୁମାର ଭାଇଙ୍କ ଶିଷ୍ୟ ହିସାବରେ ନିଜର ପରିଚୟ ଦେବାପରେ ଆମ ବିଦ୍ୟାଳୟରେ ତାଙ୍କ କାର୍ଯକ୍ରମ କରିବା ପାଇଁ ,ବିଦ୍ୟାଳୟର ଛାତ୍ରୀଙ୍କୁ ମାର୍ଗଦର୍ଶନ ଦେବାପାଇଁ ମିଳିଥିଲା ସୁଯୋଗର ସଦ୍ ବ୍ୟବହାର କରିଥିଲି | ପିଲାଦିନର ସ୍ମୃତି ମନେ ପକାଇ ମୁଁ ମଧ୍ୟ ମିଟିଂ ରେ ତାଙ୍କ ସହ ଗାଇ ଉଠିଥିଲି - ଜାଗ ଲକ୍ଷ୍ମୀ ,ଜାଗ ଘରଣୀ ,ଜାଗ ସ୍ନେହ ଦାୟିନୀ ମାଆ –ଜାଗ ଭଗିନୀ ଦୁଃଖ ହାରିଣୀ ,ଜାଗ ସ୍ନେହ ଦୟା କ୍ଷମା .........

ତାପରେ ଲାଠିକଟା ନିକଟସ୍ଥ ବାଙ୍କି ବଜାର ଉଚ୍ଚ ବିଦ୍ୟାଳୟରେ ମୁଁ ଥିଲାବେଳେ ସେ ଆସି ଆମ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଭାଷଣ ଦେଇଥିଲେ | ମୁଁ ମଧ୍ୟ ତାଙ୍କ ଚେଷ୍ଟା ରେ ଗଢି ଉଠି ଥିବା ତାଙ୍କ ଶୋଭନୀୟ ଶିକ୍ଷାଶ୍ରମକୁ ଅନେକ ଥର ଯାଇଛି | ତା ପୂର୍ବରୁ ଚାରୁ ଅପା ଙ୍କ ସହିତ ମୋର ସମ୍ପର୍କ ଥିଲ |ଏବଂ ସେ ମଧ୍ୟ କୁମାର ଭାଇଙ୍କ ଆଦର୍ଶ ରେ ଅନୁପ୍ରାଣୀତ | ସୁସ୍ଥ ସମାଜ ଗଠନ କରିବା ପାଇଁ ସେ ମାନଙ୍କର ତ୍ୟାଗ ଓ କର୍ମନିଷ୍ଠା ମୋତେ ଆଶ୍ରମ ସହ ଘନିଷ୍ଠ ହେବା ପାଇଁ ପ୍ରେରଣା ଯୋଗାଇଥିଲା | ନିରଭାଇ ସମସ୍ତଙ୍କର ପୂଜ୍ୟ ମାର୍ଗଦର୍ଶକ ଥିଲେ | ତାଙ୍କ ଅବର୍ତ୍ତମାନରେ ଶିକ୍ଷା ଶ୍ରମର ଅନ୍ତେବାସୀ ,ସମସ୍ତ କର୍ମଚାରୀ ଏପରିକି ଗଛ ଲତା, ଗୋଡି ମାଟି ତାଙ୍କୁ ଆଜି ଝୁରୁଛି | ସେ ସଂସାରରେ ନାହାନ୍ତି ସତ ;ଚେତନାଗତ ସ୍ତରରେ ତାଙ୍କୁ ଭଲ ପାଉଥିବା ସମସ୍ତଙ୍କ ସହ ସେ ରହିଛନ୍ତି ଏବଂ ରହିଥିବେ ମଧ୍ୟ | ତାଙ୍କର ଅ ମର ଆତ୍ମା ସଦ୍ ଗତି ଲାଭ କରୁ । ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ପାଦପଦ୍ମରେ ମୋର ପ୍ରାର୍ଥନା |

ଓମ୍ ଶାନ୍ତିଃ, ଶାନ୍ତିଃ ,ଶାନ୍ତିଃ

**ମଞ୍ଜୁଳା କୁମାରୀ ରଥ**
ବାସନ୍ତୀ ନଗର ,ରାଉରକେଲା,
୯୪୩୭୨୮୬୬୦୬

---❀❀❀---

## ସମାଜ ସଂସ୍କାରକ ନିରଭାଇ

ନିର  ଭାଇ ଚାଲିଗଲେ, ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଛି, ବିଶ୍ବାସ କରି ହେଉନାହିଁ। ମନେ ପଡେ ମୁଁ ପଞ୍ଚମ କିମ୍ବା ଷଷ୍ଠ ଶ୍ରେଣୀରେ ପଢୁଥିବି ବୋଧେ । ଅତି ସୁନ୍ଦର ଗୁଲୁଗୁଲିଆ କଅଁଳ ଶିଶୁ ନିର  ଭାଇଙ୍କୁ କୋଳରେ ଧରିଛି,ମନ ଭରି ଗେଲ କରିଛି । ଖିଲି ଖିଲି ହସର ମାଧୁର୍ଯ୍ୟକୁ ମନର ନିଭୃତ କୋଣରେ ସାଇତି ଆମ ଗାଁକୁ ଫେରିଲେ ମନେ ପଡେ ତାଙ୍କର ଶିଶୁ ସୁଲଭ ବାଳ ଲିଳା ।ଭୁଲି ହୁଏନି ହସ ଟିକକ ।

ଲୌ।କିକ ବିଚାର ସେ ମୋର ମାଉସୀଙ୍କ ପୁଅ ବଡଭାଇଙ୍କର ପୁଅ ,ମୋର ପୁତୁରା କିନ୍ତୁ କର୍ମ ର ଶ୍ରେଷ୍ଠ ତା ମନୁଷ୍ଯକୁ ଆଉ ଏକ ପରିଚୟ ଦେଇଥାଏ।

ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ
କର୍ମେ ଦିଏ ନର କର୍ମ ଏକା ତାର ଜୀବନର ମାନ ଦଣ୍ଡ

ଏହି ଆଧାର ରେ ସେ ଶୋଭନୀୟ ଆନ୍ଦୋଳନ ର ପୃଷ୍ଠ ପୋଷକତା ଓ କୁମାର ଭାଇଙ୍କ ଭାବଧାର ର ପ୍ରଚାର ପ୍ରସାର କରିବାରେ ଅଗ୍ରଦୂତ ହୋଇ ଜୀବନର ପ୍ରତି ଛତ୍ରରେ ଅକ୍ଷରେ ଅକ୍ଷରେ ପାଳନ କରିବା , ବିପଥଗାମୀ ସଂସାରକୁ ଶୋଭନୀୟ ଆନ୍ଦୋଳନକୁ ସମସ୍ତଙ୍କ ପାଖରେ ପହଞ୍ଚେଇବାରେ ତାଙ୍କର ପରିଚୟ ନିର ଭାଇ ।

ନିର  ଭାଇଙ୍କ ଜୀବନବ୍ୟାପୀ ସାଧନା ଓ ସ୍ବଧାୟକୁ ତାଙ୍କର ଦେହାବସାନ ପରେ ମଧ୍ୟ କାଳଜୟୀ କରି ରଖିବ । ସେ ବପନ କରିଥିବା ଶୋଭନୀୟ ବୀଜ ମହା ମହା ଦୃତ ସୃଷ୍ଟି କରିବ ନିଶ୍ଚୟ। ସମାଜ ସଂସ୍କାରକ ମାନଙ୍କର ସାଧନା କେବେ ନିଷ୍ଫଳ ହୋଇନାହିଁ ।

କର୍ମଣାଃ ଗହନଂ ଗତିଃ

ନିର ଭାଇ ଗଲା ପରେ ହଜାର ହଜାର ନିର ଭାଇ ସୃଷ୍ଟି ହେବେ ଓ କୁମାର ଭାଇଙ୍କ ଆଦର୍ଶକୁ ସାକାର କରିବେ , ନିର ଭାଇଙ୍କ ଜୀବନ ବ୍ୟାପି ସାଧନାକୁ ଭୁୟୟସି ପ୍ରଶଂସା କରିବା ସହ ତାଙ୍କର ଆତ୍ମା ର ସଦ୍ଗତି ଓ ଛାଡି ଯାଇଥିବା ବିଶାଳ ଶୋଭନୀୟ ସଂସାରକୁ ଅପୁରଣୀୟ କ୍ଷତି ଦୁଃଖ ସହର ଶକ୍ତି ପାଇଁ ଭଗବାନଙ୍କୁ ପ୍ରାର୍ଥନା
ଓଁ ଶାନ୍ତିଃ, ଓଁ ଶାନ୍ତିଃ, ଓଁ ଶାନ୍ତିଃ

**ବିଭୂତି ଭୂଷଣ ମାଝୀ, ଭୁବନେଶ୍ବର**

---❀❀❀---

---

### ବର୍ତ୍ତମାନ ଯୁଗର ମହାମନ୍ତ୍ର

ଆଉକେହି ଭଲ ହେଉ ବା ନ ହେଉ ଭଲ ମୁଁ ନିଜକୁ କରିବଇଁ ,
ଏହା ହେଉ ପ୍ରତି ମନର ଶପଥ ଜୀବନେ ସିଦ୍ଧି ଲାଭ ପାଇଁ ।

■ ପୂଜ୍ୟଶ୍ରୀ କୁମାର ଭାଇ

# ନିରଞ୍ଜନ ଭାଇଙ୍କ ଅବର୍ତ୍ତମାନରେ ମ୍ରିୟମାଣ

ଆଜି ସେପ୍ଟେମ୍ବର ଆଠ ତାରିଖ

ଦିପ୍ରହର ଦିନ ୨ ଟା ସାମାନ୍ୟ ବିଶ୍ରାମ ପରେ କଲେଜ ଯାଏ ,ହଠାତ୍ ମୋବାଇଲର ଶବ୍ଦ ଶୁଣି ଫୋନ୍ କୁ ଉଠେଇଲି | ଶୋଭନୀୟ ଶିକ୍ଷାଶ୍ରମରୁ ଚାରୁଲତା ଅପା କଲ୍ କରିଥିଲେ |ଅନେକ ଦିନ ପରେ ଫୋନ୍ ଟି ପାଇବା ମାତ୍ରେ ମନଟି ଉଲ୍ଲସି ଉଠିଲା | କେଉଁ ନିକଟ ଭବିଷ୍ୟତରେ କେଉଁ ପ୍ରୋଗ୍ରାମ ପାଇଁ ବୋଧେ ନିରଞ୍ଜନ ଭାଇ ମନେ ପକେଇଛନ୍ତି | କିନ୍ତୁ ଖବର ଟି ଶୁଣିବା ମାତ୍ରେ ଗୋଡ ତଳୁ ମାଟି ଖସିଗଲା ପରି ଲାଗିଲା ଓ ମୁଁ ସମ୍ପୂର୍ଣ ମ୍ରିୟମାଣ ହେଲି ପୂଜ୍ୟ ନିରଞ୍ଜନ ଭାଇଙ୍କ ଅସମୟରେ ଅବର୍ତ୍ତମାନ ,ଅତ୍ୟନ୍ତ ହୃଦୟ ବିଦାରକ ,ଅଗ୍ରହଣୀୟ ଓ ସମଗ୍ର ମାନବ ସମାଜ ପ୍ରତି ଏକ ବଡ ଧକ୍କା | ଏ କ୍ଷତି ଅପୁରଣୀୟ | ଅତ୍ୟନ୍ତ ଶାନ୍ତ ,ସୁସ୍ପଷ୍ଟବାଦୀ,ବଳିଷ୍ଠ ସଂସ୍କାର ଯୁକ୍ତ ,ଉଦାର ,ନମନୀୟ ଚରିତ୍ର ଟିଏ | ମୋର ପ୍ରିୟ ନିରଞ୍ଜନ ଭାଇ ମଝିରେ ମଝିରେ ଫୋନ କରି ଭଲ ମନ୍ଦ ବୁଝି ବଡ ଭାଇର ଦାୟିତ୍ଵ ମଧ୍ଧ ତୁଲାଇବାକୁ ଭୁଲି ନ ଥାନ୍ତି | ଆଜି ସ୍ଵତନ୍ତ୍ର ଭାବେ ମୁଁ ତାଙ୍କର ଇହଲୀଳା ସମ୍ବରଣ କୁ ଗ୍ରହଣ କରିବାକୁ ଅକ୍ଷମ | ବହୁତ ବିଜ୍ଞ ପ୍ରାଜ୍ଞ ବ୍ୟକ୍ତିତ୍ଵ ଙ୍କ ଠାରୁ ଶୁଣିଛି ,ଭଗବାନ ତାଙ୍କର ସାମ୍ରାଜ୍ୟ ପାଇଁ ଯେତେବେଳେ ଯୋଗ୍ୟତମ ପାତ୍ର ଅନୁସନ୍ଧାନ କରନ୍ତି | ସେତେବେଳେ ଏହିପରି ଦିବ୍ୟାତ୍ମା ମାନଙ୍କ ଉପରେ ତାଙ୍କର ଆଖିପଡ଼େ | ସେ ଯାହା ହେଉନା କାହିଁକି, ନିରଞ୍ଜନ ଭାଇ ଆଉ ଏକ ବଳିଷ୍ଠ ମାନବିକତା ର ରୂପ ନେଇ ସଂସାରର ଉତ୍ତରତର ଉନ୍ନତି ସକାଶେ ପୁନର୍ବାର ଏ ଧରା ଜଗତକୁ ଆସିବେ | ସେଥିରେ ସନ୍ଦେହ ନାହିଁ | ଏ ଜନ୍ମରେ ତାଙ୍କର ମାନବ ଜାତି ପାଇଁ ନିଷ୍କପଟ ଅଦ୍ଭୁତ ସେବା ଚିର ସ୍ମରଣୀୟ ହୋଇ ରହିବ ଓ ଅନେକ ଙ୍କ ପଥ ପ୍ରଦର୍ଶକ ହେବା ଦୃଢ ନିଶ୍ଚିନ୍ତ |

ମୋର ପ୍ରଭୁ ଜଗନ୍ନାଥଙ୍କ ଶ୍ରୀ ଚରଣରେ ଏପରି ଏକ ଦୃଢ ପ୍ରଜ୍ଞା ସମ୍ପନ୍ନ ବ୍ୟକ୍ତିତ୍ଵ ଭାଇଙ୍କ ନିମନ୍ତେ ଶାନ୍ତି ଓ ମୁକ୍ତି ପାଇଁ ଆନ୍ତରିକ ପ୍ରାର୍ଥନା ଓ ମୋର ଆନ୍ତରିକ କୃତଜ୍ଞତା |

**ରୀତା ପଟ୍ଟନାୟକ**

++++++++++++++❀❀❀+++++++++++++++

# ନିରଭାଇଙ୍କ ଅବର୍ତ୍ତମାନରେ ଶୋଭନୀୟ ଆନ୍ଦୋଳନ

**ବିଶ୍ୱେଶ୍ୱର ମାଝୀ**

ଧରାବତରଣ: ୪|୧୧|୧୯୬୪

ସ୍ବର୍ଗାରୋହଣ: ୪|୯|୨୦୨୫ (ବାମନ ଜନ୍ମ)

ନିରଭାଇ (ନିରଞ୍ଜନ ବେହେରା), ପିଲାଦିନରୁ ସମ୍ପର୍କୀୟ ଭାବରେ ତାଙ୍କ ଜନ୍ମସ୍ଥଳୀ, ଗୋପୀନାଥପୁରରୁ, ମୋ ସାନ ମାଉସୀ ଘରୁ ପରିଚିତ। ପିଲାଦିନରୁ ଅନ୍ତିମ ନିଶ୍ୱାସ ପର୍ଯ୍ୟନ୍ତ ସେଇ ସରଳ, ଆମାୟିକ, ସହର୍ଷ ମୁଖ। ଦ୍ୱିତୀୟ ଦେଖା ୧୯୮୪ରେ ସେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଓ ମୁଁ ଏସ.ବି.ଆଇ ରେ ନବାଗତ ବେଳେ। ତାଙ୍କ ସୌଜନ୍ୟରୁ ପ୍ଲାଣ୍ଟ ବୁଲିବା ସହ କ୍ୟାଣ୍ଟିନ ଖାଇବାର ମଜା ନେଇଥିଲି।

ତୃତୀୟ ସାକ୍ଷାତ ୨୦୧୧ ସାଲ ବାଲିଝୁଡି, ରାଉରକେଲା ଶାଖା ପରିଚାଳକ ଭାବେ ବଦଳି ପରେ। ଖବର ପାଇ ମତେ ସାକ୍ଷାତ କରିବା ସହ ଲାଠିକଟା ଆଶ୍ରମକୁ ନେଲେ ସେ। ସେତେବେଳକୁ ମୋର ଦୁଇ ଭଉଣୀ ଚାରୁଲତା (ଚାରୁ ଗୁରୁମା) ଓ ମିତା ଆଶ୍ରମରେ କାର୍ଯ୍ୟରତ। ତେଣୁ ଅପାର ଆନନ୍ଦ।

ଅଶୋଭୀୟତା ନିରୋଧୀ ଆନ୍ଦୋଳନ ସହ ଜଡିତ ହୋଇ, ବିଭିନ୍ନ କାର୍ଯ୍ୟକ୍ରମ, ବାର୍ଷିକ ଉତ୍ସବ ଆଦିରେ ଯୋଗଦେଇ ଜୀବନ ସାର୍ଥକ କଲି। ସ୍ୱର୍ଗତ ପାଣ୍ଡୁ ମହନ୍ତ ମହାଭାଗଙ୍କ ଆୟୋଜିତ ଶୋଭାଯାତ୍ରାରେ ଳହୁଣିପଡ଼ା ପର୍ଯ୍ୟନ୍ତ ଯିବାର ସୁଯୋଗ ପାଇଛି। ତା ପରେ ମଧ୍ଯ ସାକ୍ଷାତ କିଛିଥର ହୋଇଛି।

ନିରଭାଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାରୁ ଆଗଧାଡ଼ିର ସୈନିକ ଭଳି କାମ କରିବାର ଗୌରବ ଅଙ୍ଗେ ନିଭାଇଛି। କାନ୍ତି ମା, କଳ୍ପ ମା, ତାଙ୍କର ଦୁଇ ଲୌକିକ ପୁତ୍ର ଜ୍ଞାନ ଓ ସତ୍ୟ ସଭିଏଁ ମୋ ପାଇଁ ପ୍ରିୟ।

ନିରଭାଇ ଚାକିରୀ ପାଞ୍ଚ ବର୍ଷ ଥାଇ ସ୍ବେଚ୍ଛାକୃତ ଅବସର ନେଲେ, ଆନ୍ଦୋଳନ ଆଗକୁ ନେବାକୁ। କିନ୍ତୁ ବିଧିର ବିଧାନ ଭିନ୍ନ ଥିଲା, ପ୍ରାୟ ଶଯ୍ୟାଶାୟୀ ହୋଇ ଶେଷ ନିଶ୍ୱାସ ତ୍ୟାଗ କଲେ। ତାଙ୍କ ଅବର୍ତ୍ତମାନରେ ପଶ୍ଚିମାଞ୍ଚଳର ଅଶୋଭନୀୟତା ନିରୋଧ ଆନ୍ଦୋଳନ, ଅନ୍ୟ କର୍ମକର୍ତ୍ତାଗଣ ଆଗକୁ ନେବା ଆଶା।

ନିରଭାଇଙ୍କ କାର୍ଯ୍ଯାବଳୀ ସଂକ୍ଷିପ୍ତ ବର୍ଣ୍ଣନାରେ ସମ୍ଭବ ନୁହେଁ, ଚାଳିଶ ବର୍ଷର ଇତିହାସ,ପୂଜ୍ୟ କୁମାର ଭାଇ ତାଙ୍କୁ ଭଲପାଇ ଆଦରି ନେବା ଦିନରୁ।

ଅମଳିନ ଆତ୍ମାର ସଦଗତି କାମନା ସହ ଦିବ୍ଯ ଅନୁଷ୍ଠାନ ତଥା ଲୌକିକ ପରିବାର ପାଇଁ ଶାନ୍ତ୍ୱନା ଦେଇ ଏକ ବଟବୃକ୍ଷର ଅନ୍ତିମ ଦୃଶ୍ଯ ସମାପନ କରୁଛି।

--ମୃତ୍ୟୋର୍ମାଂ ଅମୃତଙ୍ଗମୟ –

-----❀❀❀-----

**Nira Bhai: A Shining Star In The Sovaniya Sky.**

**Indramani Nayak**
**Life Member, IIPM.**

In the evening on 4 September 2025, I came to learn from the message of Dr. Arunadhati Devi, Director/Secretary of International Indecency Prevention Movement that Nira Bhai, Life Member, IIPM, a tireless worker, an eloquent speaker and an ardent devotee of Revd. Shree Kumar Bhai is no more. She was speechless when someone broke her the news that he breathed his last at Bhubaneswar. Such experience also came to me. Each and every conscious member of our Decency Movement must have experienced the same feeling. The moment he passed away, a void was created in the history of International Decency Movement which can never be filled.

Coming in contact with Revd. Shree Bhai, the Founder of the Movement, there was a complete transformation in the personality of Nira Bhai which can only be compared with the relationship between Swami Vivekananda and his Guru Ramakrishna Paramahansa. Words fail to express my love and respect for Nira Bhai.

Revd. Shree Bhai like William Wordsworth and Rabindranath Tagore was a great lover of nature. He chose Rourkela to be the laboratory of his Educational Reform, based on morality and humanism. Nira Bhai was strong enough to be in charge of three Sovaniya Sikhyashrams at Rourkela. At present two man-making institutions are there and the third one became defunct due to some reason or other.

He very well understood that these "Schools of Decency," called "Sovaniya Sikhyashram," are a part of the multifarious philanthropic projects of IIPM. Hence he put

emphasis, throughout his life, on the spread of the Movement. He was an employee of Rourkela Steel Plant by profession and performed his duty sincerely. The rest of the time he managed to devote himself to the work of the Movement. Finally, a time came when he took voluntary retirement and dedicated himself completely to reach the remote areas of Odisha and influenced everyone to stick to the right path and attain peace in life.

As per the ideology of Revd. Shree Bhai and the published literature of Revd. Shree Bhai and several magazines reflecting the principles of the Movement and how an individual can live a better, healthier and happier life.

As a co-worker of the Movement, we travelled together in "Sovaniya Ratha," the car meant for propagating the message of Revd. Shree Bhai and sat, ate, thought and rested together at different places. Among the other brothers Guruji Umakanta Sutar and Bhai Pradipta Mishra have left us for their heavenly abode.

Being inspired, he spoke to the audience during our Chetana Yatra for hours together and my task was to revise and re-enthuse the same among students and teachers in educational institutions as follow-up action. He did everything in a planned manner and wrote his diary of introspection and self-purification daily.

I see him how he discussed with the senior members of the movement what to do and how to do and adorably called them Apa (Elder Sister).

I joined the movement later than him, we always obeyed him as elder brother and senior member. He expected a lot from me and we talked to each other by telephone and whenever we met together at Cuttack, the Headquarters of Sovaniva Andolan and at Udayagiri National School of Decency and the first residential school. On an important issue to solve some problem, he met me at my rented house at Jadupur, Kendrapara. He wore a nice look in his neat and clean white cotton dress. I'll always remember his greetings to me with a smile.

He managed to take the mortal remains of Revd. Shree Bhai to Rourkela Sovaniva Sikhyashram and the journey was known as "Asthi Kalash Yatra," an unforgettable occasion which everyone enjoyed with enthusiasm and fervour. I cherish and fondly remember every moment of it and bathe in the pleasure even now how everyone welcomed us on our way from the Memorial Place (Smruti Pitha) of Revd. Shree Bhai at Sovaniya Nagar Abhinab Bidhanasi, Cuttack to Rourkela Sovaniva Sikhyashram. He preserved the speech of Revd. Shree Bhai and some rare photographs which need to be preserved in the museum of International Indecency Prevention Movement for the future generations to be inspired and make themselves a part of the Movement.

Nira Bhai succumbed to Asthma. Of course I was unfortunate enough to have a last look at his mortal frame but my profound love and respect to him are being nurtured every now and then in the core of my heart and awaken me to achieve something great for the spread of this noble movement.

The most important point worth mentioning here is that he included the members of his family to be loyal to the work of the Movement.

Really Nira Bhai was a star in the sky of Decency Movement. Let us listen, read and discuss what he has done and try our best, our very best to fulfil his dream. Let the Almighty God give courage to the members of his family to bear the irreparable loss. Oh my dear Sadhakas and Sadhikas of International Indecency Prevention Movement! Let us work together hand in hand with honesty and sincerity, advance a step further, fight to the last, so that we can honour the dear one departed and receive the blessing of our Gurudev. May Nira Bhai's soul rest in peace.

I could have produced more and more and expressed myself in a better way in my mother-tongue Odia, but I think, a time will come, when the whole world will appreciate the ideology of Revd. Shree Bhai and this brief sketch will be a part of the writings/literature of International Indecency Prevention Movement.

Let us utter: “Let no one be good or just, But I’ll try to be. Let this be everyone’s motto, to achieve success in life.” and act accordingly so that the New Era of Decency will usher in on this earth. *May all live in Divine Peace*.

---❀❀❀---

## Departure of a visionary

It is departure of a visionary who touched countless lives through his wisdom, compassion and tireless dedication. He was pillar of this Sovaniya Sikyashram as well as the Sovaniya Andolan, which he built with immense love, determination and faith. What began as his dream has today become a reality that continues to nurture, educate and inspire generations.

His leadership and dedication always inspired me. He was fatherly figure to me, he always appreciated my success, encouraged me and also motivated me. Though I feel emptiness in my heart, I feel proud and gratitude to be a part his vision and values. His journey may have ended in this earth, but his values and dream will continue to guide us.

May his soul rest in eternal peace.

**Poonam Kandulna** (OFS-I)
Former student of
Sovaniya Sikyashram

---

Success in noble effort
comes after a number of stiff trials,
failures and mountains of obstacles
but it is sure to come.

■ Pujya Shree Kumar Bhai

# ପ୍ରଣାମ ଅଫେରା ପଥର ଯାତ୍ରୀଙ୍କୁ

***ସତ୍ୟଭାମା ସାହୁ***
ପ୍ରଧାନଗୁରୁମା,
ଅନୁଗୋଳ ଶୋଭନୀୟ ଶିକ୍ଷାଶ୍ରମ
ଦୂରଭାଷ-୭୭୫୦୯୪୮୩୮୩

ଶୋଭନୀୟ ଆନ୍ଦୋଳନର ଜଣେ ସଚ୍ଚା ସେବକ ପୂଜ୍ୟ ନିର ଭାଇଙ୍କୁ ମୁଁ ୧୯୯୯ ମସିହାରୁ ଜାଣିଛି,ଯେବେ ପାଦ ଥାପିଥିଲି ଏ ମହାନ୍ ମଙ୍ଗଳ ମୟ କଠୋର ସାଧନା ପଥରେ । ପୂଜ୍ୟା ଗୁରୁମା ମାନଙ୍କ ଠାରୁ ଶୁଣିଛି ଅନେକ କଥା ତାଙ୍କ ବିଷୟରେ । ଜୀବନର ପ୍ରତି ମୁହୂର୍ତ୍ତକୁ ଉତ୍ସର୍ଗ କରିଛନ୍ତି ସେ ଶୋଭନୀୟତାର ବିକାଶ ପାଇଁ । ତାଙ୍କର ତ୍ୟାଗ, ସେବା, ତିତିକ୍ଷା ପାଇଁ ସେ ଆମର ଚିର ନମସ୍ୟ ।

କରୋନା ମହାମାରୀ ବେଳେ ପୂଜ୍ୟା ମିନି ଗୁରୁମାଙ୍କ ସହିତ ସମ୍ବଲପୁର ଶିକ୍ଷାଶ୍ରମ ଯିବା ବାଟରେ ଆମ ବସା ଘରେ ସୁଯୋଗ ପାଇଥିଲି ତାଙ୍କ ସହିତ ପ୍ରଥମ ଥର ପାଇଁ ଅଧ ଘଣ୍ଟା କଥା ବାର୍ତ୍ତା ହେବାକୁ । ଆମେ ବାଟରେ ଖାଇଦେବୁ କହି ମୁଁ ପ୍ରସ୍ତୁତ କରିଥିବା ପିଠା ନେଇ ଗଲେ ସାଥିରେ । ମୁଁ ଯେତେବେଳେ କହିଥିଲି ଗ୍ରାମାଞ୍ଚଳରେ ଗଢି ଉଠିଥିବା ଏହି ଅନୁଗୋଳ ଶୋଭନୀୟ ଶିକ୍ଷାଶ୍ରମ ଟିକୁ ଚଳାଇବା ଅତ୍ୟନ୍ତ ଆୟାସସାଧ୍ୟ ବ୍ୟାପାର , ସେ କହିଥିଲେ - ଏଇଠି ହିଁ ଚାଲୁଅଛି ପୂଜ୍ୟ ଭାଇଙ୍କ ପ୍ରକୃତ କାର୍ଯ୍ୟ । ସହରରେ ତ ଆଲୋକ ଅଛି, ଅନ୍ଧାରରେ ଆଲୋକ ଦେଖାଇବା କାର୍ଯ୍ୟ ତୁମେ କରୁଛ। ସେଥିପାଇଁ ମନଦୁଃଖ କାହିଁକି ? ମୁଁ ଆସିବି,ଆମେ ମିଶି ଏ ଅଞ୍ଚଳରେ ଆନ୍ଦୋଳନର ପ୍ରଚାର ପ୍ରସାର କରିବା ।

ପ୍ରାୟ ଏକ ମାସ ପରେ ମୁଁ ଜାଣିବାକୁ ପାଇଲି ଭାଇ ଅସୁସ୍ଥ ହୋଇ ପଡିଲେ । ଟେଲିଫୋନ ରେ ଅବା ଚାରୁ ଗୁରୁମାଙ୍କ ସହ ଦେଖା ଦେଲେ ମୁଁ ତାଙ୍କୁ ପଚାରେ ନିର ଭାଇଙ୍କ ସମ୍ପର୍କରେ । ଏ ବର୍ଷ ରଥଯାତ୍ରାରେ ପ୍ରଦୀପ ଗୁରୁଜୀ ଚାରୁ ଗୁରୁମାଙ୍କ ଠାରୁ ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ବୁଝି ମୋତେ ସବୁ କଥା କହୁଥିଲେ ।

ବିଧିର ବିଧାନ ବଡ଼ ବିଚିତ୍ର। ଦୁଃଖ ଏବଂ ପରିତାପର ବିଷୟ ଅଧୁରା ରହିଗଲା ତାଙ୍କ କଥା।ସେ ଚାଲିଗଲେ ଆର ପାରିକୁ । ତାଙ୍କର ଅପୂରଣୀୟ କାର୍ଯ୍ୟକୁ ପୂରଣ କରିବାକୁ ଶକ୍ତିସାହସ ଦିଅନ୍ତୁ ମୋତେ ଚିର ମଙ୍ଗଳମୟ ଭଗବାନ ଓ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ପ୍ରାଣ ପ୍ରତିଷ୍ଠାତା ବଡ଼ ଭାଇ ( ପୂଜ୍ୟଶ୍ରୀ କୁମାର ଭାଇ) । ' ତୁମଠାରୁ ପ୍ରଭୁ ଆସିଛି ତୁମ କୋଳେ ଫେରିବି ' ନ୍ୟାୟରେ ଚିର ଶାନ୍ତି ଲାଭ କରୁ ତାଙ୍କର ଅମର ଆତ୍ମା। ବାରମ୍ବାର ପ୍ରଣାମ ସେହି ଅଫେରା ପଥର ଯାତ୍ରୀଙ୍କୁ ।

---❀❀❀---

ସାରା ବିଶ୍ୱ ବି ଯଦି ଛିଡା ହୁଏ ବାଧା ର ପାହାଡ ହୋଇ ।
ସୁସାଧକ ସବୁ ଡେଇଁ ଚାଲିଯିବ ବାଧା ସେ ମାନିବ ନାହିଁ ।

**-- ପୂଜ୍ୟ ଶ୍ରୀ କୁମାର ଭାଇ**

## ଇସ୍ପାତ ନଗରୀର ଇସ୍ପାତ ମଣିଷ

ପୂଜ୍ୟ ଭାଇଙ୍କର ମହାନିର୍ଦ୍ଦେଶେ
ଗଲ ଚାଲି ତୁମେ ଅମରପୁର
ଇସ୍ପାତ ନଗରୀର ଇସ୍ପାତ ମଣିଷ
କେମିତି ଛାଡ଼ିଲ ଦେହ ତୁମର।।

ଅଫେରା ରାଇଜୁ ଆସିବନି ଆଉ
ଖାଲି ଖାଲି ଲାଗେ ଘର ଦୁଆର
ଲାଠିକଟା,ଜଳଦା,ଆଇଡିଆଲରେ
ସବୁଠି ଶୁଭୁଛି ତୁମରି ସ୍ୱର।।

ଲାଠିକଟା ମାଆ ଗୁମୁରି କାନ୍ଦୁଛି
ହରାଇ ତାହାର ସୁପୁତ୍ରକୁ
କୋଳ ଖାଲି କରି କେଉଁଆଡେ ଗଲା
ପଚାରୁଛି ସେ ଆଶ୍ରମ ବାସୀଙ୍କୁ।।

ଶୋଭନୀୟ କର୍ମେ ହଜିଯାଇ ନିଜେ
ଦୀକ୍ଷିତ କଲ ସପରିବାର
ସେହି ପୁଣ୍ୟ କର୍ମ କରିଥିବାରୁ
ଦେହ ଛାଡିଲେ ବି ତୁମେ ଅମର
ତୁମ ଯଶ, ଖ୍ୟାତି ରହେ ଅମର
ତୁମ ଯଶ ଖ୍ୟାତି ରହେ ଅମର।।

***ବରଦା ଗୁରୁମା***
ଯୁଗସ୍ରଷ୍ଟା ଶୋଭନୀୟ ଶିକ୍ଷାଶ୍ରମ
ଉଦୟଗିରି

---❀❀❀---

## ଭାଇ ଥିଲେ ଆମ ଜୀବନ

ନୀର ଅର୍ଥ ଜଳ,ଜଳ ହିଁ ଜୀବନ |

ଠିକ୍ ସେହିପରି ,ନିରଭାଇ ତୁମେ ସମସ୍ତଙ୍କ ଜୀବନ ସଦୃଶ ଥିଲ | କେତେ ଦୁଃଖୀ ମୁହଁରେ ତୁମେ ହସ ଫୁଟାଇଛ | କେତେ ଭୋକିଲା ପେଟରେ ଆହାର ଯୋଗାଇଛ | ଭାଇ କଣ ଲେଖିବି ଜାଣିପାରୁନି, ଅନ୍ତରର ଗଭୀରତମ ହୃଦୟର କୋହରେ ହାତ ଥରୁଛି | ଜନ୍ମର ଆରମ୍ଭରୁ ଆପଣ ମୋ ସହ ଓ ଆମ ପରିବାର ସହ ସବୁ କ୍ଷେତ୍ରରେ ଜଡ଼ିତ ଥିଲେ | ଆଉ ଏ ଦୁଖିନି ଭଉଣୀ ଟି ର ଦୁଃଖ ସୁଖ କିଏ ପଚାରି ବୁଝିବ | ଭାଇ ମୁଁ ଭୁବନେଶ୍ୱରରେ ଥିଲେ ବି ସବୁବେଳେ ନାନୀଙ୍କ ଠାରୁ ଆପଣଙ୍କ କଥା ପଚାରୁଥାଏ ,ହେଲେ କିଛି କରିପାରେନି ,କି ଯାଇ ପାରେନି | କିନ୍ତୁ ମନଟା ସବୁବେଳେ ଆପଣଙ୍କ ପାଖରେ ଥାଏ | ଗଣେଶ ପୂଜାରେ ରାଉରକେଲା ଗଲି ଓ ଆପଣଙ୍କୁ Apollo Hospital ର ICU ରେ ଦେଖା କଲି | ଯେମିତି ଲାଗିଲା ଆପଣ ଆମକୁ ଟାଣିଆଣିଛନ୍ତି | ତାହା ଥିଲା ମୋର ଶେଷ ଦର୍ଶନ | କେତେ କ'ଣ ହାତଛାଟି କହୁଥିଲେ | ଅସୁସ୍ଥତା ଥାଇ ମଧ୍ୟ ଗାୟତ୍ରୀ କଥା ଠାରି ପଚାରୁଥିଲେ | ଆଉ ସେ ମମତା ବୋଳା କଥା କହି କିଏ ଆମକୁ ବୁଝାଇବ ଓ କଷ୍ଟ ସହି ଭଲ କାମ କରିବାକୁ ସାହସ ଦେବ | ଯେଉଁଠି ଥିଲେ ବି ବଳରେ ଥିବେ ଓ ଆମ ପ୍ରତି କୃପା ଦୃଷ୍ଟି ରଖିଥିବେ | ଶେଷରେ ମହାପ୍ରଭୁ କାଳିଆ ସାଆନ୍ତ ଙ୍କ ନିକଟରେ ଆକୁଳ ପ୍ରାର୍ଥନା ଆପଣଙ୍କୁ ତାଙ୍କ ପାଦତଳେ ସ୍ଥାନ ଦିଅନ୍ତୁ |

**ଭଉଣୀ –ସୁଚିତ୍ରା ବେହେରା**( ମିତା )

---❀❀❀---

# ପରହିତେ ପରାଂଗତି

*କାନ୍ତିଲତା ଷଡ଼ଙ୍ଗୀ*

ଭବ ରଙ୍ଗ ମଞ୍ଚେ ଶ୍ରେଷ୍ଠ ଅଭିନୟ
ସର୍ବେ କରନ୍ତି ମିନତି
ନୈମିଷ ଜୀବନ ନୈଷ୍ଠିକତା କର୍ମ
ପରହିତେ ପରାଂଗତି,
ପୁଣ୍ୟ ଚିତ୍ରୋତ୍ପଳା ତଟେ ଅବସ୍ଥିତ
ଗୋପୀନାଥ ପୁର ଗ୍ରାମ
କୈବର୍ତ୍ତ ଶାସନେ ଜନମ ତୁମର
ସୌନ୍ଦର୍ଯ୍ୟର ଅନୁପମ,
ଅଖ୍ୟାତ ବଂଶର ଉଜ୍ଜ୍ୱଳ ତାରକା
ଶ୍ରୀ ନିରଞ୍ଜନ ବେହେରା
ନିଷ୍ଠା ଆଧ୍ୟାତ୍ମିକ ମାନବ ସେବାହିଁ
ଯୋଗ୍ୟସୁତ ବସୁନ୍ଧରା,
ପିତା ରଘୁନାଥ ମାତା ସରୋଜିନୀ
ପ୍ରିୟା ପତ୍ନୀ କାନ୍ତିଲତା
ସହ କର୍ମୀ ଭାବ ସୁମତି ସମ୍ପୂର୍ଣ୍ଣ
ଦୁଇଟି ସନ୍ତାନ ପିତା,
ପରିପୂର୍ଣ୍ଣ ଘର ସୁନାର ସଂସାର
ନୌକରି କରିବା ପାଇଁ
ଗାଁ ମାଟି ମମତା ଭୁଲିପାରିନାହଁ
ସହରକୁ ଗଲ ଧାଇଁ,
ଉଦାର ହୃଦୟ କର୍ମେ ଚଞ୍ଚଳତା
ଅମଳିନ ଆମାୟିକ
ସମାଜ ସେବାରେ ନିତ୍ୟ ନିୟୋଜିତ
ସଦା ପଥ ପ୍ରଦର୍ଶକ,
କୁମାର ଭାଇଙ୍କ ପ୍ରିୟ ଶିଷ୍ୟ ତୁମେ
ଶାସନେ ଅନୁପ୍ରାଣିତ
ଦୁଃଖୀ ଦୀନ ଜନ ବିଷମ ସମସ୍ୟା
ନିରକ୍ଷରେ ଜାଗରିତ,

ଉଣେଇଶ ଶତ ଅଠାଷୀ ମସିହା
ତୁମ ଦାନ ପରିଶ୍ରମ
ସମ୍ପାଦକ ତୁମେ ରାଉରକେଲାର
ଶୋଭନୀୟ ଶିକ୍ଷାଶ୍ରମ,
ନୌକରି ଜୀବନ ନୁହଁଇ ସ୍ୱାଧୀନ
ସମୟ ସୁଯୋଗ ଦେଖି
ଶିକ୍ଷାଶ୍ରମେ ଆସି ସବୁ ବୁଝୁଥିଲ
ପାଠ ପଢା ତଦାରଖି,
ଶିକ୍ଷାର ଉନ୍ନତି ଯୋଜନା ପ୍ରସ୍ତୁତି
ଅଧା ରଖି ଧ୍ରୁବଲୋକ
ଅଧୁରା ସପନ ସାଧନେ ସନ୍ତାନ
ଆତ୍ମା ମୁକ୍ତି ନୈସର୍ଗିକ,
ବିକାଳ ସୁନିଆଁ ବାମନ ଜନମ
ସେପ୍ଟେମ୍ବର ଚାରି ରିଖ
ସ୍ନେହ ମମତାର ବନ୍ଧନ ତୁଟାଇ
ଦେଇଗଲ ଶୋକ ଦୁଃଖ,
ପ୍ରଣାଧିକ ଶିଶୁ ସଖା ସହୋଦର
ଝୁରନ୍ତି ସାଉଁଟି ସ୍ମୃତି
ପ୍ରସ୍ଫୁଟିତ ପୁଷ୍ପ ସମ ସୁଗନ୍ଧିତ
ଚତୁର୍ଦ୍ଦିଗେ ବ୍ୟାପେ ଖ୍ୟାତି,
ଅଫେରା ରାଇଜ ପଥିକ ସାଜିଛ
ପଞ୍ଚଭୂତେ ହୋଇ ଲୀନ
ଅମର ଆତ୍ମାର ସଦଗତି ପାଇଁ
ପ୍ରଭୁ ପାଦେ ନିବେଦନ,

**ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ,**
**ଜନାର୍ଦ୍ଦନପୁର, ଲେଣ୍ଡୁରା, କଟକ,**
**ଫୋନ 9668760476**

🙏

================================================================

# ଭାଇ ମୋ ପାଇଁ ଏକ ଅମ୍ଳାନ ଜ୍ୟୋତି...

ପିତୃତୁଲ୍ୟ ଭାଇ ପାଇ ଆଜି ମୋ ମନ କୁଣ୍ଠେ ମୋଟ ଏହିଯେ, ମୋ ଭାଇ ପାଇଁ କିଛି ଲେଖିବାକୁ ବସିଛି। ଭାବିଲି, ମୋ ହୃଦୟରେ ଥିବା ଭାଇ ପ୍ରତି ମୋର ଭାବନାକୁ ପତ୍ର ମାଧ୍ୟମରେ ପରିପ୍ରକାଶ କରି ମନକୁ ହାଲୁକା କରି ଦେବି କିନ୍ତୁ କଲମ ଧରିଲେ ଆଖିରେ ଲୁହ, ହୃଦୟରେ କୋହ ବୋଲ ମାନୁନି। ଅଜବ ଏ ଦୁନିଆର ରୀତିନୀତି, ଏପରି ମାନବକୁ କାହିଁକି ଆମ ଗହଣରେ ଆଣି ଛାଡି ଚାଲିଯାଆନ୍ତି.....

ଯଦି ଦୁନିଆରେ ଭାତୃତ୍ୱ ଥାଏ ତେବେ ମୁଁ ଭାବେ, ସେ ବ୍ୟକ୍ତିଟି କେବଳ "ମୁଁ"। ଯିଏକି ଆମ ଭିତରେ ଥିବା ଭାବନାକୁ ଆମ ଦୁଇଜଣଙ୍କ ମଧ୍ୟରେ share ହୁଏ। ଯେତେବେଳେ ମୋ ମନରେ ଦ୍ୱନ୍ଦ, ଦୁଃଖ ଓ ମାନ ଅଭିମାନ ଆସେ, ମୁଁ ନିଜକୁ ସମ୍ଭାଳି ପାରେନା। ଶେଷରେ ଭାଇଙ୍କ ପାଖକୁ ପତ୍ର ମାଧ୍ୟମରେ ଜଣାଏ। ଏପରି ଲେଖନୀ ମୁଁ ପିଲାବେଳୁ ଶୋଭନୀୟ ଶିକ୍ଷାଶ୍ରମରେ ପଢୁଥିବା ସମୟରୁ ହେଉ ବା ବଡ଼ ହେଲା ପରେ ମଧ୍ୟ ଆମର ଭାବନାକୁ message ଦ୍ୱାରା share କରୁ। ସେଇଠୁ ଆମେ ଗୋଟେ ଜାଗାରେ ଏକାଠି ହୋଇ ବୁଝାମଣା ହେଉ ତାପରେ ଭାଇ Lathikata Ashramକୁ ଚାଲିଯାନ୍ତି ଓ ମୁଁ sector ରେ ଥିବା Quarter କୁ ଫେରିଆସେ ।

ଗୋଟିଏ ଯୁଗର ଅବସାନ ପରେ ଆଉ ଗୋଟିଏ ଯୁଗର ଆରମ୍ଭ । ମନୁଷ୍ୟ ଜନ୍ମ ମାତ୍ରେ କେ ମୃତ୍ୟୁ । ଏହା ହିଁ ବିଧିର ବିଧାନ । ଜୀବନରେ ଆମେ ସବୁ କିଛି ପ୍ରାପ୍ତ କରିପାରିବା କିନ୍ତୁ ଏ ଜଗତରେ କିଛିଟା ମହାନ ବ୍ୟକ୍ତିଙ୍କ ପାଇଁ ଏ ବିଶ୍ୱବାସୀ ଆଜି ବି ଝୁରୁଛନ୍ତି। ଏପରି ମହାନ ବ୍ୟକ୍ତି ଏ ସଂସାରରେ ପାଦ ଦିଅନ୍ତି ଓ ସେମାନଙ୍କର ଲୀଳାଖେଳା ସାରି ଚାଲିଯାନ୍ତି। ଏହା ଆମମାନଙ୍କ ପାଇଁ ଏକ ଅଭୁଲା ସ୍ମୃତି ହୋଇ ରହିଯାଏ ।

ମୁଁ ନିଜକୁ ଅତି ଗର୍ବ ଅନୁଭବ କରେ ନିରଞ୍ଜନ ବେହେରା (ନିର ଭାଇ )ଙ୍କ ଭ୍ରାତା ହେବାର ସୁଯୋଗ ଭଗବାନ ମୋତେ ଦେଇଥିଲେ । ମୋ ଭାଇ ମୋ ଭିତରେ ଥିବା ସମ୍ପର୍କ ର ଆଜି ଅବସାଦ ଘଟିଛି। ମୋ ଗର୍ବ ଅଂହକାର ଆଜି ଚୂରମାର ହୋଇଯାଇଛି । ନିଜକୁ ମନେ ହେଉଛି ସତେ ଯେମିତି ମୋର ସର୍ବଶକ୍ତି ହରଣ ହୋଇଗଲା ।

ମୋର ବାପା ସ୍ୱର୍ଗତ ରଘୁନାଥ ବେହେରା 1982 ମସିହାରେ ଚାଲିଗଲା ପରେ ଏ ସଂସାରର ଭାର ମୋ ବଡଭାଇଙ୍କ ଉପରେ ପଡିଲା। ମୁଁ ସେତେବେଳେ class-2 ରେ ପଢୁଥିଲି, ଭାଇ ସେତେବେଳେ Intermediate / +2 2nd year ର final exam ଦେଉଥିଲେ। ବାପା ଚାଲିଯିବା ଖବର ପାଇ ଭାଇ ଭାଙ୍ଗି ପଡିଲେ ସତ ନିଜକୁ control କରିବାର ଶକ୍ତି ମଧ୍ୟ ଭଗବାନ ଭାଇଙ୍କୁ ଦେଇଥିଲେ। ଆମ୍ଭେ ୪ ଭାଇ ୨ ଭଉଣୀ ସମସ୍ତେ ସେତେବେଳକୁ ଛୋଟ ଛୋଟ ଥିଲୁ। ଭାଇଙ୍କୁ 18 ବର୍ଷ ହୋଇନଥିଲା ବାପାଙ୍କ ଚାକିରି ବୋଉ କରିବା କଥା କିନ୍ତୁ ଭାଇ ବୋଉର ଲୁହ ଦେଖି ସେ ଭାରକୁ ନିଜ କାନ୍ଧରେ ନେଇ ନିଜର କର୍ମମୟ ଜୀବନ ଆରମ୍ଭ କଲେ।

ବହୁ ବାଧାବିଘ୍ନ ମଧ୍ୟରେ ସଂସାରର ରଥକୁ ଆଗକୁ ବଢ଼ାଇଲେ। ଆମ୍ଭେମାନେ କେଉଁଠି ଭଲ ଶିକ୍ଷା ଲାଭ କରିବୁ ସେଥିପାଇଁ ଭାଇ ବହୁ ଚିନ୍ତିତ ଥିଲେ। ମୋ ପ୍ରତି ମୋ ଭାଇଙ୍କ ଅଧିକ ସ୍ନେହ ଓ ଭଲ ପାଇବା ଥିଲା କାହିଁକିନା ଭାଇ ପ୍ରତି ମୋର ଭକତି ଓ ଭଲ ପଢୁଥିଲି ମଧ୍ୟ । ଭାଇ ମୋର ସୁଶିକ୍ଷା ପାଇଁ ଭାରି ଚିନ୍ତିତ ଥିଲେ। ଘରେ ରହି ପଢ଼ାପଢ଼ିରେ ଅସୁବିଧା ହେବ ବୋଲି boarding ସ୍କୁଲରେ ରହି ପଢିବା ପାଇଁ ଯୋଜନା କଲେ। Class-5 ରେ ଭାଇ ମୋତେ ସୈନିକ ସ୍କୁଲରେ Admission ପାଇଁ ପ୍ରବେଶିକା ପରୀକ୍ଷା ଦେବାକୁ Govt college, Panposh କୁ ନିଜେ ସାଇକେଲରେ ବସାଇ ନେଇଥିଲେ। ସେଇଠୁ ଆମେ ଦୁଇ ଭାଇ Exam ସରିଲା ପରେ ବେଦବ୍ୟାସ ମନ୍ଦିରକୁ ବୁଲିବାକୁ ଯାଇଥିଲୁ। ଏହାର 1 ମାସ ପରେ ପୁଣି ମୋତେ ଓ ମୋର ସାନ ଭାଇ ସରୋଜକୁ ନେଇ କଟକର ବିଡାନାସୀସ୍ଥିତ ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ଯୁଗସ୍ରଷ୍ଟା

ଶୋଭନୀୟ ଶିକ୍ଷାଶ୍ରମ ଯେଉଁଠି ସୁସମାଜ ଗଠନକାରୀ, ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମୋର ଶିକ୍ଷା ଲାଭ ହେଲା। ମୁଁ ୭ମ ଶ୍ରେଣୀର ଛାତ୍ର ଥିଲି ଭାଇ Guardian visiting day ରେ ମୋତେ ଦେଖା କରିବାକୁ ଆସିଥାନ୍ତି ସେଇଠୁ ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ସଂସ୍ପର୍ଶରେ ଆସିଥିଲେ ଓ ଆଶ୍ରମର ପ୍ରାର୍ଥନା ସଭାରେ ଯୋଗ ଦେଇ ନିଜର ଜୀବନ ଶୈଳୀ ସାଂସାରିକରୁ ସମାଜର ମଙ୍ଗଳ ଓ କଲ୍ୟାଣ ପାଇଁ ନିଜକୁ ନିୟୋଜିତ କଲେ।

ସମାଜର ହିତ ପାଇଁ ପାରିବାରିକ ସମ୍ପର୍କ ଧିରେ ଧିରେ କମ ସମୟ ଦେବା ଦ୍ୱାରା ଆମ ପରିବାର ମଧ୍ୟରେ ଦ୍ୱନ୍ଦ, ମାନ ଅଭିମାନ ଓ ଅଭିଯୋଗ ସୃଷ୍ଟି ହୁଏ। ଭାଇ ଡାକି ବୁଝାନ୍ତି ଓ ଆଲୋଚନା ପରେ ଆମେ ପରିବାର ମଧ୍ୟରେ ସମାଧାନ କରିବାକୁ ଚେଷ୍ଟା କରେ।

ମୁଁ ଆଜି ଯାହା କିଛି ବି ପ୍ରାପ୍ତ କରିଛି, ସବୁ କିଛି ତାଙ୍କରି ଦାନ। କିଛି ବି ମାନ ଅଭିମାନ ଆସିଲେ ବି ଭାଇଙ୍କୁ ଦେଖିଲା ପରେ ଆଖି ଛଳ ଛଳ ହୋଇ ସବୁ ଭୁଲି ଯାଏ। ଅଭିମାନ ଥିଲେ ମଧ୍ୟ ସେଇଠି ପରିସମାପ୍ତି ଘଟେ। ଆମ ସମ୍ପର୍କରେ ଆଜି ପୂର୍ଣ୍ଣଛେଦ ପଡିଗଲା। ରହିଗଲା କେବଳ "ସ୍ମୃତି ଓ ଅନୁଭୂତି"।

ଶେଷଥର ତା 01-09-2025ରିଖ ଦିନ KIIMS ହସ୍ପିଟାଲରୁ ଫେରିବାର ଥିଲା ଭାଇଙ୍କୁ ଦେଖିବାକୁ ଯାଇଥିଲି। ଡାକ୍ତର ଓ ମେଡିକାଲ ଷ୍ଟାଫଙ୍କ ବାରଣ ସତ୍ତ୍ୱେ ମୁଁ ତାଙ୍କର ଭାଇ ବୋଲି ପରିଚୟ ଦେଇ ଭାଇଙ୍କୁ ଧରି ମହାମୃର୍ତ୍ୟୁଞ୍ଜୟ ମନ୍ତ୍ର ଦ୍ୱାରା ଆଉଁସି ଥାଏ, ଭାଇ ମୋର ଆଙ୍ଗୁଠିକୁ ଧରି ପକେଇ ଛାଡିଲେନି। ଆଖିରୁ ଧାର ଧାର ହୋଇ ଲୁହ ଝରି ପଡୁ ଥାଏ, ଉଠିବାକୁ ବାରମ୍ବାର ଚେଷ୍ଟା କରି କିଛି କହିବାକୁ ଚେଷ୍ଟା କରୁଥିଲେ କିନ୍ତୁ ଭାଗ୍ୟର ବିଡମ୍ବନା, ଭଗବାନ ଆମକୁ ଆଉ ସେ ସୁଯୋଗ ଦେଲେନି।

" ଏହାହିଁ ଥିଲା ଆମର ଏ ଜନମର ଶେଷ ଦେଖା...

ପୁଣି ଦେଖା ହେବ ଆର ଜନମରେ....

ଭାଇ, ବ୍ୟସ୍ତ ହେବନି ମୁଁ ଆସୁଛି ମୁଁ ତୁମର ପୁତ୍ର ହୋଇ.......

ଯଦି ଦୁନିଆରେ ସୂର୍ଯ୍ୟ ଚନ୍ଦ୍ର ଥିବ ତେବେ ପୁଣି ଆମର ମିଳନ ହେବ...

ବାକି ରହିଯାଇଥିବା ଅପୂରଣୀୟ ଆଶା ପୂରଣ ହେବ....। "

ଭାଇଙ୍କ ମୃର୍ତ୍ୟୁ କେବଳ ମୋ ପାଇଁ ନୁହେଁ ଏ ସମାଜ ଓ ଦେଶବାସୀ ପାଇଁ ଏକ ଅପୂରଣୀୟ କ୍ଷତି। ଆମେ ଏକ ମହାନ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱକୁ ହରାଇଲୁ.। ଭାଇ ଆମ ସମସ୍ତଙ୍କୁ ଛାଡି ଚାଲି ଗଲେ ସତ ଏ ସମାଜ ପାଇଁ ଏକ ଅମ୍ଳାନ ଜ୍ୟୋତି ହୋଇ ରହିଗଲେ ।

Loving brother,
***Chitta Ranjan***,
Advocate, Rourkela.

---❀❀❀---

## ଅତି ଆପଣାର ନିରଭାଇ

ମମତା ମଲ୍ଲ
ଆଜୀବନ ସଦସ୍ୟା, ଶୋଭନୀୟ ଆନ୍ଦୋଳନ

ଶୋଭନୀୟ ଆନ୍ଦୋଳନର ସାଧକ ପରି ସାଧକଟିଏ ଆମ ସମସ୍ତଙ୍କ ଆତ୍ମୀୟ ଅତି ଆପଣାର ନିରଭାଇ। ଦୀର୍ଘ ୨୦ ବର୍ଷଧରି ତାଙ୍କୁ ଚିହ୍ନିଛି ଜାଣିଛି। ତାଙ୍କ ପରିବାର ସହିତ ମିଶିଛି। ତାଙ୍କ ଅସୁସ୍ଥତା ବେଳେ ତାଙ୍କ ସହାୟକ ମାନଙ୍କ ସହ ଆଲୋଚନା କରିଛି। " କାଳର ବଶ ଏ ଜଗତ ।"

ତାଙ୍କର ଅଭିନୟ ସାରି ଧରାଧାମ ରୁ ସେ ବିଦାୟ ନେଇଛନ୍ତି। "କୀର୍ତ୍ତିର୍ଯ୍ୟସ୍ୟ ସ ଜୀବତି।" ସାଧୁତା, ନିଷ୍ଠା ଓ ଆନ୍ତରିକତାର ସହିତ ଜଣେ ସମର୍ପିତ କର୍ମଯୋଗୀ ହିସାବରେ ପୂଜ୍ୟ ବଡ଼ ଭାଇଙ୍କ ନିର୍ଦ୍ଦେଶକୁ ଶତ ପ୍ରତିଶତ ମାନି ସେ ମହାବିଶ୍ୱାସ ରେ ଭଗ୍ନ ସ୍ବାସ୍ଥ୍ୟରେ ବି ଅହରହ କାମ କରିଚାଲିଥାଆନ୍ତି।

ଆନ୍ଦୋଳନର ଉତ୍ସବମାନଙ୍କରେ କଟକ, ଉଦୟଗିରି, ରାଉରକେଲା ଆଦି ଶୋଭନୀୟ ପ୍ଲାଟଫର୍ମ ମାନଙ୍କରେ ତାଙ୍କୁ ଦେଖିଛି। ପାରିବାରିକ, ଆନୁଷ୍ଠାନିକ ତଥା ଆନ୍ଦୋଳନର ଶିକ୍ଷାଶ୍ରମଗୁଡ଼ିକର ସୁରକ୍ଷା ବାବଦରେ ଆଳାପ ଆଲୋଚନା କରିଛି। କେନ୍ଦ୍ରାପଡ଼ା ଶୋଭନୀୟ ଶିକ୍ଷାଶ୍ରମ ର ସମସ୍ୟା ସମାଧାନ ନିମିତ୍ତ ତାଙ୍କର ପ୍ରୟାସ ସାକାର ହେଉ।

ଶୋଭନୀୟ କାର୍ଯ୍ୟ ସାଧନ ପାଇଁ ମଙ୍ଗଳମୟ ଭଗବାନ ଓ ପୂଜ୍ୟ ବଡ଼ ଭାଇ ତାଙ୍କ ଇଚ୍ଛା ପୂରଣ କରନ୍ତୁ। ତାଙ୍କର ଅଧୁରା ସ୍ବପ୍ନକୁ ପୂରଣ କରିବାକୁ ଆମେ ଶୋଭନୀୟ ବାହିନୀ ସଂକଳ୍ପବଦ୍ଧ ହୋଇ ଏକାଠି ମିଳିମିଶି କାର୍ଯ୍ୟ କଲେ ତାହା ହେବ ନିରାଭାଇଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଚିରଶାନ୍ତି ଲାଭ କରୁ ତାଙ୍କର ଅମର ଆତ୍ମା । ବାରମ୍ବାର ପ୍ରଣିପାତ ସେହି ମହାନ ଶୋଭନୀୟ ସାଧକଙ୍କ ସାଧୁ ଉଦ୍ୟମକୁ।

================================================================

## ନିରଭାଇ ତୁମ ପାଇଁ

*ଗୌରବ ନାଥ*
(ପୂର୍ବତନ ଛାତ୍ର)

ଗୁରୁ ଦିବସରେ ହୃଦୟ ଭାଙ୍ଗିଲା ।
ଗୁରୁଙ୍କ ବିୟୋଗେ ନୟନ ଭିଜିଲା ।। *(୧)*

ଶିଖାଇଲ ତୁମେ ଶୋଭନୀୟ ଗୀତ ।
ଶୋଭନୀୟ ଆଜି ଅନାଥ ପ୍ରତିତ ।। *(୨)*

ପୂଜ୍ୟ ନିରଭାଇ ପୂଜନୀୟ ଆମ
କାହିଁ ତୁମେ ଚାଲିଗଲ ?
ତୁମ ବିନା ଏବେ ଶିକ୍ଷାଶ୍ରମ ଆମ
ଲାଗିବ କିପରି ଭଲ ? *(୩)*

କୁମାର ଭାଇଙ୍କର ଛାଇ ଥିଲ ତୁମେ
ଶୋଭନୀୟ, ସୁଧାରକ ।
ଶିକ୍ଷାଶ୍ରମ ପାଇଁ ସମର୍ପଣ ତୁମ
ଜୀବନ କ୍ଷଣ ପ୍ରତ୍ୟେକ ।। *(୪)*

ପ୍ରତି ବକ୍ତୃତାରେ କିଣି ନେଉଥିଲ
ଶ୍ରୋତାଙ୍କର ତୁମେ ମନ ।
ଲା-ଲା -ଲା ଟା -ଟା -ଟା
ଶୁଣି ଶୁଣି ସତେ କଟିଛି ଆମ ଜୀବନ ।। *(୫)*

ଚରଣେ ତୁମର ପ୍ରଣମି ସାଦରେ ।
ପ୍ରତିଜ୍ଞା କରୁଛି ତୁମରି ପାଖରେ ।। *(୬)*

ଭୁଲିବିନି କେବେ ଜ୍ଞାନକୁ ତୁମରି ।
ଆଶୀର୍ବାଦ ତୁମ ଥାଉ ଏହିପରି ।। *(୭)*

=========================

# ନିରଞ୍ଜନ ଭାଇ

**ଗୁରୁମା ମମତା ପ୍ରଧାନ**

ଶୋଭନୀୟ ଆନ୍ଦୋଳନରେ ନିର ଭାଇ ନାମଟି କହିଲେ – ନିଷ୍ଠା, ସାଧନା, ସାଧୁତା ଓ ସରଳତାର ଏକ ବଳିଷ୍ଠ ବ୍ୟକ୍ତିତ୍ୱ ମନ ମଧ୍ୟରେ ସୃଷ୍ଟି ହୁଏ । ପୂଜ୍ୟଶ୍ରୀ ବଡ଼ ଭାଇଙ୍କ ନୀତି ଆଦର୍ଶକୁ କାୟମନବାକ୍ୟରେ ପାଳନ କରି ସମାଜର ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବାର ସାହସ ରଖୁଥିବା ଜଣେ ବିନା ହତିଆର'ର ଯୋଦ୍ଧା । ଯାହାଙ୍କର ସାଧୁତା ଓ ସରଳତା ଦୁଇଟି ବଡ଼ ଅଦୃଶ୍ୟ ଅସ୍ତ୍ର । ସବୁ ଅସମ୍ଭବ ମନେ ହେଉଥିବା କାର୍ଯ୍ୟକୁ ପୂର୍ଣ୍ଣ ପ୍ରାଣରେ ଅଂହକାର ବିବର୍ଜିତ ହୋଇ ନିଷ୍ଠା ଓ ଧୈର୍ଯ୍ୟର ସହ କାର୍ଯ୍ୟ କରି ସଫଳତା ପାଇଥାନ୍ତି ।

ପୂଜ୍ୟଶ୍ରୀ କୁମାର ଭାଇଙ୍କ ପରିକଳ୍ପିତ ଖାଣ୍ଟି ଶୋଭନୀୟ ମଣିଷ ହେଉଛନ୍ତି ନିରଞ୍ଜନ ଭାଇ । ରାଉରକେଲାରେ ତିନୋଟି ଅନୁଷ୍ଠାନର ପୂର୍ଣ୍ଣ ସଫଳତା ପୂର୍ବକ ପରିଚାଳନା ଅନ୍ତେ ବହୁତ ରଚନାତ୍ମକ କାର୍ଯ୍ୟ କରିବାର ପ୍ରବଳ ଇଚ୍ଛା ଶକ୍ତି ଭରି ରହିଥିଲା । ଶୋଭନୀୟ ସମାଜ ଗଠନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଯାଇ ନିଜର କମ୍ପାନୀ ଚାକିରୀରୁ ନିର୍ଦ୍ଦିଷ୍ଟ ଅବସର ବୟସର ଯଥେଷ୍ଟ ପୂର୍ବରୁ ଅବ୍ୟାହତି ନେଇ ହାଇସ୍କୁଲ, +୨ କଲେଜ ବୁଲି ବୁଲି ତରୁଣ କିଶୋର/ କିଶୋରୀଙ୍କ ମନକୁ ଗଠନ କରିବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଥିଲେ। କିନ୍ତୁ ବୟସ ପୂର୍ବରୁ ରୋଗରେ ଆକ୍ରାନ୍ତ ହୋଇଥିଲେ। ଖାଦ୍ୟ, ପାନୀୟ, ଜୀବନଚର୍ଯ୍ୟା ସବୁଥିରେ ଖୁବ୍ ନିରାଡ଼ମ୍ବର। ତଥାପି ଶାରିରୀକ ଅସୁସ୍ଥତା ତାଙ୍କ ପିଛା ଛାଡ଼ିନଥିଲା । ପୂଜ୍ୟ ଗୁରୁଦେବ ପୂଜ୍ୟଶ୍ରୀ ବଡ଼ ଭାଇ ସ୍ୱଳ୍ପ ଆୟୁଷଧାରୀ ଥିଲେ। ତାଙ୍କର ପଟ୍ଟଶିଷ୍ୟ ମଧ ତାଙ୍କ ପରି ସ୍ୱଳ୍ପାୟୁ ହୋଇଗଲେ ! ତାଙ୍କ ଅବସାନରେ ଶୋଭନୀୟତା ବିକାଶର ଏକ ବଳିଷ୍ଠ ଖୁଣ୍ଟ ଅସମୟରେ ଭୁଷୁଡ଼ି ପଡ଼ିଲା ।

ଆଜିର ସମାଜରେ ବିନା ଘୁସ୍ ରେ ସରକାରୀ ଅଫିସ୍‌ରେ କାର୍ଯ୍ୟ ହୋଇପାରିବ, ଏହି ସମ୍ଭାବନା ଖୁବ୍ କମ୍ । ସାଧାରଣ ଲୋକଟିଏ ଅଫିସ୍ ଦୌଡ଼ି ଦୌଡ଼ି ହାରିଯାଏ ଓ ଲାଞ୍ଚ ପରି ଏକ ଭୁଲ୍ ସଂକ୍ରାମକ ଧାରାକୁ ଆପଣେଇଥାଏ । କିନ୍ତୁ ନିରଭାଇ ନିଜେ ଗଢ଼ିଥିବା ଅନୁଷ୍ଠାନରେ ସେଭଳି ପରିସ୍ଥିତିରେ ଧୈର୍ଯ୍ୟର ସହକାରେ ବିନା ଉତ୍କୋଚରେ ପୂଜ୍ୟଶ୍ରୀ ଭାଇଙ୍କ ବାଣୀର ମର୍ଯ୍ୟାଦାକୁ ରକ୍ଷା କରି ଶେଷରେ ସଫଳ ହୁଅନ୍ତି । ଆମ୍ଭେମାନେ ଏଭଳି ଶିକ୍ଷାଶ୍ରମର ସରକାରୀ ସ୍ୱୀକୃତି ପାଇଁ କାର୍ଯ୍ୟ କରିବାରେ ହତାଶ ହେଉଥିବାବେଳେ ସେ ପୂଜ୍ୟଶ୍ରୀ ଭାଇଙ୍କ ନାମକୁ ସ୍ମରଣ କରି କିପରି ସାଧୁ ଉପାୟରେ ସରକାରୀ ଦପ୍ତରରେ କାର୍ଯ୍ୟକୁ ହାସଲ କରିପାରନ୍ତି, ତାକୁ ବର୍ଣ୍ଣନା କରି ସତ୍‌ସାଧନା ଓ ସାଧୁତା ପ୍ରତି ଅତୁଟ ବିଶ୍ୱାସ ସୃଷ୍ଟିକରନ୍ତି। ସେ କୋଭିଡ୍ ସମୟରେ ପ୍ରତ୍ୟେକ ଦିନେ ଦୁଇଦିନେ ଅନ୍ତରରେ ସବୁ ଶୋଭନୀୟ ଭାଇଭଉଣୀଙ୍କ ସହ ମୋବାଇଲ୍‌ରେ କଥାହୋଇ ମାନସିକ ଶକ୍ତି ବଢ଼ାଉଥିଲେ। ପୂଜ୍ୟା ନିୟନ୍ତ୍ରିକା ରୁକ୍ମିଣୀ ଦେବୀଙ୍କ ମହାପ୍ରୟାଣର ଚଉଦ ଦିବସୀୟ କାର୍ଯ୍ୟକ୍ରମ ପୁରୀ ଶୋଭନୀୟ ଶିକ୍ଷାଶ୍ରମରେ ବର୍ତ୍ତମାନ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା–ସମ୍ପାଦିକା ଡଃ. ଅରୁନ୍ଧତୀ ଦେବୀଙ୍କ ପୌରହିତ୍ୟରେ ପାଳିତ ହେଉଥାଏ । ନିର ଭାଇ ଏହି କାର୍ଯ୍ୟକ୍ରମରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅତିଥି ଭାବରେ ଉପସ୍ଥିତ ହୋଇଥିଲେ। ଉପରକୁ ନିର ଭାଇ ଶାନ୍ତ ଓ ଗମ୍ଭୀର ଜଣାପଡୁଥିଲେ ମଧ୍ଯ ଅନ୍ତର ଭିତରେ ପୁରୀ ଶୋଭନୀୟ ଶିକ୍ଷାଶ୍ରମର ଉତ୍‌ଥାନ ଓ ସଠିକ୍ ପରିଚାଳନା ନିମନ୍ତେ ଆନ୍ଦୋଳିତ ହୋଇପଡୁଥିଲେ, ଯାହା ପରବର୍ତ୍ତୀ ସମୟରେ ବହୁବାର ପ୍ରକାଶ କରିଛନ୍ତି । କିଛିଦିନ ଅନ୍ତରରେ ପୂଜ୍ୟଶ୍ରୀ ବଡ଼ଭାଇ, ସ୍ୱର୍ଗୀୟା ପୂଜ୍ୟା ରୁକ୍ମିଣୀ ଦେବୀ, ପୂଜ୍ୟା ଗୁରୁମା ଡଃ. ଅରୁନ୍ଧତୀ ଦେବୀଙ୍କ ପ୍ରତ୍ୟକ୍ଷ ମାନସିକ ସହଯୋଗ ଓ ସର୍ବୋପରି ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ କ୍ରମେ ପୁରୀ ଶିକ୍ଷାଶ୍ରମର ନିଜସ୍ୱ ସ୍ଥାୟୀ ଗୃହ ନିର୍ମାଣ କାମ ଚାଲିଲା । ନିର ଭାଇ ବହୁମାତ୍ରାରେ ଖୁସି ହେଉଥିଲେ ।

ବଡ଼ ଭାଇଟିଏ ଯେମିତି ସାନ ଭଉଣୀଟିର ମୁଣ୍ଡରେ ହାତ ରଖି ଆଗକୁ ଆଗେଇ ଯିବାର ମାନସିକ ବଳ ଯୋଗାଇ ଚାଲିଥିଲେ। ବ୍ୟାଙ୍କିଙ୍ଗ୍ କାର୍ଯ୍ୟରେ କିଛି ଅଫିସିଆଲ କାଗଜପତ୍ରର ସାହାଯ୍ୟ ଆବଶ୍ୟକ ହୋଇଥିଲା, ଅସୁସ୍ଥତା ମଧ୍ୟରେ ପୂର୍ଣ୍ଣ ପ୍ରାଣରେ ସହଯୋଗ କରି ଚାରୁ ଗୁରୁମା ଓ କାନ୍ତି ଗୁରୁମା'ଙ୍କ ଦ୍ବାରା କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ପ୍ରାଥମିକ ଅସୁସ୍ଥତା

ସମୟରେ କଟକର ଅଶ୍ବିନୀ ହସ୍‌ପିଟାଲରେ ଚିକିତ୍ସିତ ହେଉଥାନ୍ତି। ପୁରୀ ଶୋଭନୀୟ ଶିକ୍ଷାଶ୍ରମର ନିର୍ମାଣ କଥା କହିଲେ, ସେ ଖୁସି ହେବେ ଭାବି ପୁରୀ ଶିକ୍ଷାଶ୍ରମର ଦ୍ରୁତ ଗତିରେ ଘର କାମ ହେଉଥିବା ଜଣାଇଲି ଓ ନିଜେ ନେଉଥିବା କିଛି ଆର୍ଥିକ ଲୋନ୍ ଓ ଘରୋଇ ସୁନା ବିକ୍ରି ଆଦି ଜଣାଇଲି । ସଂଗେ ସଂଗେ ସେ ବେଡ଼ରୁ ଅଧା ଉଠି ମୋ ମୁଣ୍ଡରେ ହାତ ରଖି କହିଲେ 'ପ୍ରଥମେ ନିଜକୁ ସୁରକ୍ଷିତ ବଳୟ ଭିତରେ ରଖି ସବୁ କାମ କର'। ଭାଇଙ୍କର ଏଭଳି ବଡ଼ଭାଇ ପଣିଆ, ଆନ୍ତରିକତା ଓ ଆତ୍ମୀୟତାର ଭାବ ଜୀବନର ଶେଷ ସମୟ ପର୍ଯ୍ୟନ୍ତ କେବେ ଭୁଲି ପାରିବି ନାହିଁ ।

ଶୋଭନୀୟତାକୁ ବିଶ୍ବାସ କରୁଥିବା ଓ ଶୋଭନୀୟ ପଥରେ ଚାଲି ଆଜିର ଉଗ୍ର ଅତ୍ୟାଧୁନିକ ସମାଜରେ ସପରିବାରେ ବଂଚିପାରିବାର ଭରସା ଦେଉଥିବା ନିର ଭାଇ ଚାଲିଗଲେ । ଆଗରୁ ଏଇ ପଥର ପ୍ରଦୀପ୍ତ ଭାଇ (ପ୍ରଦୀପ୍ତ ମିଶ୍ର) ଚାଲିଯାଇଛନ୍ତି । ପୂଜ୍ୟଶ୍ରୀ ବଡ଼ଭାଇ ତାଙ୍କ ଶିଷ୍ୟ/ଶିଷ୍ୟାମାନଙ୍କ ସହ ସଦଳବଳେ ଧରାପୃଷ୍ଠରେ ଅବତରଣ କରି, ଶୋଭନୀୟ ପରମ୍ପରାକୁ ପୁନଃସ୍ଥାପିତ କରି, ପୃଥିବୀ ପୃଷ୍ଠରେ ଜୟଯାତ୍ରା କରି, ବିଜୟ ଧ୍ଵଜା ଉତ୍ତୋଳିତ କରନ୍ତୁ । ନିଃସ୍ୱାର୍ଥପର, ନିର୍ବିବାଦିୟ, ନିରଅହଙ୍କାରୀ, ନିଃଷ୍କଳଙ୍କ ନିରଭାଇଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଭକ୍ତିପୂତ ପ୍ରଣାମ ଜଣାଉଛି । ତାଙ୍କର ଅଧୁରା ସ୍ୱପ୍ନ ଶୋଭନୀୟ ସମାଜ ସାକାର ହେଉ, ଏତିକି ଭଗବାନଙ୍କ ପାଖରେ ପ୍ରାର୍ଥନା। ଓଁ ଶାନ୍ତିଃ, ଓଁ ଶାନ୍ତିଃ, ଓଁ ଶାନ୍ତିଃ


କ୍ୟାପିଟାଲ ଶୋଭନୀୟ ଶିକ୍ଷାଶ୍ରମ,
ନୀଳାଦ୍ରୀ ବିହାର, ଭୁବନେଶ୍ବର
ମୋ. – ୯୨୩୭୦୬୬୮୭୭


=========================================================================

## ଅଭୁଲା ସ୍ମୃତି


**ବିଦ୍ୟୁଲତା ଶତପଥୀ**
**କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ**


ଜୀବନ କ୍ଷଣସ୍ଥାୟୀ । ଜନ୍ମ ଭଳି ମୃତ୍ୟୁ ଯେ ଏକାନ୍ତ ସତ୍ୟ ତାହା କେହି ଅସ୍ୱୀକାର କରିପାରିବେନି । ଜଣେ ଦୀର୍ଘାୟୁ କିମ୍ବା ସ୍ୱଳ୍ପାୟୁ ହୋଇପାରେ କିନ୍ତୁ ତା'ର ପ୍ରତ୍ୟେକ ମୁହୂର୍ତ୍ତର କର୍ମମୟ ଜୀବନ ହେଉଛି ମହତ୍ୱପୂର୍ଣ । ସତ୍ କର୍ମ, ସତ୍ ଚିନ୍ତା, ସତ୍ ଉଦ୍ଦେଶ୍ୟ ନେଇ ଯେଉଁ କର୍ମ କରାଯାଏ ତାହା ନିଜର ଓ ଦେଶର ମଙ୍ଗଳ କରେ । ସେହିଭଳି ନିରଭାଇ ଥିଲେ ସଂସ୍କାରବାଦୀ ମଣିଷ । ସବୁବେଳେ ତାଙ୍କ ମନତଳେ ନୂତନ ଚିନ୍ତାଧାରା ଓ ବିପ୍ଳବର ସ୍ୱର ଲୁଚି ରହିଥାଏ । କ'ଣ କଲେ ବ୍ୟକ୍ତି ଓ ସମାଜର ଉନ୍ନତି ହେବ, ବିଶ୍ୱର ମଙ୍ଗଳ ହେବ ।

୨୦୧୯ ମସିହା ମାର୍ଚ୍ଚ ମାସ ୧୪ ତାରିଖରେ କୋଣାର୍କ ଆସିଥିଲେ ପଦଯାତ୍ରା ଦିବସରେ ଯୋଗଦେବା ପାଇଁ । ଦିନରେ ଆଶ୍ରମ ସ୍କୁଲ ଓ କୋଣାର୍କ ହାଇ ସ୍କୁଲ ଯାଇଥିଲେ ଶୋଭନୀୟ ଆନ୍ଦୋଳନର ପ୍ରଚାର ପ୍ରସାର ପାଇଁ । ହଠାତ ମୁଁ ପଚାରିଲି, "ଭାଇ, ଆପଣ କୁଆଡେ ଯାଇଥିଲେ?" ସେ କହିଥିଲେ, କୋଣାର୍କ ବିଦ୍ୟାଳୟ କୁ ସଭା କରିବାକୁ । ମୁଁ ଆଶ୍ଚର୍ଯ୍ୟ ହୋଇଥିଲି । ଏତେ କମ୍ ସମୟରେ ଦୁଇଟା ସ୍କୁଲ୍ ସଭାକରି ଆସି ସନ୍ଧ୍ୟା ସଭାରେ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମରେ ପଦଯାତ୍ରା ଦିବସରେ ଯୋଗଦେଲେ । ସେ ପିଲାବେଳରୁ ବଡ ଭାଇଙ୍କ ସହ ମିଶିଛନ୍ତି, ବୁଲିଛନ୍ତି ଓ ବଡ ଭାଇଙ୍କ ପରାମର୍ଶ ରେ ତିନୋଟି ଶୋଭନୀୟ ଶିକ୍ଷାଶ୍ରମ ଗଢିଛନ୍ତି । ଏଇ ମଣିଷ ତିଆରି କାରଖାନା ଗଢିତୋଳିଛନ୍ତି ଏବଂ ନିଜ ଚାକିରି ଛାଡିଛନ୍ତି । ତାଙ୍କ ଉତ୍ସାହ ଓ ପ୍ରେରଣା ଆମ ପାଇଁ ଗର୍ବ ଓ ଗୌରବର ବିଷୟ । ବଡଗୁରୁମାଙ୍କ ପରେ ପରେ ପଚାରି ବୁଝନ୍ତି କେମିତି ଅଛ ? କେମିତି ଚଳୁଛ ? ସେ ସ୍ମୃତି ଆଦୌ ଭୁଲିପାରିବିନି । ଏବେ ବି ଭାବିଲେ ଆଖିରୁ ଲୁହ ଆଉ ଛାତିରୁ କୋହ ଆସୁଛି । ବ୍ୟସ୍ତ ହୁଅନି । ଆଗେଇ ଚାଲ । ସବୁବେଳେ କେତେ ବୁଝାନ୍ତି । ତାଙ୍କର ସ୍ନେହ ଆଉ ଆଦରବୋଳା କଥା ଆଉ ଶୁଭୁନି । ସେହି ଆମର ଆତ୍ମାଙ୍କ ପ୍ରତି ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । ---❀❀❀---

## ନିର ପାଖକୁ ଚିଠିଟିଏ

ସ୍ନେହର ଓ ଅତି ଆପଣାର ନିରଞ୍ଜନ ହୃଦୟର କୋହ ଅନ୍ତରର ବେଦନାକୁ ଛାତିରେ ଚାପିରଖି ଏହି ଲେଖାଟିକୁ ଲେଖିବାକୁ ବାଧହେଉଛି | ଦୀର୍ଘଦିନର ବନ୍ଧୁତ୍ୱ ,ସ୍ନେହ ଓ ମମତା ଭରା ହସହସ ମାଉସୀ ଡାକ ଆଉ ଶୁଣିବାକୁ ମିଳିବନି, ଯଦିଓ ଅସୁସ୍ଥତା ଶୀକାର ହେବା ଏହା ପ୍ରାୟ ଏକ ବର୍ଷ ଆଗରୁ ନିରବୀ ଯାଇଥିଲା କିନ୍ତୁ ଆଶାଥିଲା ବୟସ ହୋଇ ନ ଥିଲା ବୋଲି ଭଗବାନଙ୍କ କୃପାରୁ ତୁମେ ଭଲ ହୋଇଯିବ| ନୀୟତିର ଇଚ୍ଛାକୁ  କାହାର ହାତ  ନାହି  | ତୁମ ହାତଗଢା ଶୋଭନୀୟ ଶିକ୍ଷାଶ୍ରମ ଏବେ ପିତୃହରା ହୋଇଗଲା, ତୁମ ନିସ୍ୱାର୍ଥପର କାର୍ଯ୍ୟ ପାଇଁ  ଚିର ଦିନ ତୁମେ ସମସ୍ତଙ୍କର ପ୍ରିୟ ପାତ୍ର ହୋଇ ରହିବ |

ମଉସା ଓ ମୁଁ ତୁମକୁ ବହୁତ ଭଲ ପାଉଥିଲୁ ,ସେଥିପାଇ ଯେତେବେଳେ ଡାକିଲେ ବି ପହଞ୍ଚି ଯାଉଥିଲୁ ,ତୁମେ ଥିଲ କୁମାର ଭାଇଙ୍କର ନିଷ୍ଠାପର ଓ ଉପଯୁକ୍ତ ଦାୟାଦ |ଗତ ଥର ମୁ ଅନୁଷ୍ଠାନ କୁ ଯାଇଥିଲି ତୁମ ପାଖରେ ଠିଆ ହେଲି ତୁମେ ମୋତେ ଚିହ୍ନି ପାରିଲ ନାହିଁ  |ସେତେବେଳର ତୁମର ଅସହାର ମୁହଁକୁ  ଯମାରୁ ଭୁଲି ପାରୁ ନାହିଁ, ତୁମ ସ୍ତ୍ରୀ ଓ ପିଲାମାନଙ୍କୁ ଓ ଅନୁଷ୍ଠାନର କର୍ମ କର୍ତ୍ତାମାନଙ୍କୁ ,ତୁମକୁ ଭଲପାଉଥିବା ସମସ୍ତଙ୍କୁ ଭଗବାନ ଧୈର୍ଯ୍ୟ ଦିଅନ୍ତୁ, ତୁମେ ସ୍ବର୍ଗରେ ଥାଇ ତୁମର ପ୍ରିୟ ଅନୁଷ୍ଠାନକୁ ଆଶୀର୍ବାଦ ଢାଳୁଥାଅ, ଉତ୍ତର ଆଶା ନ ରଖି ଚିଠି ଟି ଶେଷ କରୁଛି | ତୁମ ଆତ୍ମାର ସଦଗତି ହେଉ |

ତୁମର ଶୁଭାକାଂକ୍ଷୀ ମାଉସୀ

**ପୁଷ୍ପଲତା ପତି**

---

## ଅନୁଭବରୁ ପଦେ

**ସୁଶ୍ରୀ ଗୀତାଞ୍ଜଳି ସ୍ୱାଇଁ**

ରାଉରକେଲା ଶୋଭନୀୟ ଶିକ୍ଷାଶ୍ରମ ର ଶାଖା ସମ୍ପାଦକ ଶ୍ରୀଯୁକ୍ତ ନିରଞ୍ଜନ ବେହେରା ହେଉଛନ୍ତି ଜଣେ ଏକ ଶୋଭନୀୟ ସନ୍ଥ ଏବଂ ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତ ଗଢା ମର୍ଯ୍ୟାଦା ସମ୍ପନ୍ନ ସୃଷ୍ଟି । ତାଙ୍କର ଥିଲା ସରଳ, ନିର୍ମଳ ଓ ବିସ୍ମୟକର ବିରାଟ ବ୍ୟକ୍ତିତ୍ୱ । ଜୀବନ ରଙ୍ଗ ମଞ୍ଚରେ ସେ ଜଣେ ଶ୍ରେଷ୍ଠ ଓ ନିପୁଣ କଳାକାର ଥିଲେ । ପୂଜ୍ୟଶ୍ରୀ ବଡ ଭାଇଙ୍କ ପାଖରେ ସେ ଶାନ୍ତିରେ ଥାଆନ୍ତୁ ।

ସେହି ପୁଣ୍ୟାତ୍ମାଙ୍କ ନିକଟରେ ମୋର ସ୍ନେହର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

ଆଜୀବନ ସଭ୍ୟା

ଶୋଭନୀୟ ଆନ୍ଦୋଳନ, କଟକ

---

## କର୍ମନିଷ୍ଠ ସାଧକ

**ଶ୍ରୀଯୁକ୍ତ ବିଚିତ୍ରାନନ୍ଦ ସ୍ୱାଇଁ**

ସାଧନା ଯଜ୍ଞ ରେ ତପସ୍ୟା କରି ନିରବାବୁ ପାଲଟି ଯାଇଥିଲେ ଅଗଣିତ ଶିଶୁମାନଙ୍କର ଭାଇ । ସେ ଜଣେ ଶୁଦ୍ଧ, ପବିତ୍ର, ଆଦର୍ଶବାନ ଓ କର୍ମନିଷ୍ଠ ସାଧକ ।    ତାଙ୍କ ଆଦର୍ଶରେ ଆମେ ଅନୁପ୍ରାଣିତ ହେଲେ ସେ ସୁଖରେ ରହିବେ ।  ସମାଜ ଉପକୃତ ହେବ ଏବଂ ପୂଜ୍ୟଶ୍ରୀ କୁମାର ଭାଇଙ୍କ ଆତ୍ମା ମଧ୍ୟ ଶାନ୍ତି ପାଇବ ।

ସଭ୍ୟ,

ସନ୍ଥ ନିରହଙ୍କାରୀ ସେବା ସଦନ

ଉରାଳି, କଟକ

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

**ଦମୟନ୍ତୀ ମହାନ୍ତି**

ନିରବାବୁ ଆମର ଅତି ଆଦରର
ଡାକରା ତୁମର ଆସିଲା,
କାହିଁକି ଦଇବ ଏ ଦୁଃଖ ଦେଇ
ଆମ ସୁଖ ହରିନେଲା । (୧)
ଠାକୁର ନିକଟେ ପ୍ରଣତି ବାଢୁଛି
ସ୍ନେହ ଶରଧାର ଭକତି ଢାଳି,
ଖୁସିରେ ରହିବ ଭାଇଙ୍କ ପାଶେ
ଏତିକି ମୋର ଅଶ୍ରୁ ଅଞ୍ଜଳି । (୨)

ମୁଖ୍ୟ ସେବିକା,
ଶୋଭନୀୟ ଆତ୍ମଶୁଦ୍ଧି ସଂଘ

## ସାଧକ ତୁମେ

**ବାରିଦ ପ୍ରଭା ମହାନ୍ତି**

ସାଧକ ତୁମେ, ସାଧନା କରି
ବିତରି ଦେଇଛ ଆଲୋକ ଶିଖା,
ଛାଡି ଘରଦ୍ୱାର ସ୍ନେହ ଦରବାର
କରିଲ ଆତ୍ମ ସମୀକ୍ଷା । (୧)
ଦୃଢତା ରେ ତୁମେ ଅଲିଭା ସଳିତା
ସେବା ତ୍ୟାଗ ର ପ୍ରତିମୂର୍ତ୍ତି,
ମନକୁ କିଣି ହୃଦୟ ଜିଣି
ରଖିଲ ଯଶ କୀର୍ତ୍ତି । (୨)

ସଭାପତି ,
ଆତ୍ମଶୁଦ୍ଧି ସଂଘ
କଣ୍ଟାପଡା, କଟକ

---❀❀❀---

## ସେ ଅମର

**ଶ୍ରୀମତୀ ରାଧାରାଣୀ ଜେନା**

ନିଜ ପାଇଁ ଯିଏ ବଞ୍ଚି ରହେ ସେ ସାଧାରଣ ମଣିଷ । ମାତ୍ର ଦେଶ,ଜାତି ଓ ସମାଜ ପାଇଁ ଯିଏ ବଞ୍ଚି ରହେ ସେ ଅସାଧାରଣ ଓ ମହାନ । ତେଣୁ ନିରବାବୁ ଆଜି ଅମର । ତାଙ୍କ ଆତ୍ମାର ସଦ୍ ଗତି କାମନା କରି ରହୁଛି ।

ସମ୍ପାଦିକା
ସ୍ୱୟଂ ସହାୟକ ଗୋଷ୍ଠୀ, କଟକ

----❀❀❀----

## ଭାଇ ତୁମେ ଭଲରେ ଥାଅ

**ଶ୍ରୀମତୀ ରାଜକୁମାରୀ ଦେବୀ**

ନିରଭାଇ ଚାଲିଗଲେ । ଯେଉଁଠାକୁ ଗଲେ ଆଉ କେହି ଫେରନ୍ତି ନାହିଁ । କିନ୍ତୁ ତାଙ୍କର ନୀତି, ଆଦର୍ଶ ରହିବ ଯୁଗ ଯୁଗକୁ । ତାଙ୍କର କଠିନ ସାଧନା ପ୍ରେରଣା ଦେବ ଆମକୁ । ତାଙ୍କର ଆତ୍ମା ଇଶ୍ୱରାଭିମୁଖୀ ହେଉ । ଏତିକି କାମନା କରି ରହୁଛି ।

ଆଜୀବନ ସଭ୍ୟା
ଶୋଭନୀୟ ଆନ୍ଦୋଳନ,
ଟାଙ୍ଗୀ, କଟକ

---❀❀❀---

## ଭାଇ ତୁମ କୁ ଭୁଲି ହେଉନି

ଦୂରେଇ ଯାଇଛ ଆମରି ପାଖ ରୁ
ଏଇ ମନ ଜମା ମାନୁନି
ହେ ନିର  ଭାଇ ତୁମ କୁ ଭୁଲି ହେଉନି...

ତୁମ ପାଇଁ ଆଜି ଆମ ଏ ଆଖି ରୁ
ଅଶ୍ରୁ ଝରିବା ତ କମୁନି
ହେ ନିର  ଭାଇ ତୁମ କୁ ଭୁଲି ହେଉନି....

ବୁଗୁଡ଼ା ଶୋଭନୀୟ ପାଇଁ ତୁମ ଅବଦାନ
ଭୁଲି କେବେ ଜମା ହେବନି
ହେ ନିର  ଭାଇ ତୁମ କୁ ଭୁଲି ହେଉନି....

ପାଖେ ନାହଁ ବୋଲି ତୁମ ପରା ଭାଇ
କାହା ଓଠ ଜମା ହସୁନି
ହେ ନିର  ଭାଇ ତୁମ କୁ ଭୁଲି ହେଉନି ....

ହୃଦୟ କୁ ଆଜି ପଚାରେ ମୁଁ ଯେ
ଏତେ ଦୁଃଖ କାଇଁ ଅଛୁ
ହୃଦୟ ବି ଉତ୍ତର ପାଉନି
ହେ ନିର  ଭାଇ ତୁମ କୁ ଭୁଲି ହେଉନି....

କେତେ କଳିକା ଙ୍କୁ ପୁଷ୍ପ କରି ତୁମେ
ଫୁଟାଇଛ ସମାଜ ରେ
ମନ ରୁ କେବେ ଲିଭିବନି
ହେ ନିର  ଭାଇ ତୁମ କୁ ଭୁଲି ହେଉନି....

ତୁମରି କଥା କୁ କଲମ ତ

ମୋର
ବର୍ଣ୍ଣନା କରି ପାରୁନି
ହେ ନିର  ଭାଇ ତୁମ କୁ ଭୁଲି ହେଉନି .....

**ଅରବିନ୍ଦ ପାତ୍ର**
ଶୋଭନୀୟ ଶିକ୍ଷାଶ୍ରମ, ବୁଗୁଡ଼ା

## ଅଫେରା ରାଇଜ

ତୁମେ ମୋ ଭାଇ  ତୁମେ ମୋର ଗୁରୁ
ତୁମେହିଁ  ଈଶ୍ୱର ମୋର ।
ତୁମ କୃପାରୁ ଦୁର୍ଗମ ଲଙ୍ଘିଛି
ଆଶିଷ ରଖିବ ଗୁରୁ ମୋର ।

ଗୁରୁ ସେବାରେ ଥିଲା ଯେ ମନ
ସବୁ ହୋଇଗଲା ଚୂର୍ଣ୍ଣ ।
କାହାକୁ ବନ୍ଦିବି ଗୁରୁ ତୁମେ କୁହ
ତୁମେ ଅସମୟେ ହେଲ ଲୀନ ।

ଇହ ଲିଳା ସାରି କାହିଁ ଚାଲିଗଲ
ଶୋକସାଗରେ ଭସାଇ ଦେଇ ।
ପୁଣି ଥରେ କିବା ଫେରିବନି ଗୁରୁ
ପୁଷ୍ପକ ବିମାନ ସଜାଇ ।

ଫେରିଆସ ଗୁରୁ ଫେରିଆସ
ଅଫେରା ରାଇଜୁ ଫେରିଆସ
ଦୂରହୋଇଜାଉ ହୃଦୟରୁ ଦୁଃଖ
ସଭିଙ୍କ ମନରେ ଫୁଟୁ ଯେ ହସ ।

ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ତଥା
( ଶିକ୍ଷାଶ୍ରମର ପୂରାତନ କର୍ମୀ)
**ନାରାୟଣ ପ୍ରସାଦ ବେହେରା**

---❀❀❀---

## ଛାଡି ଚାଲିଗଲ

**ଶ୍ରୀମତୀ କାମିନୀ ରଥ**

ତୁମେ ମିଶୁଥିଲ ସମସ୍ତଙ୍କ ସହ
ନ ଭାବି କାହାକୁ ପର
ଛାଡି ଚାଲିଗଲ ସମସ୍ତଙ୍କୁ ଆଜି
କାହିଁ କଲ ନାହିଁ ବିଚାର ।
ପୂଜ୍ୟଶ୍ରୀ ଭାଇଙ୍କ ପ୍ରଚାର ପ୍ରସାର
ପୂର୍ଣ ଏବେ ହୋଇ ନାହିଁ
ଫେରିଆସି ତୁମେ ଆମକୁ
ଭଲ କଥା ପଦେ ଦିଅ କହି ।

ଆଜୀବନ ସଭ୍ୟା
ଶୋଭନୀୟ ଆନ୍ଦୋଳନ,
ଆଠ ମଲ୍ଲିକ, ଅନୁଗୁଳ

## ବିଧିର ବିଧାନ

**ଶ୍ରୀମତୀ ସ୍ୱପ୍ନାମୟୀ ପଟ୍ଟନାୟକ**

ବିଧିର ବିଧାନ କେ କରିବ ଆନ
ଏତ ଦୁନିଆ ର ରୀତି,
ଭାଇଙ୍କ ମନର ମଣିଷ ହେବାକୁ
ଢାଳିଛ ଅସରା ପ୍ରୀତି । (୧)
ଭଲ କଥା ଯାହା ଶିଖିଛୁ ତୁମଠୁ
କାମ ଆଚରଣେ ଲଗାଇବୁ,
ଯେ ପ୍ରାର୍ଥନା ତୁମେ ବୋଲୁଥିଲ
ସମସ୍ତଙ୍କୁ ତାହା ଶିଖାଇବୁ । (୨)

ମୁଖ୍ୟ ସେବିକା,
ଶୋଭନୀୟ ଆତ୍ମଶୁଦ୍ଧି ସଂଘ
ଉରାଳି, କଟକ

---

## ଭାଇ ପରି ଭାଇ

**ଶ୍ରୀମତୀ ଦେବଯାନୀ ସାମନ୍ତରାୟ**

ନିର ଭାଇ ଜଣେ ଭାଇ ପରି ଭାଇ ଥିଲେ । ଦରଦୀ ହୃଦୟର ସ୍ନେହୀ ମଣିଷଟିଏ ଥିଲେ । ତାଙ୍କ କଥାରେ ଥିଲା ଯେତିକି ଗାମ୍ଭୀର୍ଯ୍ୟ, ସେତିକି ସରଳତା । ଅନେକ ବାପା ମାଆ, ଭାଇ ଓ ଭଉଣୀମାନଙ୍କ ସହ ଥିଲା ନିବିଡ ସ୍ନେହ ସମ୍ପର୍କ । ଭଗବାନ ତାଙ୍କ ଆତ୍ମାର ସଦ୍ ଗତି କରନ୍ତୁ । ଏତିକି ମୋର କାମନା ।

ଆଜୀବନ ସଭ୍ୟା,
ଶୋଭନୀୟ ଆନ୍ଦୋଳନ
ବିଶାଖାପାଟଣା, ଆନ୍ଧ୍ର ପ୍ରଦେଶ

---❀❀❀---

## ସ୍ମୃତିରେ...

ନିଷ୍ଠାପରସାଧକ,ପୂଜ୍ୟଶ୍ରୀ କୁମାରଭାଇଙ୍କ ବାର୍ତ୍ତାପ୍ରଚାରକ,ଶୋଭନୀୟ ପରିବାରର ଜଣେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଆପଣଙ୍କୁ ପ୍ରଣାମ ନିର ଭାଇ।ଆପଣଙ୍କ କଠିନ ପରିଶ୍ରମ,ନିଷ୍ଠା,ତ୍ୟାଗ, ଦୟା, ଆମ ଶୋଭନୀୟ ପରିବାରକୁ ସମୃଦ୍ଧ କରୁଥିଲା । କେବଳ ଜଣେ ଆଦର୍ଶଗୁରୁ ନୁହେଁ ବରଂ ଜଣେ ପ୍ରକୃତ ମାର୍ଗଦର୍ଶକ ଭାବେ ଆପଣ ସର୍ବଜନବିଦିତ। ଆପଣ ନମସ୍ୟ ।

ଆପଣଙ୍କସହିତ ବିତାଇଥିବା ମୁହୂର୍ତ୍ତଗୁଡିକ କେବେ ଭୁଲିହେବନି।ଆପଣଙ୍କର କଥାବାର୍ତ୍ତା କରିବାର ଶୈଳୀ,ଜ୍ଞାନଗର୍ଭକଭାଷଣ,ଦୟାକରୁଣା ପରିପୂର୍ଣ୍ଣ ହୃଦୟ ଠିକ୍ ବଡଭାଇଙ୍କ ପରି ଆମସମସ୍ତଙ୍କ ହୃଦୟକୁ ଛୁଇଁଯାଉଥିଲା । ଆପଣଙ୍କ ଉପସ୍ଥିତି ଆମପରିବାରକୁ । ଏକ ସକାରାତ୍ମକ ଏବଂ ପ୍ରେରଣାଦାୟକ ପରିବେଶ ଯୋଗାଇଥିଲା ।

ଆପଣଙ୍କ ଦିବଙ୍ଗତଆତ୍ମାର ସଦ୍ଗତି ଓ ଶାନ୍ତିପାଇଁ ଭଗବାନଙ୍କୁ ପ୍ରାର୍ଥନା କରୁଛି।

**ଗୁରୁମା ବିଦ୍ୟୁତ୍ ପ୍ରଭା ମିଶ୍ର**
ଶୋଭନୀୟ ଶିକ୍ଷାଶ୍ରମ
ଉଦୟଗିରି

---❀❀❀---

## ମରି ବି ଅମର.......

**ଶ୍ରୀ ଅଭିରାମ ସାହୁ,**
ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜେର,
ପଂଜାବ ନାସନାଲ ବ୍ୟାଙ୍କ

ଭାଗବତରେ ଲେଖା ଅଛି : ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ ।

ତେଣୁ ଜନ୍ମ ମାତ୍ରକେ ମୃତ୍ୟୁ ସୁନିଶ୍ଚିତ । ଏ ଦୁନିଆ ହାଟରେ ଯିଏ କିଣାବିକା ଶୀଘ୍ର ସାରିଦେଲା ସେ ହାଟରୁ ଶୀଘ୍ର ପଳାଇଲା । କଥାରେ ଅଛି ରହି ନାହିଁ କେହି ରହିବେ ନାହିଁ ଟି ଭବରଙ୍ଗ ଭୂମି ତଳେ ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡିବେ କାଳ ବଳେ । ଏହି ପୃଥିବୀ ଗୋଟିଏ ରଙ୍ଗମଞ୍ଚ । ଆମ୍ଭେମାନେ ଗୋଟିଏ ଗୋଟିଏ କଳାକାର । ଯିଏ ଭଲ କାମ କଲା ରଙ୍ଗ ମଞ୍ଚରେ ଭଲ ଅଭିନୟ କଲା ସେ ଦର୍ଶକମାନଙ୍କ ହୃଦୟରେ ଜୀବିତ ରହିପାରିଲା । ଠିକ୍ ସେହିପରି ନିରଞ୍ଜନ ବାବୁ ଥିଲେ ଗୋଟିଏ ରଙ୍ଗମଞ୍ଚର କଳାକାର । ତାଙ୍କର କଳାକାର ଯାଦୁରେ ସେ ସମସ୍ତଙ୍କୁ ବାନ୍ଧି ରଖିଥିଲା । ତାଙ୍କର ହସ ହସ ମୁଖ, ସରଳ ଜୀବନ ଯାପନ ଓ ନିସ୍ୱାର୍ଥପରତାକୁ କେହି ଭୁଲି ପାରିବେନି । ନିଜର ଦୁଖଃକୁ ନିଜେ ଚାପି ପର ଦୁଖଃରେ ନିଜକୁ ହଜାଇ ଦେଉଥିଲେ । ପିଲାବେଳେ ସେ ବାପାଙ୍କୁ ହରାଇ ବଡ ପୁଅ ହିସାବରେ ବିଧବା ମା'ଙ୍କ ସହିତ କାନ୍ଧକୁ କାନ୍ଧ ମିଳାଇ ଦୁଇ ଭଉଣୀ ଓ ତିନି ଭାଇଙ୍କୁ ମଣିଷ କରିବା ପାଇଁ ଲାଗି ପଡିଥିଲେ । ନିଜେ ସେତେବେଳେ ନା'ବାଳକ ଥିବାରୁ ପାଠ ପଢାରେ କଷ୍ଟ ଅନୁଭବ କରିଥିଲେ, ସେଗୁଡିକୁ ଭ୍ରୁକ୍ଷେପ ନକରି କାଳର ଯୁଦ୍ଧରେ ବା ସମୟର ଯୁଦ୍ଧରେ ସେ ଜୟ ହୋଇପାରିଥିଲେ । ରାଉରକେଲା ଇସ୍ପାତ କାରଖାନାରୁ ସ୍ୱେଚ୍ଛାକୃତ ଭାବେ ଅବସର ନେଇ ଅଗନା ଅଗନି ବନ ଲାଠିକଟାକୁ ସେ ନିଜର କର୍ମଶାଳା ରୂପେ ବାଛିନେଇଥିଲେ । ସେଠାରେ ଶୋଭନୀୟ ଶିକ୍ଷାଶ୍ରମ ଗଢି ପିଲାମାନଙ୍କୁ ଭଲ ମଣିଷ କରିବା ପାଇଁ ସେଇ ଚିନ୍ତାରେ ସମୟ ବିତାଇ ଦେଉଥିଲେ । ସେ ଆଜି ମରି ସୁଦ୍ଧା ଅମର । ସମସ୍ତଙ୍କ ହୃଦୟରେ ତାଙ୍କର ସ୍ମୃତି ଚିହ୍ନ ରହିଯିବ । ନିରଞ୍ଜନଙ୍କର ଅକାଳ ବିୟୋଗରେ ସମସ୍ତ କର୍ମଚାରୀବୃନ୍ଦ ଓ ଆତ୍ମୀୟ ସ୍ୱଜନ ଦୁଖିଃତ ଓ ମର୍ମାହତ । ଆତ୍ମା କେବେ ମରେନାହିଁ । ଆତ୍ମା ପୁରୁଣା ପୋଷାକ ଭଳି ପରିତ୍ୟାଗ କରି ନୂତନ ଶରୀରରେ ପ୍ରବେଶ କରେ । ଭଗବାନଙ୍କ ନିକଟରେ ପ୍ରାର୍ଥନା ତାଙ୍କର ଆତ୍ମା ଶାନ୍ତିରେ ମୋକ୍ଷ ପାଉ । ସମସ୍ତ ମାନବ ସମାଜ ତାଙ୍କୁ ଭୁଲି ପାରିବେ ନାହିଁ କି ଭୁଲି ନାହାଁନ୍ତି । ସେ ଆଜି ମରି ବି ଅମର ।

ଜୟ ଜଗନ୍ନାଥ

# ରକ୍ତସମ୍ପର୍କଠୁ ଅଧିକ ଥିଲେ ନିର ଭାଇ

**-ଗୀତାଞ୍ଜଳି ସାହୁ**

ଜନ୍ମ ହେବ ମାନେ ମୃତ୍ୟୁ ତ ନିଶ୍ଚିତ। ମାତ୍ର ମୃତ୍ୟୁପରେ ସାଧକର ଆତ୍ମା ସିଦ୍ଧିପ୍ରାପ୍ତି ନ ହେବା ପର୍ଯ୍ୟନ୍ତ ବିଶ୍ରାମ ଲଭିପାରେ ନାହିଁ। ଆଜି ମନେପଡେ ୨୦୨୦ ମସିହା କଥା। କୋଭିଡ୍ ସମୟରେ ଯେତେବେଳେ ବଡ଼ ଗୁରୁମା ଚାଲି ଗଲେ ତାଙ୍କୁ ମୁଖାଗ୍ନି ଦେଲି। ତାପରେ ଡାକ୍ତର ଆସି ସମସ୍ତଙ୍କୁ ପରୀକ୍ଷା କଲେ। ଜଣାପଡିଲା ମୁଁ କୋଭିଡ୍ ପଜିଟିଭ ବୋଲି। ଏହାପରେ ମୋତେ ଗୋଟିଏ ଘରେ କ୍ବାରେଣ୍ଟାଇନରେ ଏକୁଟିଆ ରହିବାକୁ ହେଲା । ତା ପରଠୁ ନିର ଭାଇ ସବୁଦିନ ଫୋନ୍ କରି ମୋ ଭଲ ମନ୍ଦ ବୁଝିବା, ସାନ୍ତ୍ୱନା ଦେବା, ମନକୁ ଦୃଢ କରିବା ସହ ମୋତେ ସାହାସ ଦେଇଥାନ୍ତି। ସବୁବେଳେ କହୁଥାନ୍ତି, ବ୍ୟସ୍ତ ହବନି। ଆମେ ସମସ୍ତେ ଅଛୁ । ତୁମର କୌଣସି ଅସୁବିଧା ହେବନି । ରକ୍ତର ନ ହେଲେ ବି ନିର ଭାଇ ରକ୍ତସମ୍ପର୍କଠାରୁ ଅଧିକ ଥିଲେ ବୋଲି କହିଲେ ଭୁଲ୍ ହେବନି । ଭାବି ହେଉନି ନିର ଭାଇ ଆଉ ଆମ ଗହଣରେ ନାହାନ୍ତି ବୋଲି । ତାଙ୍କ ସ୍ନେହ, ଶ୍ରଦ୍ଧା ଭଲପାଇବା ଗୋଟି ଗୋଟି ମନେ ପଡିଯାଉଛି। ସେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ତେବେ ମୃତ୍ୟୁ ଚିରନ୍ତନ ଆଉ ନିଷ୍ଠୁର ସତ୍ୟ; କିନ୍ତୁ ଏମିତି କିଛି ମଣିଷ ଥାନ୍ତି ଯାହାଙ୍କୁ ତାଙ୍କ ଆବର୍ତ୍ତମାନରେ ସମସ୍ତେ ଝୁରନ୍ତି। ନିର ଭାଇଙ୍କ ମଣିଷ ଜୀବନ ସାର୍ଥକ ହେଇଛି ବୋଲି ବିନା ସନ୍ଦେହରେ କୁହାଯାଇପାରେ। ଖାଲି ମଣିଷ କିଆଁ, ନିର ଭାଇଙ୍କୁ ବାଲି, ମାଟି, ଗୋଡ଼ି ବି ନିଶ୍ଚିତ ଝୁରିବ। ସ୍ଥୁଳ ଶରୀରରେ ସେ ନାହାନ୍ତି ସତ; ହେଲେ ତାଙ୍କ ସୂକ୍ଷ୍ମ ଶରୀର ଆମମାନଙ୍କ ସହ ଅଛି ବୋଲି ଆମକୁ ସ୍ବୀକାର କରିବାକୁ ପଡିବ। ଶେଷରେ ନିର ଭାଇଙ୍କ ଭଳି ଜଣେ ଅତ୍ୟନ୍ତ ସ୍ନେହୀ, ଆମାୟିକ, ବିନମ୍ର, ସରଳ, ସଚ୍ଚୋଟ, ଋଷୀ ପ୍ରତୀମ ଶୋଭନୀୟ ସାଧକଙ୍କୁ ବିନମ୍ର ପ୍ରଣାମ । ସେହି ଦେବତୁଲ୍ୟ ମହାନ ଆତ୍ମାଙ୍କ ଉଦ୍ଦେଶ୍ୟରେ ଭକ୍ତି ନୈବେଦ୍ୟ ଅର୍ପଣ କରୁଛି ।

କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ
କୋଣାର୍କ, ପୁରୀ

----❀❀❀----

## ଆତ୍ମୀୟ ଭାଇ

ଭାଇ ତୁମେ ଥିଲ ଚିର ନମସ୍ୟ
ଚିର ପୂଜନୀୟ
ପରମ ଆତ୍ମୀୟ ଆମର
ମନେପଡେ ଆଜି ତୁମର ସେ କଥା
କେତେ ସ୍ନେହ ଶ୍ରଦ୍ଧା ତୁମର ।
ନୀତି ଆଦର୍ଶ କଥା ଶିଖାଇଲ,
ଶୋଭନୀୟ ବାର୍ତ୍ତା ଦେଇ,
ଜୀବନ କିପରି ଆଗକୁ ବଢିବ
ଶୋଭନୀୟ ଗୀତ ଗାଇ ।
ଅଶୋଭନୀୟତା ଦୂର କରିବା
ଏହା ଥିଲା ତୁମ ନୀତିବାଣୀ,
ସତ୍ୟ ଧର୍ମ ପଥେ ଯିବା ପାଇଁ ଆମେ
କହୁଥଲ କେତେ ବଖାଣି।
ବଣ ପାହାଡ ଘେରା ପବିତ୍ର ଭୂଇଁ ସେ
ଥିଲା ଯେ ତୁମର ସାଧନା ପୀଠ,
ତାହା ଦେଖି ସର୍ବେ ଶିକ୍ଷା ପାଉଥିଲୁ
ହେଉଥିଲୁ କେତେ ଅନୁପ୍ରାଣିତ।
ଅଧା ବାଟେ ଛାଡ଼ି ଚାଲିଗଲ ଭାଇ
ଆଉ ଶୁଣିବୁନି ତୁମରି କଥା,
ଗଛ ପତ୍ର ବି ଝୁରୁଛି ତୁମକୁ
ସବୁଆଡେ ଖାଲି ନିରବତା ।
ଅସ୍ତମିତ ସୂର୍ଯ୍ୟ ପରି ଚାଲିଗଲ ତୁମେ
ଘନ ଅନ୍ଧାର ଦେଇ
ବାଟ ଚାଲିବାକୁ ଦିଶୁନାହିଁ ରାହା
ଆଲୋକ ଦେଖାଅ ଭାଇ ।
ଆମ ସଭିଙ୍କ ଗୁରୁଥିଲ ତୁମେ
ନେଉଥିଲ ବାଟ କଢ଼େଇ
ଆଶୀର୍ବାଦ ସଦା ରଖିଥାଅ ଗୁରୁ
ହେ ପୂଜ୍ୟ ଆତ୍ମୀୟ ଭାଇ ।

ତୁମର ପ୍ରିୟ ସାନଭାଇ
**ଅକ୍ଷୟ**

## ଇସ୍ପାତ ନଗରୀର ଇସ୍ପାତ ମଣିଷ

ପୂଜ୍ୟ ଭାଇଙ୍କର ମହାନିର୍ଦ୍ଦେଶେ
ଗଲ ଚାଲି ତୁମେ ଅମରପୁର
ଇସ୍ପାତ ନଗରୀର ଇସ୍ପାତ ମଣିଷ
କେମିତି ଛାଡ଼ିଲ ଦେହ ତୁମର।।
ଅଫେରା ରାଇଜୁ ଆସିବନି ଆଉ
ଖାଲି ଖାଲି ଲାଗେ ଘର ଦୁଆର
ଲାଠିକଟା,ଜଳଦା,ଆଇଡିଆଲରେ
ସବୁଠି ଶୁଭୁଛି ତୁମରି ସ୍ୱର।।
ଲାଠିକଟା ମାଆ ଗୁମୁରି କାନ୍ଦୁଛି
ହରାଇ ତାହାର ସୁପୁତ୍ରକୁ
କୋଳ ଖାଲି କରି କେଉଁଆଡେ ଗଲା
ପଚାରୁଛି ସେ ଆଶ୍ରମ ବାସୀଙ୍କୁ।।
ଶୋଭନୀୟ କର୍ମେ ହଜିଯାଇ ନିଜେ
ଦୀକ୍ଷିତ କଲ ସପରିବାର
ସେହି ପୁଣ୍ୟ କର୍ମ କରିଥିବାରୁ
ଦେହ ଛାଡିଲେ ବି ତୁମେ ଅମର
ତୁମ ଯଶ, ଖ୍ୟାତି ରହେ ଅମର
ତୁମ ଯଶ ଖ୍ୟାତି ରହେ ଅମର।।

**ବରଦା ଗୁରୁମା**
ଯୁଗସ୍ରଷ୍ଟା ଶୋଭନୀୟ ଶିକ୍ଷାଶ୍ରମ
ଉଦୟଗିରି

# ଶ୍ରଦ୍ଧାଞ୍ଜଳି ନିରଭାଇଙ୍କ ପାଇଁ

ତୁମେ ଚାଲିଗଲ କେଉଁ ଏକ
ଅଜଣା ମୂଲକେ
ପିଲାଦିନର ସେ ଅଭୂଲା ସ୍ମୃତିଟା
ଆଜି ବି ମୋ ମନେ ପଡୁଛି
ମନେପଡିବାରୁ ଆଖିରୁ ମୋହର
ଧାର ଧାର ଲୁହ ଝରୁଛି
ତୁମ କଥା ଦେଲେ ଭାବି
ମନେପଡେ ସେଇ ଛବି
ବଡଭାଇ ଆଗମନେ
ନେମାଳ ସ୍କୁଲରେ ଦିନେ
ତାଙ୍କ ଭାଷଣ ଶୁଣି ଶିଷ୍ୟ
ହୋଇଗଲ ।
ତୁମେ ଚାଲିଗଲ . . . . . . . . . . . . . . . . . .
ତୁମ ହସ ହସ ମୁହଁ ଟା ଭାବିଲେ
ହୃଦୟରୁ ଉଠେ କୋହ
କାହିଁକି ବା ଭାଇ ଅଳ୍ପ ଦିନ ପାଇଁ
ଲଗାଇଲ ଏତେ ମୋହ
ମଣିଷ ତିଆରି କାରଖାନାଟିଏ
ଗଢିଦେଲ ।
ତୁମେ ଚାଲିଗଲ . . . . . . . . . . . . . . . . .
ସପନ ପରିକା ଲାଗୁଛି ଜୀବନ
ଅଳ୍ପଦିନ ପାଇଁ ଆସିଲ
ଅଳପ ଦିନରେ ସବୁରି ହୃଦରେ
ସବୁଦିନ ପାଇଁ ରହିଲ
ଶରୀରକୁ ଛାଡି ଆତ୍ମା ଗଲା ଚାଲି
ରହିଗଲା ତୁମ ସ୍ମୃତି ।
ତୁମେ ଚାଲିଗଲ . . . . . . . . . . . . . .

ଆଜିବି ଝୁରୁଛି କରଲାଖମଣ
ଝୁରନ୍ତି ଜଳଦା ବାସୀ
ମୁଣ୍ଡେ ହାତ ଦେଇ କାନ୍ଦି କଇଁ କଇଁ
ଭାବନ୍ତି ଆଇ.ଡି.ଏଲ୍ ବାସୀ
ଗୁରୁଙ୍କ ଆଦେଶ ଗଢ ତୁମେ ଶିଷ୍ୟ
ଶୋଭନୀୟ ଶିକ୍ଷାଶ୍ରମ ।
ତୁମେ ଚାଲିଗଲ . . . . . . . . . . . . . . . .
ମଣିଷ ଜୀବନ ପାଣିର ଫୋଟକା
ଏଇ ଅଛି ଏଇ ନାହିଁ
ମଣିଷ ଆସିଛି ଭଲ କାମ କରି
ସଂସାରରୁ ଯିବାପାଇଁ
ଭଲ ମଣିଷ କୁ ମହାତ୍ମା କୁହନ୍ତି
ତୁମେ ପରା ଅଟ ସେଇ ।
ତୁମେ ଚାଲିଗଲ .................
ଚିହ୍ନି ଚିହ୍ନାଇଲ ଗୁରୁଙ୍କୁ ଚିହ୍ନିଲ
ଧନ୍ୟ ହୋଇଲା ଜୀବନ
ଧନ୍ୟ ପୂଜ୍ୟ ଗୁରୁ କୁମାର ଭାଇଙ୍କୁ
କୋଟି କୋଟି ମୋ ପ୍ରଣାମ
ତୁମ ଆତ୍ମା ମିଶୁ ଗୁରୁ ପାଦତଳେ
ଏତିକି ମିନତୀ ମୋର ।
ତୁମେ ଚାଲିଗଲ . . . . . . . . . . . . .
ଶେଷେ ଶ୍ରଦ୍ଧାଞ୍ଜଳି ଦେଉଛି ଭାଇ ହେ
ଆଖିର ଲୋତକ ଧାରେ
ଆଉ କେବେ ଦେଖା ପାଇବୁ ତୁମର
କହିଦିଅ ତୁମେ ଥରେ
ଶୋଭନୀୟ ଶୋଭା ବର୍ଦ୍ଧିତ କରିବ
ତୁମରି ହାତ ପରଶେ ।
ତୁମେ ଚାଲିଗଲ . . . . . . . . . . . . . . .


ସଙ୍ଗୀତ ଶିକ୍ଷକ
**ଗୁରୁ ଶ୍ରୀ ଅଲେଖଚନ୍ଦ୍ର ଦାଶ**
ନେମାଳ


----❀❀❀----

## ପରିଚୟ

କାନ୍ଦୁଛି ଶୋଭନୀୟ
ତୁମକୁ ହରାଇ ଭାଇ
ତୁମକୁ ଝୁରି ଝୁରି ଝୁରି
ଛୋଟ ପିଲାଙ୍କ ମନ ଅଥୟ ହୁଅଇ ।
କାନ୍ଦୁଛି ଶୋଭନୀୟ - - - - - - - - - - - -
ଦେଇଗଲ ଯେଉଁ ପ୍ରତିଦାନ ତୁମେ
ନିଜସ୍ୱ ଶରୀରୁ ଝାଳ ବୁହା ଶ୍ରମେ
ଏବେବି ଭାବିଲେ ଲାଗୁଛି କେମିତି
କେତେ କଷ୍ଟ ସାହି କରିଲ ଏମିତି
ଶିକ୍ଷାଶ୍ରମ ଶୋଭନୀୟ ।
କାନ୍ଦୁଛି ଶୋଭନୀୟ - - - - - - - - - - -
କେତେ ବିଦ୍ୟାଳୟ କେତେ ଶିକ୍ଷାଶ୍ରମ
ଅଭିଭାଷଣ କୁ ମାନେ ରଖି ତୁମ
ଆଜି ବି ଲାଗନ୍ତି ପ୍ରତିଦିନ କାମେ
ପୂଜ୍ୟ ଭାଇଙ୍କର ଗୁରୁମନ୍ତ୍ର ନାମେ
ପଦେ ରଖି ତାଙ୍କ ଲୟ ।
କାନ୍ଦୁଛି ଶୋଭନୀୟ - - - - - - - - - - - -
ଆଉ କେହି ଭଲ ହେଉ ବା ନହେଉ
ଭଲ ମୁଁ ନିଜକୁ କରିବଇଁ
ଏହା ହେଉ ପ୍ରତି ମନର ଶପଥ
ଜୀବନେ ସିଦ୍ଧି ଲାଭ ପାଇଁ
ବଡ ଭାଇଙ୍କ ଲେଖନୀୟ ।
କାନ୍ଦୁଛି ଶୋଭନୀୟ - - - - - - - - - - - - - - - - -
ଗୁରୁମନ୍ତ୍ର ସିନା ଜୀବନରେ ସାର
ଆଉ ସବୁକିଛି ସଂସାରେ ଅସାର
ମନ୍ତ୍ର ଯିଏ ପାଏ ବଡ ସିଏ ହୁଏ
ଗୁରୁଙ୍କ ମନ୍ତ୍ରକୁ କାମରେ ଲଗାଏ
ଏ କଥାଟି ଅଟେ ଥୟ ।
କାନ୍ଦୁଛି ଶୋଭନୀୟ - - - - - - - - - - - - - - - -

ଅନେକ ଭାବନା ଅନେକ କଳ୍ପନା
କରି ଗଢିଗଲ ଶୋଭନୀୟ ସିନା
ତୁମରି ବିହୁନେ ହେଉ ଆନମନା
କିଏ ଦେବ ଆଉ ଆମକୁ ସାନ୍ତ୍ୱନା
ଆମେ ସବୁ ନିରୂପାୟ ।
କାନ୍ଦୁଛି ଶୋଭନୀୟ - - - - - - - - - - - - - - - -
ଅବୁଝା ପିଲାଙ୍କୁ ବୁଝାଇଛ କେତେ
ମନଦେଇ ପାଠ ପଢ ପିଲେ ଯେତେ
ବିଦ୍ୟା ହିଁ ଜୀବନ ବିଦ୍ୟା ମହାଧନ
ବଡ ମଣିଷଟି ହୋଇବ ଯେଦିନ
ମୋ କଥା ଭବିବ ନିଶ୍ଚୟ ।
କାନ୍ଦୁଛି ଶୋଭନୀୟ - - - - - - - - - - - - - - - - -
ଯେଉଁଠି ବି ଅଛ ଯେମିତି ବି ଅଛ
ଆମ ହୃଦୟରେ ସର୍ବଦା ବସିଛ
ତୁମ ପ୍ରତିଛବି ନଚେ ଅବିରତ
ଶେଷରେ କରୁଛୁ ଆମେ ପ୍ରଣିପାତ
ଶୋଭନୀୟ ହିଁ ପରିଚୟ ।
କାନ୍ଦୁଛି ଶୋଭନୀୟ - - - - - - - - - - - - - - -

ସଙ୍ଗୀତ ଗୁରୁଜୀ **ଶ୍ରୀ ହର କୁମାର ଘଡେଇ**
ଶୋଭନୀୟ ଶିକ୍ଷାଶ୍ରମ,ଲାଠିକଟା

----❀❀❀----

## ମୃତ୍ୟୁ ବିଜୟୀ

ଛାଡ଼ିଗଲ ସିନା ଏ ମର୍ତ୍ତ୍ୟ ଭୁବନ
ହେଲେ ରହିଥିବ ତୁମେ ସଦା ଆୟୁଷ୍ମାନ
ତୁମକୁ ଭୁଲି ପାରିବନି କେବେ ଜନ ମନ
ଭଲ ଗୁଣ ଶିଖିବାକୁ ଦେଉଥିଲ ନିଦର୍ଶନ
ଶୋଭନୀୟ ଆନ୍ଦୋଳନର ଥିଲ କର୍ଣ୍ଣ ଧାର
ସମାଜ ମଙ୍ଗଳ ପାଇଁ ଜନ୍ମ ଥିଲା ତୁମର
ପ୍ରଣିପାତ କରୁଅଛି ତୁମ୍ଭରି ପୟର
ପୂଜ୍ୟ ବଡ଼ ଭାଇ ଥିଲେ ତୁମ୍ଭର ଈଶ୍ୱର
ସ୍ନେହ ଆଦରର ଆମ ନିରଭାଇ
ତୁମପରି ଭାଇ ଏହି ଦୁନିଆରେ ନାହିଁ
କାଳର ଗର୍ଭରେ ତୁମେ ଗଲ ଯେ ଉଭେଇ
ପ୍ରଭାତର ସୂର୍ଯ୍ୟ ପରି ଆସ ପୁଣି ଉଇଁ
ମୃତ୍ୟୁଞ୍ଜୟ ତୁମେ ହେ ଅମର ହୋଇବ
ଜନ ମାନସରେ ସଦା ପୂଜା ପାଉ ଥିବ ।
ସ୍ଥୂଳ ରୂପ ସିନା ତୁମ୍ଭ ଘେନିଛି ଦଇବ,
ସୂକ୍ଷ୍ମ ରୂପେ ତୁମେ ଆମ୍ଭ ପାଶେ ରହିଥିବ ।
ଶୋଭନୀୟ ରଥେ ତୁମେ ଥିଲ ଯେ ସାରଥୀ
ମନେ ରଖିଥିବେ ସର୍ବେ ତୁମ୍ଭର କୀରତି।
ରାଜା ବିହୀନ ରାଜ୍ୟେ ତୁମ୍ଭେ ଥିଲ ସେନାପତି,
ରାଜ୍ୟଭାର ସମ୍ଭାଳିଲ କରି ଗୁରୁଭକ୍ତି।
ସର୍ବ ବନ୍ଧନ ତୁଟାଇ ଏକା ଗଲ ଚାଲି
ଆଗାମୀ ଭବିଷ୍ୟ ଲାଗେ ପ୍ରାୟ ତପ୍ତ ବାଲି ।
ଭବିଷ୍ୟତ ପଥେ କଣ୍ଟା ଦିଶୁଅଛି ଖାଲି,
ତୁମ ଉପଦେଶ ବିନା ପାରିବୁନି ଚାଲି ।
ଗୁରୁଦିବସ ର ପୂର୍ବ ଦିନେ ଚାଲିଗଲ,
ଗୁରୁଭାବେ କାହାକୁ ମୁଁ ପୂଜିବି କହିଲ ?
କାହା ଜନ୍ମ ଦିନେ ଉପହାର ତିଆରିବୁ?
ଜୟ ଆତ୍ମୀୟ ଭାଇ କାହାକୁ କହିବୁ ?
ଶ୍ମଶାନ ଗ୍ରାସିଛି ସତ ତୁମ୍ଭ ସ୍ଥୂଳ ଶରୀର
ମୃତ୍ୟୁବିଜୟୀ ହେ ! ତୁମେ ସଦା ରହିବ ଅମର ।

ଆପଣଙ୍କ ଆଦରର **" ଓମ୍ "**

## ବାପା

ବାପା, ମୋତେ ପୂଜା ଡାକୁଥିଲେ। ମୋ ଶାଶୁଘର ନାଆଁ ଗାୟତ୍ରୀ ହୋଇଥିଲେ ମଧ୍ୟ ତାଙ୍କ ପୂଜା ଡାକିବା ମୋତେ ଖୁସି ଦେଉଥିଲା । ବାପା ମୋତେ ସବୁବେଳେ ପରୀକ୍ଷା ଦେବା ପାଇଁ ଉତ୍ସାହିତ କରୁଥିଲେ । ସରକାରୀ ବିଦ୍ୟାଳୟ ରେ ପୋଷ୍ଟ ବାହାରିବା ବିଷୟରେ ବାପା ମୋତେ ଆଗରୁ ଜଣାଇ ଥିଲେ । ହାଇସ୍କୁଲ ଶିକ୍ଷକ ନିଯୁକ୍ତି ରେଜଲ୍ଟ ବାହାରିବା ପରେ ବାପାଙ୍କୁ ଫୋନ କରିଥିଲି । ବାପା ଅସୁସ୍ଥ ଥିଲେ, ସ୍ପଷ୍ଟ କହି ପାରୁନଥିଲେ । ହେଲେ ମୁଁ ଜାଣି ପାରିଲି ବାପା ଖୁସି ହେଉଛନ୍ତି ବୋଲି ।

ଚେନ୍ନାଇ ରେ ଥିବା ବେଳେ ଥରେ ମୁଁ ଓ ମୋର ସ୍ୱାମୀ କାଳୀପୂଜା ଦେଖିବା ପାଇଁ ବାହାରିଗଲୁ, ଆଉ ସେହି ସମୟରେ କୋଭିଡ ପ୍ରକୋପ ଥମି ନଥିଲା । ବାପା ବାରମ୍ବାର ଫୋନ୍ କରି କେଉଁଠି ଅଛୁ, ଠିକ୍ ଭାବରେ ଫେରିଲୁ କି ନାହିଁ ପଚାରି ପଚାରି ବ୍ୟସ୍ତ କରିଦେଉଥିଲେ। ସେତେବେଳେ ବିରକ୍ତ ଲାଗୁଥିଲା ।

ଏବେ ଆଉ ବାପା ଫୋନ୍ କରି ବ୍ୟସ୍ତ କରିବେନି । ମୋ ଛୋଟ ପୁଅ କୁ ବାପା ହାତ ଧରି ଚଲେଇବେନି । ବହୁତ କିଛି ଆଶା, ଆଶା ରେ ରହିଗଲା ।

ବାପା ଆପଣ ଭଲରେ ଥାଆନ୍ତୁ ।

ଆପଣଙ୍କର ଶ୍ରଦ୍ଧାର ବୋହୂ

**ପୂଜା**




(କୁନି ନାତି ସହିତ **ନିରଭାଇ**)

## ଅଭୁଲା ସ୍ମୃତି

ମୋର ପ୍ରିୟ ନିରଞ୍ଜନ ଭାଇଙ୍କ ପ୍ରଥମ ଦେଖା ୧୯୮୮ ମସିହା ଜୁନ ୨୨ ତାରିଖରେ | ତାଙ୍କର ହସହସ ମଧୁର କଥା ସେଦିନ ମୋର ମନରେ ଭାରି ସ୍ନେହ ଶ୍ରଦ୍ଧା ଭରି ଦେଇଥାଏ | ସେ ମୋତେ ପଚାରିଲେ ତୁମ ନାମ ରବି ନା ? ତାଙ୍କର ହସହସ କଥା ମୋର ହୃଦୟକୁ ଆନନ୍ଦ ରେ ଭରି ଦେଇଥିଲା | କିଛି ସମୟ କଥାବାର୍ତ୍ତା ପରେ ସେମତେ ପଚାରିଲେ ବଡଭାଇ ଅଛନ୍ତି ? ମୁଁ ହସିହସି କହିଲି ହଁ ଅଛନ୍ତି | ତା ପରେ ମୁଁ ବଡଭାଇଙ୍କୁ ଜଣାଇ ଦେଲି ଯେ ନିରଭାଇ ଆସିଛନ୍ତି | ସେତେବେଳେ ସ୍କୁଲ ପଛପଟ କାମ ଚାଲିଥିଲା | ବଡଭାଇ ସେଠାରେ ଥିଲେ | ମୁଁ ନିରଭାଇ ଙ୍କୁ ନେଇ ସେଠାକୁ ପହଞ୍ଚିଗଲି | ନୀରଭାଇଙ୍କୁ ଦେଖି ବଡଭାଇ ଖୁସି ହେଲେ | ସେ ଏପରି ଜଣେ ବ୍ୟକ୍ତିତ୍ୱ ମତେ ଭାରି ଭଲ ଲାଗେ | ସେ ଜଣେ ସ୍ନେହୀ ମଣିଷ ,ତାଙ୍କ ସହ ମୋର ଦୀର୍ଘ ୪୦ ବର୍ଷର ସମ୍ପର୍କ ଥିଲା | ସେ ଜଣେ ଆଦର୍ଶ ମଣିଷ | ସେ ଆନ୍ଦୋଳନ ର ଜଣେ ପଥ ପ୍ରଦର୍ଶକ କହିଲେ ଊଣା ହେବ ନାହିଁ | ସେ ଭାରି ନିଷ୍ଠାବାନ ବ୍ୟକ୍ତିତ୍ୱ ଥିଲେ| ସେ ପୂଜ୍ୟ ଶ୍ରୀ କୁମାର ଭାଇଙ୍କର ପଥକୁ ଅନୁକରଣ କରୁଥିଲେ |କୁମାର ଭାଇଙ୍କ ଆଦେଶରେ ମୁଁ ଏବଂ ନିରଭାଇ ବହୁତ ସଭା ଆୟୋଜନ କରିଛୁ | ସେ କେତେ ନିଷ୍ଠା ପରାୟଣ ବ୍ୟକ୍ତି ମୁଁ ଜାଣି ପାରିଛି | ନିରଭାଇଙ୍କ ଅସୁସ୍ଥତା ବିଷୟରେ ସେ ମୋତେ ପ୍ରଥମେ ଜଣାଇଥିଲେ | ତାପରେ ମୁଁ Dr Aswini Kumar Sahoo ଙ୍କୁ ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ଜଣାଇଥିଲି | ତାଙ୍କ ପରାମର୍ଶ ଅନୁଯାଇ ଦୀର୍ଘ ୪ ରୁ ୫ ମାସ ଔଷଧ ଗ୍ରହଣ କରିଥିଲେ |ତାପରେ ସେ ଟିକେ ସୁସ୍ଥ ହୋଇଥିଲେ |

ହଠାତ୍ କିଛିଦିନ ପରେ ତାଙ୍କ ସ୍ୱାସ୍ଥ୍ୟ ପୁଣି ଖରାପ ହେବାରୁ ତାଙ୍କୁ ରାଉରକେଲା ସ୍ଥିତ Apollo Hospital ରେ Admission କରାଯାଇଥିଲା |ସେଠାରେ କିଛି ଫଳାଫଳ ନ ହେବାରୁ ତାଙ୍କୁ ଏମ୍ବୁଲେନ୍ସ ଦ୍ୱାରା ଆଣି KIMS Hospital ରେ Admission କରାଗଲା | ସେଠାରେ ଡାକ୍ତର ମାନଙ୍କର ବହୁତ ଚେଷ୍ଟା ପରେ ମଧ୍ୟ ନିରଭାଇ ସୁସ୍ଥ ହୋଇନଥିଲେ | ଶେଷରେ ସେ ସେପ୍ଟେମ୍ବର ମାସ ୪ ତାରିଖ ଅପରାହ୍ନ ୪ ଟା ସମୟରେ ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ ଆର ପରିକୁ ଚାଲି ଗଲେ |ଶୋଭନୀୟ ଆନ୍ଦୋଳନ ଜଣେ ମହାନ ବ୍ୟକ୍ତିଙ୍କୁ ହରାଇଲା| ଯାହାକି ଏହି ଶୂନ୍ୟସ୍ଥାନ ଆଉ କେହି ପୂରଣ କରି ପାରିବେ ନାହିଁ | ୰ପ୍ରିୟ ନିରଭାଇ, ପୂଜ୍ୟ ବଡଭାଇଙ୍କ ବାଣୀ – ଦୁଖୀ ପାଇଁ କର ମତେ ସାନ୍ତନା ଝରଣା, ସୁଖି ପାଇଁ କରମତେ ଧର୍ମର ଚେତନା |

ଆମ ଜୀବନରେ ହାତାଶା ନାହିଁ, ଦେବୁ ତାହା ବିଶ୍ୱ ଶାନ୍ତି ପାଇଁ |

ଶୋଭନୀୟ ଆନ୍ଦୋଳନ
ଅଭିନବ ବିଡାନାସୀ କଟକ
**ରବୀନ୍ଦ୍ର ନାଥ ବେହେରା ( ରବିଭାଇ )**

----❀❀❀----

## ଅଭୁଲା ସ୍ନେହ

ତୁମ ସ୍ନେହ ଯିଏ ପାଇଛି ସିଏ କଦାପି ଭୁଲି ପାରିବ ନାହିଁ |ଅତୁଟ ସେ ସ୍ନେହ ଶ୍ରଦ୍ଧା ଆମ ସମସ୍ତଙ୍କୁ ଛାଡି ଗଲା ପୂଜ୍ୟ ଶ୍ରୀ ଗୁରୁଦେବଙ୍କ ନିକଟକୁ| ସେଠାରେ ତୁମର ଆତ୍ମା ଶାନ୍ତି ଲାଭ କରୁ ଏତିକି ମୋର ବିନମ୍ର ପ୍ରାର୍ଥନା |

**ମିନତୀ ବିଟ୍**

ଗୁରୁମା, ରେବାଦେବୀ ଶୋଭନୀୟ ଶିକ୍ଷାଶ୍ରମ – କଟକ

----❀❀❀----

## ନିର ଭାଇଙ୍କ ସ୍ମୃତିରେ .......

ନିରଭାଇ | ସେ ଥିଲେ ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ନୀତି ଆଦର୍ଶରେ ଗଢା ମଣିଷଟିଏ | ଜଣେ ଶୋଭନୀୟ ସାଧକ | ଜଣେ ଅଦର୍ଶବାଦୀ ବ୍ୟକ୍ତି |ସେ ନିଜ ଆଦର୍ଶ ପଥରୁ କେବେ ବିଚ୍ୟୁତି ହୋଇନାହାନ୍ତି | ସେ ପୂଜ୍ୟ ବଡ ଭାଇଙ୍କ ବାର୍ତ୍ତାକୁ ପ୍ରଚାର ପ୍ରସାର କରିବା ପାଇଁ ସବୁବେଳେ ବ୍ୟାକୁଳ ଥିଲେ | ସାରା ଓଡ଼ିଶାର ସ୍କୁଲ କଲେଜକୁ ସେ ଝଡ଼ ବେଗରେ ବୁଲୁଥିଲେ | ସଭାରେ ସମସ୍ତେ କାନ୍ଦି ପକାଉଥିଲେ | ନିଜ ଭୁଲ ପାଇଁ ଅନୁତାପ କରୁଥିଲେ | ତାଙ୍କ ପାଦଧରି କିଛି ଛାତ୍ରଛାତ୍ରୀ କ୍ଷମା ମାଗୁଥିଲେ | ନିରଭାଇ ଆମର ଭୁଲ ହୋଇଯାଇଛି | ଜୀବନରେ ବହୁତ ଖରାପ କାମ କରିଛୁ | ଆଉ କରିବୁ ନାହିଁ | ଆମକୁ କ୍ଷମା କରି ଦିଅନ୍ତୁ | ଏହି ପରି ଅନେକ କଥା |

ସବୁବେଳେ ସେ ମୋତେ ଫୋନ୍ କରୁଥିଲେ | ଭଲ ମନ୍ଦ ପଚାରୁଥିଲେ | ନୀତିଶିକ୍ଷା ଦେଉଥିଲେ | ପୂଜ୍ୟ ବଡ ଭାଇଙ୍କ କାମ କରିବାକୁ ପ୍ରେରଣା ଦେଉଥିଲେ | ସେ ଥିଲେ ମୋ ଜୀବନର ପ୍ରେରଣାର ଉତ୍ସ | ମଝିରେ ମଝିରେ ସେ ମୋ କାମରେ ଉତ୍ସାହ ଘିଅ ଢାଳୁଥିଲେ | ସେହି ଅମ୍ଳାନ ଆତ୍ମାର ସଦଗତି କାମନା କରି ରହୁଛି |

**ବରୁଣ ଗୁରୁଜୀ** ଶାଖା ସମ୍ପାଦକ-
ମହ୍ଲାରପଦା ଶୋଭନୀୟ ଶିକ୍ଷାଶ୍ରମ, ମୟୂରଭଞ୍ଜ

----❀❀❀----

## ସମାଜ ସଂସ୍କାରକ ନିରଞ୍ଜନ ଭାଇ

ସୋନାପର୍ବତ କ୍ଲଷ୍ଟର୍ ରାଉରକେଲା ଶୋଭନୀୟ ଶିକ୍ଷାଶ୍ରମର ସମ୍ପାଦକ ନିରଞ୍ଜନ ଭାଇଙ୍କର ସେପ୍ଟେମ୍ବର ୪ ତାରିଖ ରେ ଭୁବନେଶ୍ୱରର KIMS Hospital ରେ ପରଲୋକ ହୋଇଯାଇଥିବା ଖବର ଶୁଣି ମନରେ ଦୁଃଖ ଭରି ଯାଇଥିଲା | ସେ ଜଣେ ଆଦର୍ଶବାଦୀ ନୀତିବାନ ବ୍ୟକ୍ତି ଥିଲେ | ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ତାଙ୍କର ପଟ ଶିଷ୍ୟ ଭାବେ ଶେଷ ଜୀବନ ଯାଏ କାର୍ଯ୍ୟ କରୁଥିଲେ |ବିଭିନ୍ନ ଶିକ୍ଷାନୁଷ୍ଠାନ କୁ ଯାଇ ଛାତ୍ରଛାତ୍ରୀ ମାନଙ୍କ ଭିତରେ ସଂସ୍କାରମୂଳକ ଚେତନା ଭରି ଦେବା ସହିତ ପୂଜ୍ୟ ଶ୍ରୀ ଭାଇଙ୍କର ଆତ୍ମ ଶୁଦ୍ଧି ପ୍ରାର୍ଥନା କରାଉଥିଲେ | ତାଙ୍କ ବକ୍ତବ୍ୟ ରେ ଗୁରୁଜୀ ଗୁରୁମା ମାନେ ମଧ୍ୟ ପ୍ରଭାବିତ ହେଉଥିଲେ |

ନିରଞ୍ଜନ ଭାଇ ଶିକ୍ଷା ଜଗତ ପାଇଁ ସଂସ୍କାରମୂଳକ କାର୍ଯ୍ୟ କରି ଯାଇଛନ୍ତି | ତାଙ୍କର ବିୟୋଗ ଆମ ଶିକ୍ଷା ଜଗତ ତଥା ସମାଜ ପାଇଁ ଏକ ଅପୂରଣୀୟ କ୍ଷତି | ତାଙ୍କର ଶୋକ ପ୍ରାର୍ଥନା କରିବା ପାଇଁ ଆମ କ୍ଲଷ୍ଟର ର ଶିକ୍ଷାନୁଷ୍ଠାନମାନଙ୍କୁ ମୋ ତରଫରୁ ଅନୁରୋଧ କରିଥିଲି | ଶେଷରେ ତାଙ୍କ ପବିତ୍ର ଆତ୍ମା ଶ୍ରୀ ଜଗନ୍ନାଥ ଙ୍କ ପଦପଦ୍ମରେ ସ୍ଥାନ ପାଉ ଏହାହିଁ ପ୍ରାର୍ଥନା କରୁଛି |

**ଶ୍ରୀ ସତ୍ୟାନନ୍ଦ ପରିଡା**
ସି.ଆର.ସି.ସି ,ସୋନାପର୍ବତ

----❀❀❀----

## ନିରଞ୍ଜନ ଭାଇ

ସ୍ୱର୍ଗତଃ ଶ୍ରୀଯୁକ୍ତ ନିରଞ୍ଜନ ଭାଇ ୪ ତାରିଖ ଗୁରୁବାର ଦିନ ଆମ୍ଭମାନଙ୍କୁ ଛାଡି ଏହି ସଂସାର ତ୍ୟାଗ କଲେ | ସେ ଆମ ଶିକ୍ଷାଶ୍ରମ ର ସମ୍ପାଦକ ଥିଲେ | ଆମ ଶୋଭନୀୟ ଶିକ୍ଷାଶ୍ରମରେ ତାଙ୍କର ଅବଦାନ ଚିର ସ୍ମରଣୀୟ ଅଟେ | ନିରଭାଇ ଆମ୍ଭମାନଙ୍କୁ ସଦା ସତପଥରେ ଚଳିବାକୁ ପ୍ରେରଣା ଦେଉଥିଲେ | ସେ ବର୍ତ୍ତମାନ ଆମ ଗହଣରେ ଆଉ ନାହାନ୍ତି ଏବଂ ତାଙ୍କ ସ୍ଥାନ ଆଉ କେହି ପୂରଣ କରି ପାରିବେ ନାହିଁ | ତାଙ୍କର ସ୍ୱର୍ଗ ନିର୍ବାଣ ଉପଲକ୍ଷେ ଆମ୍ଭେ ଭଗବାନଙ୍କୁ ପ୍ରାର୍ଥନା କରୁଅଛୁ |

**ସ୍ନେହର ସ୍ୱପ୍ନେଶ୍ୱର ଭୂମିଜ**

ଜଲଦା ଶୋଭନୀୟ ଶିକ୍ଷାଶ୍ରମର ପୂର୍ବତନ ଛାତ୍ର

----❀❀❀----

## ଭାଇ

ଭାଇଙ୍କ ଭିତରେ ଭାଇ ଥିଲ ତୁମେ
ଭିନ୍ନ ଥିଲା ତୁମ ଭାବନା
ଭିନ୍ନ ଭିନ୍ନ ସ୍ଥାନେ ସଭା କରି ତୁମେ
ବିଞ୍ଚୁଥିଲ ଶୋଭନୀୟ ଚେତନା |
ଭଲ ମନ୍ଦ ବୁଝୁଥିଲ ତୁମେ ପରା
ଦୂରେ ଥିଲେ ପାଶେ ଥାଇ
ଚେତନା ଜାଗାଅ ଚିନ୍ତି ହୃଦେ ତବ
ଶୋଭନୀୟ ଶାନ୍ତିଦୂତ ହୋଇ |
ବଡ ଭାଇଙ୍କର ଆଦର୍ଶକୁ ବରି
ଗଢିଥିଲ ତବ ଜୀବନ
ଶୋଭନୀୟ ପଥେ ଚାଲି ଚାଲି ଆଜି
ଥକି ଗଲା ତବ ଚରଣ |

ପାର୍ଥିବ ଶରୀର ଛାଡି ଯାଏ ସିନା
ଛାଡେନି ମହତ କରମ |
ସୁ କର୍ମେ ବଞ୍ଚିତ ସବୁରି ହୃଦୟେ

ବରଷିଛ ଯାହା ଧରମ |
ତବ ହାତ ଗଢା ଗୁରୁଜୀ ଗୁରୁମା

ଶିକ୍ଷାଶ୍ରମ ଛାତ୍ର ଛାତ୍ରୀ
ଚିରେ ଚିନ୍ତୁଥିବେ ସ୍ମୃତି କୁ ବଖାଣ
ଶୋଭନୀୟ ଅଧିବାସୀ |

**ମନୋରମା ମିଶ୍ର**

କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ

----❀❀❀----

Be good, do good
and make others good.
This is the message of the God.
You can never do a single bad deed,
If you really love the Lord.

■ Pujya Shree Kumar Bhai

## \\ ଗୋପୀନାଥ ପୁର ପୁଅ //

ଗୋପୀନାଥ ପୁର ପୁଅ ତୁମେ ଭାଇ
ରାଉରକେଲା ଆଇ.ଜି.ଏଚ ରେ ଜନମ ହୋଇଥିଲ |

ବାପା ତୁମର ଚାକିରି କରୁଥିଲେ ଇସ୍ପାତ କାରଖାନାରେ
ତୁମେ ରହୁଥିଲ ସବୁ ତାଙ୍କରି ପାଖରେ |

ସହରୀ ଜୀବନ କଟାଇଲ ଭାଇ ପଞ୍ଚମ ପଢିବା ଯାଏ
ଉଚ୍ଚ ଶିକ୍ଷା ତୁମେ ଶେଷ କରିଥିଲ ଓରି କଣ୍ଟା ବିଦ୍ୟାଳୟେ |

ଗାଁ ଚଳଣୀ ରେ ଗାଁ ର ଦୁଃଖରେ ହେଲ ତୁମେ ପ୍ରଭାବିତ
ଦୁଃଖୀ ଲୋକଙ୍କର ସେବା କରିବାକୁ ତୁମେ ହୋଇଲ ବ୍ୟଥିତ|

କୁମାର ଭାଇଙ୍କ ନୀତି ଆଦର୍ଶରେ ହେଲ ତୁମେ ପ୍ରଭାବିତ
ଗାଁ ଠୁ ସହର ସବୁ ବିଦ୍ୟାଳୟେ ଗଢିଗଲ କେତେ ଛାତ୍ର |

ବିନା ଯୌତୁକରେ ବିବାହ କରିଲ ଅନେକ ଆଘାତ ସହି
ଆଦର୍ଶ ଗୃହିଣୀ ତୁମେ ପାଇଥିଲ ତାଙ୍କ ପରି କେହି ନାହିଁ |

ସରଳ ଜୀବନ ସରଳ ପୋଷାକେ ଭାଇ ଦେଖିଲେ ତୁମକୁ ଥରେ
ହତାଶ ମନରୁ ଦୁଃଖ ଦୂର ହୋଇ ଅସୀମ ଆନନ୍ଦ ଭରେ |

ଭୁଲି ନାହୁଁ ଆମେ ଭୁଲି ପାରିବୁନି ତୁମ ସ୍ନେହ ସମତାକୁ
ଜଗତର ନାଥ କାଳିଆ ସାଆନ୍ତ ତୋଳିନିଅନ୍ତୁ ତୁମ ଆତ୍ମାକୁ |

**ସ୍ନେହର କ୍ଷୀରୋଦ କୁମାର**
ଗୋପୀନାଥ ପୁର

## ପୂଜ୍ୟ ନିରଞ୍ଜନ ଭାଇ

ପୂଜ୍ୟ ନିର ଭାଇ ,

ଆପଣଙ୍କର ପଦପଦ୍ମରେ କୋଟିକୋଟି ପ୍ରଣାମ ଅର୍ପଣ କରୁଛି | ରାଉରକେଲା ଶୋଭନୀୟ ଶିକ୍ଷାଶ୍ରମ ରେ ମୁଁ ଶିଶୁ ରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶେଷ କରି ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରେ ବି.ଏସ୍.ସି ପଢି ତିନି ବର୍ଷ ହେଲା ମୋ ଶିକ୍ଷାଶ୍ରମ ରେ ପିଲାମାନଙ୍କୁ ଶିକ୍ଷା ଦେବାର ସୁଯୋଗ ପାଇଛି | ଏହି ସୁଯୋଗ ମୋତେ ଆପଣ ଓ ଚାରୁ ଗୁରୁମା ଦେଇଛନ୍ତି| ମଝିରେ ମୋର ଦେହ ବହୁତ ଅସୁସ୍ଥ ଥିଲା | ଭଗବାନ ତଥା ପୂଜ୍ୟ ବଡ ଭାଇଙ୍କ ଆଶୀର୍ବାଦ ରୁ କିଛିଦିନ ପରେ ସୁସ୍ଥ ହୋଇ ପୁଣି କାର୍ଯ୍ୟ କରୁଛି | ମୁଁ ଛୋଟ ଦିନରୁ ଆପଣଙ୍କୁ ଦେଖି ଆସିଛି | ଆପଣ କେତେ ସରଳ ,ସ୍ନେହୀ ତଥା ଆମ୍ଭମାନଙ୍କର ମନ ଜୀବନ ଗଢିବା ପାଇଁ କେତେ ପ୍ରୟାସ କରୁଥିଲେ | ବିଭିନ୍ନ ଉତ୍ସବ ରେ ଆପଣ ଆମ ଶିକ୍ଷାଶ୍ରମକୁ ଆସିଲେ ମନ ଆନନ୍ଦରେ ଭରିଯାଏ | ଆପଣଙ୍କ ସୁସ୍ଥତା ପାଇଁ ଏବେ ଆମକୁ ବଡ ଗୁରୁମା ପ୍ରାର୍ଥନା କରାଉଥିଲେ | କିନ୍ତୁ ୪ ତାରିଖରେ ଯାହା ଘଟିଗଲା ତାହା ଆଉ ପୂରଣ ହେବ ନାହିଁ | ଏବେ ଆପଣ ଆମ ପାଇଁ ଠାକୁର ହୋଇଗଲେ | ଆପଣ ଯେଉଁଠି ଥିଲେବି ଆମକୁ ଆଶୀର୍ବାଦ ଦେଉଥିବେ | ଆପଣଙ୍କ ଆତ୍ମା ପରମାତ୍ମା ରେ ଲୀନ ହେଉ ଏହା ହିଁ ଭଗବାନଙ୍କ ନିକଟରେ ପ୍ରାର୍ଥନା |

ଆପଣଙ୍କ ସ୍ନେହର **ଦମୟନ୍ତୀ**,
ପୂର୍ବତନ ଛାତ୍ରୀ
ରାଉରକେଲା ଶୋଭନୀୟ ଶିକ୍ଷାଶ୍ରମ

----❀❀❀----

# Tribute to My Beloved Bada Mamu – Niranjan Behera

Late Shri Niranjan Behera, lovingly known to us as Bada Mamu, was a man of discipline, simplicity, and kindness. He served as the Secretary of Sovaniya Sikhyashram, where he lived a life full of punctuality, dedication, and respect for everyone—whether young or old. Calm yet strict, firm yet soft-hearted, he balanced discipline with immense compassion.

Mamu always carried a smile on his face and believed in staying happy with whatever he had. He taught us that true greatness lies in humility, respect, and contentment. For family, he appeared strict from the outside, but those who knew him closely understood his tender heart.

I carry many cherished memories of him. As a child, I often visited Mamu's home in Rourkela, but what I loved most was going to Lathikata, the Ashram. At night, I would sleep between Mamu and Mami. Whenever I felt scared to go to the washroom, I would look to one side and see Mamu asleep, on the other side Mami asleep, and above my head a white cat staring right at me. That frightened me even more, and by morning, I would end up wetting the bed. Poor Mamu's lungi would often be soaked because of me! Yet, instead of getting angry, he would wake up, smile at me and gently say, "Ah, again Guntulu has done it on me." His smile in those moments showed his patience and endless affection.

Another sweet memory is of my younger brother, who was always scared of going to school. To avoid it, he would pretend every day that it was Sunday. Mamu lovingly called him "Gugulu" and would ask on phone, "Not going to school today?" And my brother would quickly reply, "No, Mamu, today is Sunday." Mamu would burst into laughter every time, his joy filling our hearts.

One incident, however, left me deeply inspired. During my grandfather's 13th-day rituals in Kendrapara, everyone was busy and the meal prepared was entirely non-vegetarian. Mamu, being a pure vegetarian, had nothing to eat. No one asked him about food, yet he kept smiling, saying, "It's alright, I am fine." Somehow, a little paneer curry and undercooked rice were arranged, which were far from edible. But Mamu ate them with a smile just to avoid hurting my mother's feelings. Even his driver, who was non-vegetarian, sat beside him and ate without hesitation. That day, I learned two priceless lessons from Mamu:

Adjust gracefully with whatever little you have.
Never look down upon anyone—every human being deserves respect.

After Mamu left that day, I felt so moved that I ate from the same plate he had used. That is how much love and respect we all had for him.

Such was our beloved Bada Mamu— a man who lived simply, smiled endlessly, respected all, and taught us life's greatest lessons not through words, but through his actions. He will forever live in our hearts.

**- Kiran (Guntulu)**

----❀❀❀----

# ଭାଇ - ବାପା ସମାନ

ମୋ ଶିଶୁ ସମୟ କୁ ଯେତେ ବେଳେ ମୁଁ ସ୍ମରଣ ମନେପକାଏ , ସେଥିରେ ମୋର ବଡ ଭାଇ ସବୁ ବେଳେ ଥାନ୍ତି - କେବେ ପଥ ପ୍ରଦଶକ, କେବେ ସାଙ୍ଗ, କେବେ ଶକ୍ତି ରୂପରେ ଛିଡା ହେଇଥାନ୍ତି!

ମୋର ଆଜି ବି ମନେ ଅଛି, ଯେତେବେଳେ ଆମର ମା' ଗାଁ କୁ ଯାଆନ୍ତି, ମୋର ବଡ ଭାଇ ଓ ମୁଁ ଘରେ ଏକାକୀ ରହୁଥିଲୁ ! ମୁଁ ଆଉ ମୋ ବଡ ଭାଇ ଙ୍କୁ ରୋଷେଇ ଆସୁନଥିଲା, ପ୍ରଥମଥର ଅଣ୍ଡା ତରକାରୀ କରିଥିଲୁ - ସେଇଥିରେ କଣ ପରିବା ପଡିବ ଆମେ ଜାଣି ନଥିଲୁ । ସେଇଥିରେ ଆଳୁ କି ପପିତା? କଣ ପଡେ ଆମେ ଜାଣିନଥିଲୁ. ଶେଷରେ ପପିତା ପକେଇ ଅଣ୍ଡା ତରକାରୀ କଲୁ | ସେ ତରକାରୀ ଖାଇବା ଯୋଗ୍ୟ ନ ଥିଲା, କିନ୍ତୁ ଆମେ ହସି -ହସି  ଖାଇଦେଲୁ ତାପରେ ଭାବିଲୁ ରୁଟି କେମିତି ହେବ ? ମୋ ଭାଇ ରୁଟି ବେଲିଲେ, ଆଉ ମୁଁ ଗୋଟେ ଗୋଟେ କରି ସେକିଲି -- ସବୁ ରୁଟି ପୋଡି ଯାଉଥିଲା ଶେଷରେ ମୋ ଭାଇ କହିଲେ, "ରୁଟି କୁ ପାଣିରେ ଭିଜାଇଦେବା, ନରମ ହୋଇଯିବ, ଖାଇ ହେବ" କିନ୍ତୁ ସେଇଭଳି ହୋଇନଥିଲା ତଥାପି, ଆମେ ହସି-ହସି ମଜା କରି ଖାଇଦେଲୁ ।

ସେଇପରି ମୋ ଭାଇ ଯେତେବେଳେ ବାହାରକୁ କୁଆଡେ ଯାଉଥିଲେ, ସବୁ ବେଳେ ମୋ ପାଇଁ କିଛି -ନା -କିଛି ଆଣୁ ଥିଲେ ବଡ ହଉବା ଛୋଟ, ଘରକୁ ଫେରି ପ୍ରଥମ ସିଏ କହୁଥିଲେ "ସୁକୁଟି କେଉଁଠି?" ତାକୁ ଡାକ, ମୁ ତା' ପାଇଁ କିଛି ଆଣିଛି, "ସେ ମୋତେ ସ୍ନେହରେ 'ସୁକୁଟି' ବୋଲି ଡାକୁଥିଲେ ମୋ ଖୁସି କୁ ମୋ ଭାଇ ସର୍ବାଗ୍ରେ ରଖୁଥିଲେ ।

ସେଇପରି ସ୍କୁଲ କଲେଜ ପଠା ପଢା ସମୟ ରେ ରାସ୍ତାରେ ଯିବା ବେଳେ ଅନେକ ସମସ୍ୟା ହେଉଥାଏ   କିନ୍ତୁ ମୁଁ କାହାକୁ କିଛି କହି ପାରୁନଥିଲି । ମୋ ଭାଇ ସବୁ ବେଳେ ବୁଝି ଯାଉ ଥିଲେ ଯେ ମୋତେ କିଛି ଅସୁବିଧା ହଉଚି । ଦିନେ ସେ କହିଲେ "ତୁମେ diary ଲେଖ, ପ୍ରତିଦିନର ଯାହା ହଉଚି ସେହି-ସବୁ ଲେଖ"।  ସତ୍ୟତା ଏହା ଥିଲା, ମୋ ଭାଇ diary ବାହାନାରେ ମୋ ସାଙ୍ଗରେ କଣ ହଉଚି ଜାଣିବାକୁ ଚାହୁଁଥିଲେ ଏବଂ ଜାଣିବା ପରେ ଜୀବନରେ କିପରି ସାହସର ସହିତ ଆଗୁକୁ ଯିବାପାଇଁ ପ୍ରେରଣା ଦେଇଥିଲେ, ବାପା – ମା' ଙ୍କ ପରି କର୍ତ୍ତବ୍ୟ ପୂରଣ କରିଥିଲେ । ବାପା ଯେତେ ବେଳେ ଅମୁକୁ ଛାଡି ଚାଲିଗଲେ, ମୋର ବଡ ଭାଇ ସବୁ କିଛି ହେଇଥିଲେ । ସେ  କେବେ ହେଲେ ତାଙ୍କ ଅଭାବ ମୋତେ ଅନୁଭବ କରିବାକୁ ଦେଇ ନଥିଲେ | ସିଏ ମୋତେ ଶିଖାୟୀ ଥିଲେ ଦୁଃଖରେ ଖୁସି ଖୋଜ, ନିଜ ସଂଘର୍ଷକୁ ଶକ୍ତି ବନାଅ ।

ସେହି ପରି covid ସମୟରେ ମୋତେ ଯେତେ ବେଳେ covid ହେଇଥିଲା ସିଏ ଦୂରରେ ଥିଲେ,  କିନ୍ତୁ ଫୋନ କରି ମୋତେ ସାହସ ଦେଉଥିଲେ ।  ତାଙ୍କ କଥାରେ ମୋତେ ଲାଗୁଥିଲା- ହଁ, ମୁଁ  ଭଲ ହେବି, ସତରେ ଶୀଘ୍ର ଘରକୁ ଫେରିବି | ସିଏ ନିକଟରେ ଥାନ୍ତୁ କିମ୍ବା ଦୂରରେ ଥାନ୍ତୁ, ତାଙ୍କ ସ୍ନେହ ମୋ ପାଇଁ ସବୁବେଳେ ଶକ୍ତି ରୂପେ ପ୍ରେରଣା, ସାହସ ଦେଉଥିଲା | ଆଜି ମୁଁ ଯେତେବେଳେ ନିରବରେ ବସି ଭାବୁଛି  ମୋ ଭାଇଙ୍କର ଅନୁପସ୍ଥିତି କୁ ଅନୁଭବ କରି, - ମା ବାପା ଙ୍କ ପରେ ସେଇ ମୋର ଶକ୍ତି ଥିଲେ | ତାଙ୍କ ବିନା ମୋର ଅସ୍ତିତ୍ୱର ଏକ ଅଂଶ ହରାଇ ଦେଲି ସବୁ ଦିନ ପାଇଁ ।

ମୋ ବଡ ଭାଇ - ଭାଇଠୁ ଅଧିକ, ମୋର ରକ୍ଷକ ବାପା ସମାନ ପୂଜ୍ୟ ଥିଲେ  ।

**ପୁଷ୍ପାଞ୍ଜଳି (ମିନି)**

(ସାନ ଭଉଣୀ)

----❀❀❀----

# କର୍ମ ପ୍ରବଣତା ମଣିଷ ଜୀବନକୁ ସାର୍ଥକ କରେ

ଜାତସ୍ୟ ହିଁ ଧ୍ରୁବ ମୃତ୍ୟୁ ,ଧ୍ରୁବ ଜନ୍ମ ମୃତସ୍ୟ |ଜନ୍ମ ଓ ମୃତ୍ୟୁ ମାନବ ଜୀବନ ପାଇଁ ଚିରାନ୍ତର ସତ୍ୟ |ବିଧିର ବିଧାନ କେ କରିବ ଆନ | ଏପରି ଶାସ୍ତ୍ର ପୁରାଣ ଉକ୍ତିକୁ ପୁନରାବୃତ୍ତି କରି ମଣିଷ ମନକୁ ସାନ୍ତ୍ୱନା ଦିଏ | ସେ ସାନ୍ତ୍ୱନା ଅର୍ଥ- ପୂର୍ଣ୍ଣ ବା ନିରର୍ଥକ ଆତ୍ମୀୟ ସ୍ୱଜନ ସେ କଥା ଗଭୀର ଭାବରେ ଚିନ୍ତା ନ କରି ମଣିଷ ଆପଣାର ଅବର୍ତ୍ତମାନରେ ନିଜ ଲୁହ ପୋଛେ ଏବଂ ବାକି ଜୀବନ ପାଇଁ ହୃଦୟରେ ସାହସ ସଞ୍ଚୟ କରେ, ବଳ ସଞ୍ଚୟ କରେ ମୃତ୍ୟୁ ପରେ ବ୍ୟକ୍ତିକୁ ଜୀବନର କର୍ମାବଳୀ ବଞ୍ଚାଇ ରଖେ ; ଏ ମାଟିରେ ପାଣି ପବନରେ.... ଗଢିଥିବା ଅନୁଷ୍ଠାନରେ |

ରାଉରକେଲା ଶୋଭନୀୟ ଶିକ୍ଷାଶ୍ରମର ସମ୍ପାଦକ ନିରଞ୍ଜନ ଭାଇ ଆମ ଶୋଭନୀୟ ଆନ୍ଦୋଳନର ଏକ ପରିଚିତ ନାମ | ଶୋଭନୀୟ ଆନ୍ଦୋଳନର ପ୍ରତିଷ୍ଠାତା ଶ୍ରୀ କୁମାର ଭାଇଙ୍କର ଆଦର୍ଶକୁ ପାଥେୟ କରି ଆତ୍ମଶୁଦ୍ଧି ସଂଘ ଗଠନ ଓ ଶୋଭନୀୟ ବାର୍ତ୍ତା ପ୍ରଚାରରେ ତାଙ୍କର ଭୂମିକା ସ୍ମରଣୀୟ | ରାଉରକେଲା ଶୋଭନୀୟ ଶିକ୍ଷାଶ୍ରମର ପରିଚାଳନା ଓ ଛାତ୍ରଛାତ୍ରୀମାନଙ୍କୁ ଯୋଗ୍ୟ ଆଦର୍ଶ ମଣିଷ କରି ଗଠନ କରିବା ପାଇଁ ନିଷ୍ଠା, ଆନ୍ତରିକତା ତାଙ୍କୁ ରାଉରକେଲାରେ ସୁନାମ ଆଣି ଦେଇଥିଲା |

ଗୁହାଳି ଦୁର୍ଗାପୂଜା ଶୋଭନୀୟ ଆନ୍ଦୋଳନର ବିଭିନ୍ନ ଉତ୍ସବରେ ତାଙ୍କର ଆଗ୍ରହ ଉତ୍ସାହ ଶୋଭନୀୟ ଆନ୍ଦୋଳନ ପ୍ରତି ତାଙ୍କ ଶ୍ରଦ୍ଧାକୁ ସୁସ୍ପଷ୍ଟ କରାଏ | ନମ୍ର ମାର୍ଜିତ ଆଚରଣରେ ଅନ୍ୟାନ୍ୟ ଅପରିଚିତ ବ୍ୟକ୍ତିଙ୍କୁ ସେ ଶୋଭନୀୟ ବାହିନୀ ପ୍ରତି ଆକର୍ଷିତ କରନ୍ତି |

ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ପତ୍ରକୁ ସମ୍ମିଳିତ କରି ପୁସ୍ତକଟିଏ ହେଉ ବା ଶିକ୍ଷାଶ୍ରମ ବାର୍ଷିକ ଉତ୍ସବର ମୁଖପାତ୍ର ହେଉ ସେ ସବୁକୁ ପ୍ରକାଶ କରି ପ୍ରତିଷ୍ଠାତାଙ୍କର ମହତ ପଣିଆକୁ ପ୍ରାଞ୍ଜଳ କରିବା ପାଇଁ ତାଙ୍କ ପ୍ରଚେଷ୍ଟା ଅଭିନନ୍ଦନୀୟ ପଦକ୍ଷେପ | ଏହା ସତ୍ତ୍ୱେ ପ୍ରତିଷ୍ଠାତାଙ୍କର ରଚନାର ଟିପା ଖାତା ତାଙ୍କ ପାଖରେ ଥାଏ |

ଦୀର୍ଘଦିନ ଧରି ନିରଭାଇ ଅସୁସ୍ଥ ଥିଲେ ମଧ୍ୟ ମଝିରେ ମଝିରେ ଫୋନରେ ମୋ ସହ କଥା ହୋଇ ଭଲ ମନ୍ଦ ପଚାରନ୍ତି | ଶୋଭନୀୟ ଛାତ୍ରଛାତ୍ରୀ ସମ୍ମିଳନୀ ହେଉ ବା ପ୍ରତିଷ୍ଠାତାଙ୍କର ତୈଳଚିତ୍ର ଉନ୍ମୋଚନ ହେଉ ଶୋଭନୀୟ ପୁସ୍ତକ ପ୍ରକାଶନ ହେଉ ସଦା ପ୍ରେରଣା ଓ ଶୁଭେଚ୍ଛା ବାର୍ତ୍ତା ଦେବା ତାଙ୍କର ଏକ ଆଭାଷ ଦୁରାଭାଷାରେ ଆଗେଇ ଯାଅ ଆଗେଇ ଯାଅ | ରାଉରକେଲା ଯିବାବେଳେ ଆମ ମାନଙ୍କ ପ୍ରତି ଆଦର ଆତ୍ମୀୟତା ଆଜି ମନେ ପଡୁଛି ଓ ସେଦିନ ର ସ୍ମୃତି କୁ ବେଶ୍ ଜୀବନ୍ତ କରୁଛି |

କର୍ମ ପ୍ରବଣତା ମଣିଷ କୁ ସାର୍ଥକ ମଣିଷ ହେବା ପାଇଁ ଭାବ ପ୍ରବଣ କରାଏ | "କଥିତ"ଅଛି |

ମର୍ତ୍ତ୍ୟ ମଣ୍ଡଳେ ଦେହ ବହି , ଦେବତା ହେଲେ ବି ମରଇ

ସାର୍ଥକ ମରଣ ଯା' ର, ତା ଲାଗି ଝୁରେ ଏ ସଂସାର ।

ଏବେ ଶିକ୍ଷାଶ୍ରମର ପ୍ରତି ସ୍ଥାନରେ ତା'ର ସ୍ମୃତି ପ୍ରତିଫଳିତ ହେଉଛି | ପ୍ରଭୁ ଶ୍ରୀ ଜଗନ୍ନାଥ କାନ୍ତି ଭାଉଜ, ଚାରୁଗୁରୁମା , କଳ୍ପ ଗୁରୁମା, ଜ୍ଞାନ ,ସତ୍ୟ ଓ ଅନ୍ୟାନ୍ୟ ଗୁରୁମା ଓ କର୍ମୀ ମାନଙ୍କୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ ଏହା ହିଁ ଆଜିର ପ୍ରାର୍ଥନା |

**ଜ୍ୟୋର୍ତିମୟୀ**
ସମ୍ପାଦିକା, ଶୁଭସୂର୍ଯ୍ୟ
ଶୋଭନୀୟ ଆନ୍ଦୋଳନ, ସାଲେପୁର

----❀❀❀----

## ଭାଇଙ୍କ ପାଖକୁ ଚିଠି ଟିଏ

ପରମ ପୂଜ୍ୟ ନିର ଭାଇ,

କୋଟି କୋଟି ପ୍ରଣାମ ଆପଣଙ୍କ ପାଦପଦ୍ମରେ | ରାଉରକେଲା ଯିବା ମୋ ପାଇଁ ଏକ ଖୁସି ର କଥା ଥିଲା | ଯେଉଁ ଦିନରେ ମୁଁ ରାଉରକେଲା ଗଲି ତାହା ଏକମାତ୍ର ତୁମ ପାଇଁ | ଅନେକ ଦିନର କଥା ତାହା ଏକ ସ୍ମରଣୀୟ ହୋଇ ରହିବ | ଯେଉଁ ଦିନ ସେକ୍ଟର - ୧୫ ରେ ମୁଁ ପହଞ୍ଚିଲି ଆମେ ଦୁହେଁ ବାହାରିଲୁ ମୋହିନୀ ମାର୍କେଟ ରେ ଭଡ଼ା ଘରେ ଚାଲୁଥିବା ଶିକ୍ଷାଶ୍ରମକୁ | ସେଠାରେ ୧୦/୧୨ ଜଣ ପିଲାଙ୍କୁ ନେଇ ଶିକ୍ଷାଶ୍ରମ ଚାଲିଥାଏ |୨ ଜଣ ଶିକ୍ଷକ ଥିଲୁ | ଦିନ ପରେ ଦିନ ଗଡି ଚାଲିଥିଲା,duty ସାରି ସବୁଦିନ ଆସି ପହଞ୍ଚି ଆପଣ ପଚାରୁଥିଲେ ,କ'ଣ ହରି କରୁଛ, ଭଲ ଲାଗିଲାଣି ତ ? ମୋର ନାମ ଆଶ୍ରମରେ ଆପଣ ଦେଇଥିଲେ ହରି | ହରି ଗୁରୁଜୀ ଓ ହରି ଭାଇ ବୋଲି ସମସ୍ତେ ଡାକୁଥିଲେ |ଆମ ଆଶ୍ରମର ଜଣେ ଅର୍ଜୁନ ଭାଇ ବୋଲି ମେମ୍ବର ଥିଲେ | ସେ ଆସିଲେ କୁହନ୍ତି ହରି ଭାଇଙ୍କ ସାଙ୍ଗରେ ନୀର ଭାଇଙ୍କ ନାମ ଟା ଭାରି ଭଲ ହୋଇଛି |ଭାଇ ତୁମ କଥା ମୁଁ ଭୁଲି ପାରିବିନି |ତୁମ ସାଙ୍ଗରେ ମୁଁ ଅନେକ ସ୍କୁଲ ର ସଭାରେ ଯୋଗ ଦେଇଛି |ସଭା କରିବା ପରଦିନ ରିଭିୟୁ କରିବା ଦାୟିତ୍ୱ ଥାଏ ମୋର |ମୋ ବଡ ଭଉଣୀ ଚାରୁ ଗୁରୁମା ୧୯୮୯ ମସିହା ଜାନୁଆରୀ ୯ ତାରିଖରେ ଶିକ୍ଷାଶ୍ରମରେ ଯୋଗ ଦେଲେ | ଆମ ଭାଇ ଭଉଣୀକୁ ଶିକ୍ଷାଶ୍ରମ ଦାୟିତ୍ୱ ଦେଇ ଆପଣ ୧୯୮୯ ମସିହା ଫେବୃଆରୀ ମାସରେ ବିନା ଯୌତୁକରେ ବିବାହ କରିବାକୁ ଗାଁ କୁ ଗଲେ |ଶୁଭ କାର୍ଯ୍ୟ ସାରି ଭାଉଜ ଙ୍କୁ ଧରି ଆସିଲା ବେଳ କୁ ମୋର CISF ରେ ପରୀକ୍ଷା ଦେଇ ଚାକିରି କରିବାକୁ ଅନୁମତି ମିଳିଥିଲା |ଏହା ମୋ ପାଇଁ ଏକ ଅଭୁଲା ସ୍ମୃତି ହୋଇ ରହିଗଲା | କେତେ ଜୀବନକୁ ଆପଣ ଗଢିଲେ ,ଆଜି ଆପଣଙ୍କର ନାମ ଚିରସ୍ମରଣୀୟ ହୋଇ ରହିଗଲା ସମସ୍ତଙ୍କ ହୃଦୟରେ | ଶେଷରେ ମୁଁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛି |ସେ ଆପଣଙ୍କର ଆତ୍ମାକୁ ଶାନ୍ତି ପ୍ରଦାନ କରି ଭଲରେ ରଖନ୍ତୁ |

ଇତି ଆପଣଙ୍କର ସ୍ନେହର - **ହରି**

କନ୍ୟାକୁମାରୀ

----❀❀❀----

Never lose blissful hope.
Always be an optimist in noble efforts
And pessimist in bad efforts.

--Pujyashree Kumar Bhai

# ନିରଭାଇଙ୍କୁ ଅଶ୍ରୁ ତର୍ପଣ

ଶୋଭନୀୟ ଆନ୍ଦୋଳନ ଲକ୍ଷ୍ୟ ଶାନ୍ତିର ସ୍ଥାପନ
ମାଧ୍ୟମ ଜନସଚେତନତା – ବିଦ୍ୟାଦାନ
ସହରେ ଗ୍ରାମେ ଭ୍ରମଣ ଗୃହେ ଗୃହେ ଜାଗରଣ
ଆବାଳ ବୃଦ୍ଧ ବନିତା ହେବେ ପ୍ରସନ୍ନ ।
ଦିବ୍ୟସତ୍ତା କୁମାର ଭାଇ
ସହଯୋଗୀ ତଲାସିଲେ ସର୍ବତ୍ର ଯାଇ ।
ରାଉରକେଲା ଆସିଲେ ପଣ୍ଡିତଜୀଙ୍କୁ ମିଶିଲେ
ବିଦ୍ୟାଳୟ-ଉଚ୍ଚବିଦ୍ୟାଳୟ ବୁଲିଲେ
ଶୋଭନୀୟର ବାର୍ତ୍ତା ଉଚ୍ଚାଦର୍ଶ, ବହୁକଥା
କିଶୋର-କିଶୋରୀଙ୍କ ମନରେ ଭରିଲେ ।
ବମ୍ବେ ନର୍ତ୍ତକୀର କାହାଣୀ
ଆକୃଷ୍ଟ ହୋଇଲେ ପିଲେ ପ୍ରାଞ୍ଜଳେ ଶୁଣି
ପଣ୍ଡିତଜୀ ପଚାରିଲେ ଯୁଗବାର୍ତ୍ତାରେ ଛାପିଲେ
ତୁଣ୍ଡବାଇଦ ରେ ସହସ୍ର କୋଷ ନେଲେ
ଏକଥା ର ପ୍ରଚାରକ କିଏ ହେବ ଭଦ୍ର ଲୋକ,
ସଦାଚାରୀ ସରଳ ଯୁବା ସେ ଖୋଜିଲେ ।
ମହିମା ଥିଲା ସେ ବ୍ୟାକୁଳେ
ନିରଞ୍ଜନ ଆସି ଆଗେ ହାଜର ହେଲେ ।
କୁମାର ଭାଇ ସନ୍ତୁଷ୍ଟ ଦେଖି ଯୁବା ସୁସ୍ଥ ଶିଷ୍ଟ
ବିଶ୍ୱଶାନ୍ତି -ଭାବାପନ୍ନ ସୁନୀତିନିଷ୍ଠ
ଇସ୍ପାତ କାରଖାନା ର ଥିଲେ ଜ୍ଞାନ-ଦାତା ସାର
ପ୍ରତ୍ୟେକ କ୍ଷେତ୍ରରେ ଥିଲାଟି ସଦାଚାର ।
ଏ ସମାଜ ହେଉ ସୁନ୍ଦର
ଏ ଲାଗି ନିଜ ସୀମାରେ ଥିଲେ ତତ୍ପର ।

ପ୍ରଭୁ ଯାହାକୁ ପଠାନ୍ତି , ତାଙ୍କୁ ପୁଣି ନେଇ ଯା'ନ୍ତି,
ଭଲ ମାର୍ଗଦର୍ଶକଙ୍କ କାମ ସରିଲା ।
କୁମାର ଭାଇ ତ ଗଲେ ନିର ଭାଇ ଦମ୍ଭ ଦେଲେ
ଶୋଭନୀୟ ଆନ୍ଦୋଳନ ଆଗେଇଲା ।
ସତ୍ୟଭାମା ଦେବୀ ପରେ ଅରୁନ୍ଧତୀ ଦାୟିତ୍ୱ ରେ
ଅଠେଇଶି କେନ୍ଦ୍ର ସର୍ବେ ଆଦରଶେ ଗଣା ।
ଏବେଳେ ନିର ଭାଇଙ୍କ ସ୍ୱର୍ଗଯାତ୍ରା ଚିନ୍ତନୀୟ
କିଏ ହେବ ତାଙ୍କ କେନ୍ଦ୍ର ଯା ଉତ୍ତମେ ଜଣା,
ଲକ୍ଷେ ଜନତାଙ୍କ ଗୁହାରି ,
ନିରଭାଇଙ୍କ ଅଭାବ ମେଣ୍ଟାନ୍ତୁ ହରି ।

**ଶ୍ରୀ ଜ୍ଞାନରଞ୍ଜନ ମିଶ୍ର**
ସମ୍ପାଦକ, ଯୁଗବାର୍ତ୍ତା
ବାସନ୍ତୀ ନଗର , ରାଉରକେଲା
ମୋ: ୯୯୩୭୧୨୩୬୩୧

----❀❀❀----

## ପୂଜ୍ୟ ନିର ଭାଇଙ୍କ ସ୍ମରଣେ

ତବ ସାଧନାର କାଳଜୟୀ ଶିଖା
ଉଠୁଛି ଅଭ୍ର ଭେଦି
ତୁମରି ବିହୁନେ ବହୁ ପ୍ରାଣ ଆଜି
ନୀରବେ ଉଠୁଛି କାନ୍ଦି ।
ତୁମେ ଦକ୍ଷ ଗୁଣାକାର
ତୁମରି ହାତରେ ଆଶାର କୋଣାର୍କ
କରିଛ ସବୁ ସୁନ୍ଦର ।
ପୂଜ୍ୟ ଭାଇ ପରି ତୁମେ ବି ଧାଇଁଛ
ଶୋଭନୀୟ  ବାର୍ତ୍ତା ନେଇ
କେତେ ଗାଁ ଗଣ୍ଡା ସହର ନଗର
ତୁମେ ତ ଯାଇଛ ଛୁଇଁ ।
ତୁମେ ତ ଶିଳ୍ପୀ ଆଗାମୀ ଯୁଗର
ଗଢ଼ିଅଛ ଯୁଗସ୍ରଷ୍ଟା
ହେଲେ ତୁମେ ଆଜି ମହାଶୂନ୍ୟରେ
ସାଜିଛ ନୀରବ ଦ୍ରଷ୍ଟା ।
ତବ କରଣୀ ଯେ ବ୍ୟର୍ଥ ହୋଇନି
ରଚିଯିବ ନୂଆ ସୃଷ୍ଟି
ତୁମରି ମଥାରେ ପୂଜ୍ୟ ଭାଇଙ୍କର
ହୁଏ ନିତ୍ୟ ଶ୍ରଦ୍ଧା ବୃଷ୍ଟି ।
କେତେ ଛାତ୍ର ଛାତ୍ରୀ ଅଭିଭାବକ
କେତେ ମାନ ଗଣ୍ୟ ନେତା
ଅବର୍ତ୍ତମାନରେ ତୁମକୁ ଝୁରନ୍ତି
ତୁମେ ତ ଦିବ୍ୟ ସତ୍ତ୍ୱା ।

ଅଫେରା ରାଇଜେ ତୁମେ ଚାଲିଗଲ
ହେଲେ ତୁମ କୀର୍ତ୍ତି ମାନ
ମର୍ତ୍ତ୍ୟ ରେ ତୁମକୁ ଯଶସ୍ୱୀ କରିଛି
କରେ ନିତି ଗୁଣ ଗାନ ।
ତୁମ ଛଳ ଛଳ ଲୁହରେ ଭିଜୁଛି
ଆଜି ଏ ରାଉରକେଲା
ତୁମରି ମହାନ ସ୍ମୃତି ରେ ଆଜି
ଅଲିଭା ଆଉ ଅଭୁଲା ।
ଗରିବ ଛାତ୍ର ଛାତ୍ରୀକୁ ତୁମେ
ଦେଇ ତୁମ ଅର୍ଥ ଦାନ
ଶିକ୍ଷାରେ ଆଜି ଉର୍ଦ୍ଧ୍ୱରେ
କରନ୍ତି ତବ ଜୟଗାନ ।
ଯେତେ କହିଲେ ବି ଯେତେ ଲେଖିଲେ ବି
ରହିଯିବ କିଛି ଉଣା
ରୋଗରେ ପଡି କୃଷ୍ଣ ଯେ ଆଜି
ହେଉଅଛି ପଥବଣା ।
ତୁମରି ପୟର ଧାୟୀ
ଲେଖନୀରେ ଆଜି ବିରାମ ନେଉଛି
ତୁମ ଗୁଣ କୀର୍ତ୍ତି ଗାଇ ।

**କୃଷ୍ଣକୁମାର ଗୁରୁଜୀ**

## ନିରଞ୍ଜନ ଭାଇଙ୍କ ପାଇଁ ପଦେ

ଶୋଭନୀୟ ଶିକ୍ଷାଶ୍ରମର ସମ୍ପାଦକ ନିରଞ୍ଜନ ଭାଇଙ୍କର ଅକାଳ ବିୟୋଗରେ ଆମେ ସମସ୍ତେ ଗଭୀର ଶୋକାକୁଳ | ତାଙ୍କର ଦିବ୍ୟ ଜ୍ଞାନ ପବିତ୍ର ଆତ୍ମାର ସଦଗତି ପାଇଁ ଆମେ ସେଇ ପରମ ପିତା ପରମାତ୍ମାକୁ ପ୍ରାର୍ଥନା କରୁଛୁ | ଏହି ଆଶ୍ରମର ପ୍ରତିଷ୍ଠାତା କୁମାର ଭାଇଙ୍କର ଅମୃତ ତୁଲ୍ୟ ବକ୍ତବ୍ୟକୁ ମୁଁ ଛାତ୍ରୀ ଅବସ୍ଥାରେ ୧୯୬୭ ମସିହା ରେ ନବମ ଶ୍ରେଣୀରେ ପଢ଼ିଲା ବେଳେ ଶୁଣିବାର ସୁଯୋଗ ପାଇଥିଲି | ଲାଠିକଟା ଠାରେ ନୀରଭାଇ ଙ୍କ ଦ୍ୱାରା ପରିଚାଳିତ ଶୋଭନୀୟ ଶିକ୍ଷା ଶ୍ରମକୁ ଅତିଥି ହୋଇ ଯିବାର ସୌଭାଗ୍ୟ ପାଇଥିଲି |ସେଠାରେ ସମସ୍ତ କର୍ମ କର୍ତ୍ତା ଙ୍କର କର୍ମ ନିଷ୍ଠା ଓ ଛାତ୍ର ଛାତ୍ରୀ ଙ୍କର ଶୃଙ୍ଖଳା ଓ ଗୁରୁମା ମାନଙ୍କର ପିଲାମାନଙ୍କୁ ଦେଉଥିବା ଶିକ୍ଷା କୁ ଦେଖି ଆମେ ବେଶ ପ୍ରଭାବିତ ହେଇଥିଲୁ | ସେହି ଦିନଠାରୁ ଆମେ ଏହି ଆଶ୍ରମ ସହିତ ଯୋଡି ହୋଇ ରହିଛୁ |

**ଅର୍ଚ୍ଚନା ପୂଜାରୀ**
ସମାଜ ସେବୀ ,ଛେଣ୍ଡ କଲୋନୀ

## नमन है वो शिक्षक को

चला गया वो दीपक जो,
अंधेरों में रौशनी देता था,
ज्ञान का अमूल्य खजाना,
हर शिष्य में बाँटता रहता था।

शब्दों से सिखाया जीवन का अर्थ,
संस्कार दिए, बनाए हमें समर्थ।
हर कठिनाई में थे साथ हमारे,
संघर्षों में दिखाए उजले किनारे।

कभी डांट में छुपा प्यार था उनका,
तो कभी मौन में उपकार था उनका।
हमने जो भी पाया है आज,
उसमें उनका आशीर्वाद है राज।

आज वो देह से दूर हो गए,
पर आत्मा से कभी जुदा नहीं ।
उनकी दी हुई हर सीख,
हमारी साँसों में बसा कहीं ।

नमन है ऐसे शिक्षक को,
जो खुद जलकर हमें रोशन कर गया।
श्रद्धांजलि है उस महान आत्मा को,
जो अमर बनकर दिलों में रह गया।

**राजश्री सेनापति**, पूर्व छात्रा

----❀❀❀----

## ନିର ଭାଇଙ୍କ ସମ୍ପର୍କରେ ପଦେ

ସ୍ୱର୍ଗତଃ ନିରଞ୍ଜନ ଭାଇ ମୋ ସହିତ ୧୯୮୫ ମସିହାରୁ ପରିଚିତ |ସେ ଏକା ଧାରାରେ ଜଣେ ଧର୍ମ ପରାୟଣ ପରୋପକାରୀ ବଂଧୁବଚ୍ଛଳ, ଦରଦୀ ମଣିଷଟିଏ |ସେ ସ୍ୱର୍ଗତଃ କୁମାର ଭାଇଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଇ.ଡି.ଏଲ ରୋଡ଼ସ୍ଥ ତଥା ଲାଠିକଟା ଠାରେ ଦୁଇଟି ଶୋଭନୀୟ ଶିକ୍ଷାଶ୍ରମ ପ୍ରତିଷ୍ଠାର ମୁଖ୍ୟ ଭୂମିକା ଗ୍ରହଣ କରି ଏକ ଆଦର୍ଶ ଶିକ୍ଷାର ପଥ ପ୍ରଦର୍ଶକ ଥିଲେ |ସେ ତାଙ୍କ ଚାକିରୀ ଜୀବନରୁ ସ୍ୱେଚ୍ଛାକୃତ ଅବସର ନେଇ ଅନେକ ଦରିଦ୍ର ଅବହେଳିତ ,ପିଲାମାନଙ୍କୁ ଆଶ୍ରୟ ଦେଇ ଶିକ୍ଷାଶ୍ରମରେ ଶିକ୍ଷାଦାନ କରୁଥିଲେ| ଶିକ୍ଷାଶ୍ରମ ର ଶିକ୍ଷକ,ଶିକ୍ଷୟିତ୍ରୀ ତଥା ଛାତ୍ର ଛାତ୍ରୀମାନଙ୍କୁ ତାଙ୍କର ନିଜର ପରିବାର ମନେକରି ସେମାନଙ୍କ ସେବାରେ ସର୍ବଦା ନିଜକୁ ନିୟୋଜିତ କରି ଆସୁଥିଲେ |୧୯୯୨ ମସିହାରେ ଆମ୍ଭ ଅନୁଷ୍ଠାନ "ସୃଜନୀ ସାହିତ୍ୟସଂସଦ" ତାଙ୍କୁ "ସଂସ୍କୃତି ଗୌରବ" ସମ୍ମାନରେ ସମ୍ମାନିତ ଏବଂ ସମ୍ବର୍ଦ୍ଧିତ କରିଥିଲା |ଆଜି ତାଙ୍କର ଅକାଳ ବିୟୋଗରେ ଉତ୍କଳ ମାତା ତା'ର ଏକ ସୁଯୋଗ୍ୟ ସନ୍ତାନକୁ ହରାଇଲା |ଏହା ଆମ ପାଇଁ ଏକ ଅପୁରଣୀୟ କ୍ଷତି |ତାଙ୍କର ଅମର ଆତ୍ମାର ସଦଗତି ହେଉ ଏହା ମୋର ଈଶ୍ବରଙ୍କର ଠାରେ ପ୍ରାର୍ଥନା |

**ଶ୍ରୀ ରବୀନ୍ଦ୍ର ବେହୁରିଆ**
(ସାଧାରଣ ସମ୍ପାଦକ) ସୃଜନୀ ସାହିତ୍ୟ ସଂସଦ,
ରାଉରକେଲା -୭

----❀❀❀----

## ମୋ ଜୀବନର ସର୍ବଶ୍ରେଷ୍ଠ ସମ୍ମାନନୀୟ ବ୍ୟକ୍ତି

ମୋର ପୂଜ୍ୟ ନୀର ଭାଇଙ୍କ ପାଇଁ କିଛି ଲେଖିବା ଏକ କ୍ଷୁଦ୍ର ପ୍ରୟାସ ମାତ୍ର |ଲେଖାଟି ସ୍ମରଣୀକାରେ ସ୍ଥାନ ପାଇବ ବୋଲି ଆଶା |ମାନବ ଜୀବନରେ କିଛି ବ୍ୟକ୍ତି ଆସନ୍ତି ଯାହା କି ତାଙ୍କର କିଛି ଛାପ ସମାଜ ପାଇଁ ରଖି ଯାଆନ୍ତି | ସେହିପରି ଜଣେ ଥିଲେ ଆମ ଆଶ୍ରମର ସମ୍ପାଦକ ନିରଞ୍ଜନ ଭାଇ |ତାଙ୍କର ଶିକ୍ଷା, ଚରିତ୍ର,ବେଶ ପୋଷାକ ଓ କର୍ମ ନିଷ୍ଠା ଆମକୁ ବେଶ୍ ପ୍ରଭାବିତ କରୁଥିଲା |ତାଙ୍କର ପ୍ର ତ୍ୟେ କ ଉପଦେଶ ମୋ ପାଇଁ ଅବିସ୍ମରଣୀୟ ହୋଇ ରହିବ | ଭଗବାନ ତାଙ୍କର ଆମର ଆତ୍ମା କୁ ଶାନ୍ତି ଦିଅନ୍ତୁ ,ଭାଇ ଯେଉଁଠି ଥିଲେ ବି ଭଲରେ ରହି ଆମକୁ ଆଶୀର୍ବାଦ ଦେଉଥାନ୍ତୁ |

ସ୍ନେହର **ସନ୍ଧ୍ୟାରାଣୀ**
ପୂର୍ବତନ ଛାତ୍ରୀ, ରାଉରକେଲା

----❀❀❀----

## ପୂଜ୍ୟ ନିର ଭାଇ ଙ୍କ  ପାଇଁ ପଦେ

କେହି ରହି ନାହିଁ ରହିବେ ନାହିଁଟି
ଭବ ରଙ୍ଗ ଭୂମି ତଳେ
ସର୍ବେ ନିଜ ନିଜ ଅଭିନୟ ସାରି
ବାହୁଡିବେ କାଳ ବଳେ ।

ଏହା ଧ୍ରୁବସତ୍ୟ । ଆପଣ ବା ଏଥିରୁ ବାଦ୍ ଯାଇଥାନ୍ତେ କିପରି ? ଅପଣ ପୂଜ୍ୟ ବଡ ଭାଇଙ୍କ ଆଦର୍ଶ ର ଜଣେ ପ୍ରତିକ ଥିଲେ ମୁଁ ଆପଣଙ୍କୁ ଦେଖିବା ପୂର୍ବରୁ କଟକ ବିଡ଼ାନସୀସ୍ଥିତ ଶିକ୍ଷାଶ୍ରମରେ ଟ୍ରେନିଂ କ୍ଲାସ ରେ ଆପଣଙ୍କ ଧର୍ମ ପତ୍ନୀ କାନ୍ତି ଗୁରୁମା ଓ ଦୁଇ ଜଣ ପୁଅ ଜ୍ଞାନ ,ସତ୍ୟ କୁ ଧଳା ପୋଷାକରେ ଦେଖି ବହୁତ ଖୁସି ହୋଇଥିଲି ।ସେଇଦିନ ବୁଝିଥିଲି ଯେ ଆପଣ ନିଜ ସହିତ ନିଜ ପରିବାରକୁ ମଧ ପୂଜ୍ୟ ବଡ ଭାଇ ଙ୍କ ଆଦର୍ଶରେ ଅନୁପ୍ରାଣିତ କରାଇଛନ୍ତି ।ଏହା ପରେ ରାଉରକେଲା ଅସ୍ଥି କଳସ ଯାତ୍ରା ରେ ଯିବା କୁ ସୁଯୋଗ ମିଳିଥିଲା ।ଆପଣ ଦୀର୍ଘ ଦଶ ବର୍ଷ ତଳେ ଜେନପୁର ସ୍ଥିତ ନାରାୟଣ ଶୋଭନୀୟ ଶିକ୍ଷାଶ୍ରମରେ ପହଞ୍ଚି ଥିଲେ ।ଆମ ପାଖରେ ଦୁଇ ଦିନ ରହି ଦୁଇଟି ହାଇ ସ୍କୁଲ ରେ ପିଲାମାନଙ୍କୁ ଖୁବ ସୁନ୍ଦର ଭାଷଣ ଦେଇ ପ୍ରଭାବିତ କରିଥିଲେ ।ଆପଣ ପୂଜ୍ୟ ଭାଇଙ୍କ ର ବାର୍ତ୍ତା କୁ ପ୍ରଚାର ପ୍ରସାର କରିବା ପାଇଁ ବିଭିନ୍ନ ଅଞ୍ଚଳକୁ ବୁଲୁଥିଲେ ।କିନ୍ତୁ ଭାଗ୍ୟ ର  ବିଡମ୍ବନା ଆପଣଙ୍କର ଶରୀରର ଅସୁସ୍ଥତା ଅଧିକ କାମ କରିବା ପାଇଁ ସୁଯୋଗ ଦେଲା ନହିଁ ସତ କିନ୍ତୁ ଆପଣଙ୍କର ଅମର ଆତ୍ମା  ଅମର ହୋଇ ରହିଗଲା ଯୁଗ ଯୁଗକୁ ।  ଆପଣ ସେଠାରେ ସୁଖ ଶାନ୍ତିରେ ରହି ଆମକୁ ନୂତନ ଦିଗଦର୍ଶନ ଦିଅନ୍ତୁ ।

**ଶ୍ରୀମତୀ ସୁଧାଂଶୁବାଳା ଶତପଥୀ**
ନାରାୟଣ ଶୋଭନୀୟ ଶିକ୍ଷାଶ୍ରମ, ଜେନାପୁର

----❀❀❀----

**Our Aim:**
**A peaceful, loveful, blissful world**
**An honest, sincere disciplined society,**
**A decent, hopeful, useful world**
**Filled with love kindness and honesty.**

# ଭାଇଙ୍କ ସାନିଧ

ଯିଏ ମୋତେ ଏହି ସାଧନା ପୀଠକୁ ଆଣି କର୍ମ କରିବାର ସୁଯୋଗ ଦେଇଥିଲେ ଆପଣମାନେ ଯାଣନ୍ତି କି ସେ କିଏ ?   ସେ ହେଉଛନ୍ତି ମୋର ପଥ ପ୍ରଦର୍ଶକ ପ୍ରେରଣା ଦାୟକ ସୁଖ ଦୁଃଖ ର ସହାୟକ ନୀର ଭାଇ |ଯେତେବେଳେ ମୋ ଜୀବନ ହତାଶ ଦୁଃଖ ଭିତରେ ଦେଇ ଗତି କରୁଥିଲା ସେତେବେଳେ ନୀରଭାଇଙ୍କ ଠାରୁ ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ରଚିତ ପୁସ୍ତକ ମଙ୍ଗଳମୟୀ ଉପନ୍ୟାସ ପଢିବାକୁ ପାଇଲି | ନୀର ଭାଇଙ୍କ ପ୍ରେରଣା ରେ କଟକ ର ବିଡ଼ାନାସୀ  ସ୍ଥିତ ଶିକ୍ଷାଶ୍ରମରେ କାମ  କରିବାକୁ ଯୋଗ ଦେଲି |ସେଠାରେ ମୁଁ ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ପରି ଜଣେ ସାଧକଙ୍କ ଦର୍ଶନ ପାଇ ନିଜକୁ ଧନ୍ୟ ମନେ କରିବା ସହିତ ଏହା କୁ ମୋର ପୂର୍ବ ଜନ୍ମ ର କର୍ମ ଫଳ ବୋଲି ଅନୁଭବ କଲି | ବଡ ଭାଇ ଓ ଅପା ମାନଙ୍କ ସ୍ନେହ ଶାସନ ଓ ଶିକ୍ଷାରେ ମୋର କର୍ମମୟ  ଜୀବନ ଆରମ୍ଭ ହେଲା | ଗୋପୀନାଥ ପୁର ଗାଁର ଜନ୍ମ ମାଟିରେ ନୀର ଭାଇ ୧୯୮୮ ମସିହା ରେ ବିଭିନ୍ନ ବିଦ୍ୟାଳୟରେ ସଭା  କଲେ | ମୁଁ ସେହି ସଭା ଗୁଡିକରେ ଯୋଗ ଦେଇଥିଲି | ନୀର ଭାଇ ରାଉରକେଲା ଆସିବା ପରେ ଗାଁ ର ଭଉଣୀ ମାନଙ୍କୁ ଏକାଠି କରି ରାସ୍ତା ସଫେଇ, ବୃକ୍ଷରୋପଣ କରିବା ଗରିବ ପିଲାମାନଙ୍କୁ ମାଗଣାରେ ପାଠ ପଢାଇବା ଓ ସନ୍ଧ୍ୟା ରେ ପ୍ରାର୍ଥନା କରାଇବା ଇତ୍ୟାଦି କାମ କରୁଥିଲି | ନୀର ଭାଇ ମତେ ଗୋଟିଏ ସିଲେଇ ମେସିନ କିଣି ଦେଇଥିଲେ ଯାହା ଦ୍ଵାରା ମୁଁ କିଛି ରୋଜଗାର କ୍ଷମ ହୋଇ ଆମ ପରିବାରର ଆସୁବିଧା କୁ ପୂରଣ କରି ପାରୁଥିଲି | ଘରର ବଡ ଝିଅ ହିସାବରେ ଅନେକ ଦାୟିତ୍ଵ ରହିଥାଏ | ଗାଁ ର ସାପ୍ତାହିକ ସଭା କୁ ପ୍ରତି ସପ୍ତାହରେ ଭାଇ   ଚିଠି ଓ ଗପ ଲେଖି ପଠାନ୍ତି |ମୁଁ ଏହା ପିଲାମାନଙ୍କୁ ପଢି ଶୁଣାଏ | ରାଉରକେଲା ଶିକ୍ଷାଶ୍ରମ ଆରମ୍ଭ ହେବା  ପରେ ମୁଁ ପ୍ରଥମେ ଭଉଣୀ ହିସାବରେ ଯୋଗ ଦେଇଥିଲି | ନୀର ଭାଇ ମତେ ଭୋର ଚାରି ଟାରୁ ବସଷ୍ଟାଣ୍ଡ ରୁ ଆଣିଲେ |ଶିକ୍ଷାଶ୍ରମ ଗେଟ୍ ରେ ପଶିଲା ବେଳେ କହିଲେ ଚାରୁ ଭଉଣୀ କାଲିଠାରୁ କଟକ ଅପା ମାନଙ୍କ ପରି ଶାଢ଼ୀ ପିନ୍ଧିବ | ତା ପରେ ମଦର ଟେରେସା ଙ୍କ ଜୀବନୀ ଓ ଅନେକ ଶିକ୍ଷଣୀୟ ପୁସ୍ତକ ପଢିବାକୁ ଦେଇ କୁହନ୍ତି କ'ଣ ସବୁ ମନେ ରଖିଲ ବା ଶିଖିଲ ଲେଖି ରଖି ମତେ ଦେଖାଇବ | ମୋର ସାନ ଭାଇ ହରି ଏହି ଅନୁଷ୍ଠାନରେ ଯୋଗ ଦେଇଥାଏ | ସେତେବେଳେ ଅନୁଷ୍ଠାନର ଘୋର ଅଭାବ ଥାଏ | ମୋ ସାନ ଭାଇ ହରି କିଛି ପିଲାଙ୍କୁ ପାଠ ପଢାଏ, ଭାଇ ତାଙ୍କ ସାଙ୍ଗ ମାନଙ୍କ ଠାରୁ କୋଡିଏ ଟଙ୍କା ମାସକୁ ଆଣନ୍ତି ପିଲାଙ୍କ ଡ୍ରେସ କିଛି ସିଲେଇ କରେ ଏହିପରି ଥାଏ ସେତେବେଳର ଅବସ୍ଥା | ଭାଇଙ୍କ ସାନ ଭାଇ ରାଜୁ  ଯେ କି ପ୍ରାଥମିକ ଅବସ୍ଥାରେ ଅନେକ ସହଯୋଗ କରିଛି | କିଛିଦିନ ତଳେ ସେ ସଂସାରରୁ ବିଦାୟ ନେଇଛି | ତା ସହିତ ମୁଁ ରସିଦ ବହି ଧରି ରାଉରକେଲା ର ଦୋକାନ ଦୋକାନ ବୁଲି ୫ ଟଙ୍କା ୧୦ ଟଙ୍କା ଯିଏ ଯାହା ଦିଅନ୍ତି ଆଦାୟ କରି ଆଣୁ | କେହି କେହି ଫେରାଇ ମଧ୍ୟ ଦିଅନ୍ତି | ଏହିପରି ୩୬ ବର୍ଷ ର ସାଧନା ଜୀବନର ଅନୁଭୂତି କାଗଜ କଲମ ରେ ଲେଖି ହେବ ନାହି | ଆଜି ଅନେକ ଭାଇ ଭଉଣୀ ଙ୍କ ଠାରୁ ତାଙ୍କ ସ୍ମରଣୀକା ପାଇଁ ଲେଖା ସଂଗ୍ରହ କରି ପଢିଲା ବେଳେ ମୋ ଆଖିର ଲୁହ ଝରି ପଡୁଛି  | ଭାଇ ତୁମେ ତୁମ ନିରଞ୍ଜନ ନାମକୁ ସାକାର କରି ବାପା ମାଆଙ୍କର ସୁଯୋଗ ସନ୍ତାନ ଓ ଗୁରୁ ଦେବଙ୍କର ଆଦର୍ଶ ନିଷ୍ଠାବାନ ଶିଷ୍ୟ ହୋଇ ଚିର ଅମର ହୋଇଗଲ |ତୁମ ମନରେ ଛନ୍ଦକପଟ ,ମୋହ   ବା ଖାଦ୍ୟ ର ଲାଳସା  ନ ଥିଲା |କୌଣସି ସମ୍ମାନ ପାଇବା ପାଇଁ ଇଚ୍ଛା ଏସବୁ କିଛି ବି ନ ଥିଲା | ଥିଲା କେବଳ ସୁକର୍ମ କରି କିଛି ଭଲ ମଣିଷ ତିଆରି କରି ସମାଜର ଉନ୍ନତି କରିବା |ଥରେ ସୃଜନୀ ସାହିତ୍ୟ ସଂସଦ  ଭାଇଙ୍କୁ ସମ୍ମାନିତ କରିବାକୁ ଡକାଇଲେ |ମନ୍ତ୍ରୀ ଗଦାଧର ମାଝି ଆସିଥାନ୍ତି |ଭାଇ ମାନପତ୍ର ଆଣିବାକୁ ଗଲେ ନାହିଁ | ମୋତେ ପଠାଇଲେ ତୁମେ ଯାଅନେଇ ଆସିବ |ମୁଁ ଭାଇଙ୍କ ପାଇଁ ଡ୍ରେସ ସବୁ ସିଲେଇ କରିଦିଏ  ପିନ୍ଧନ୍ତି |ଭଲ କରି ଆସିବନି କହିଲେ କୁହନ୍ତି,କରୁ କରୁ ତ ଶିଖିବ | ସ୍କୁଲ ପ୍ରୋଗ୍ରାମ ରେ ଗଲେ କହିବେ ଚାରୁ ଗୁରୁମା ମୋର ୨ ହଳ ଟ୍ରାଉଜର  ପୁଞ୍ଜାବୀ କରିଦେବ ମୁଁ ପିନ୍ଧିବି | ଏ ଦୁଃଖିନୀ ଭଉଣୀକୁ ସବୁ ଶିଖାଇଥିଲ ପାଠ ପଢାଇବା ଠାରୁ ଭାଷଣ ଦେବା ବିଭିନ୍ନ ଅଫିସ କୁ ଯାଇ କାମ କରିବା ସୁନ୍ଦରଗଡ଼

,ସମ୍ବଲପୁର ,ଭୁବନେଶ୍ୱର କୁ ଯାଇ ଅଫିସ କାମ ସବୁ କରିବାକୁ ପାଠଉଥିଲ ଓ ଘଣ୍ଟାକୁ ଘଣ୍ଟା ଫୋନ୍ କରି ବୁଝୁଥିଲ ଯେ କେଉଁଠି ପହଁଚିଲି କେତେ କାମ ହେଲା, କେତେ ବେଳେ ଫେରିବି ଇତ୍ୟାଦି...........

ପୂଜ୍ୟ ଭାଇ ୧୯୯୩ ମସିହାରେ ସ୍ୱସ୍ଥାନକୁ ବିଦାୟ ନେବା ପରେ ଆପଣ ଆନ୍ଦୋଳନର କାର୍ଯ୍ୟ କୁ ପ୍ରଚାର ପ୍ରସାର କରିବା ପାଇଁ ଚକିରୀରୁ ଅବସର ନେଲେ |୨୦୧୯ ରେ ଆମର ଶେଷ ସଭା ଥିଲା କୋରାପୁଟ ଜିଲ୍ଲା ର ଭାବଣିପାଟଣା ବିଦ୍ୟାଳୟ ଗୁଡିକରେ |ସଭା ସରିବା ପରେ ଅନେକ ଗୁରୁମା ଗୁରୁଜୀ ପୂଜ୍ୟ ବଡ ଭାଇଙ୍କ ବାଣୀ ଓ ପ୍ରାର୍ଥନା ଶୁଣାଇ କାନ୍ଦି ପକାଉଥିଲେ |କାରଣ ପୂଜ୍ୟ ଭାଇଙ୍କୁ ଯୋଗେଶ୍ୱର ମାଝି କଳାହାଣ୍ଡି ର ବିଭିନ୍ନ ଆଶ୍ରମ ବିଦ୍ୟାଳୟ ଗୁଡିକୁ ନେଇ ସଭା କରାଇଥିଲେ | ଏହି ସଭା ରେ ମୁଁ ମଧ୍ୟ ଯୋଗ ଦେଉଥିଲି |କିଛିଦିନ ପୂର୍ବରୁ ଆପଣଙ୍କର ଶାରୀରିକ ଅସୁସ୍ଥତା ଲାଗି ରହିଲା ଯେତେ ପ୍ରକାର ବ୍ୟବସ୍ଥା କରାଗଲେ ମଧ୍ୟ ତାର ଉପଶମ ହେଲା ନାହିଁ| କିନ୍ତୁ ଆପଣ ସେହି ଅସୁସ୍ଥତା ଭିତରେ ରହି ଆମକୁ କାମ କରାଉଥିଲେ |ଆପଣଙ୍କ ପରାମର୍ଶ ନେଇ ୨ ବର୍ଷ ହେଲା କଳ୍ପ ଓ ମୁଁ ଅନୁଷ୍ଠାନ ର କାର୍ଯ୍ୟ କୁ କରୁଥିଲୁ |କିନ୍ତୁ ଏବେ ଆପଣ ଆମ ସମସ୍ତଙ୍କୁ ଛାଡି ସ୍ୱସ୍ଥାନ କୁ କାର୍ଯ୍ୟ ଶେଷ କରି ଫେରି ଗଲେ | ପୂଜ୍ୟ ବଡ ଭାଇ ଓ ଯାଇ ଥିବା ଅପା ମାନେ ଆପଣଙ୍କୁ ତାଙ୍କ ପାଖକୁ ନେଇଗଲେ |ସେଠାରେ ଶୋଭନୀୟ ଆନ୍ଦୋଳନର କାର୍ଯ୍ୟ କରିବା ପାଇଁ |ଆପଣ ମାନେ ଯେଉଁଠି ଅଛନ୍ତି ଭଲରେ ଥିବେ ଓ ଆମକୁ ଏହି କର୍ମରେ ଶେଷ ଯାଏ ଜଳି ଜଳି ଆହୁତି ଦେବାକୁ ସାହସ ,ଶକ୍ତି ,ପ୍ରେରଣା ଓ ଆଶୀର୍ବାଦ ଦେଉଥିବେ |ଶ୍ରୀ ଜଗନ୍ନାଥ ଆପଣଙ୍କ ଆମର ଆତ୍ମା କୁ ସଦଗତି ପ୍ରଦାନ କରନ୍ତୁ ଏତିକି ପ୍ରାର୍ଥନା |

**ଚାରୁଲତା ଦେବୀ (ଚାରୁ ଭଉଣୀ )**
ରାଉରକେଲା ଶୋଭନୀୟ ଶିକ୍ଷାଶ୍ରମ

---

## ପ୍ରିୟ ନିରଞ୍ଜନ ଭାଇଙ୍କ ସ୍ମୃତି ରେ

ନିରଞ୍ଜନ ଭାଇ କେବଳ ଶୋଭନୀୟ ଶିକ୍ଷାଶ୍ରମର ସମ୍ପାଦକ ନ ଥିଲେ | ସେ ସମସ୍ତଙ୍କ ପାଇଁ ଥିଲେ ପ୍ରରଣାର ଉତ୍ସ ଓ ନିଷ୍ଠା ଓ ସାଧନ ର ପ୍ରତୀକ | ଆଜି ସେ ଶିକ୍ଷାଶ୍ରମର ପ୍ରତ୍ୟେକ ପିଲାଙ୍କ ହସରେ ଶିକ୍ଷା ଦେଉଥିବା ଗୁରୁମା ଗୁରୁଜୀଙ୍କ ପ୍ରତ୍ୟେକ ସେବାରେ ଛାୟା ପରି ରହିଗଲେ |ସେ ବିଶ୍ୱାସ କରୁଥିଲେ ଯେ ଶିକ୍ଷା କେବଳ ପାଠ୍ୟପୁସ୍ତକ ରେ ସୀମିତ ନୁହେଁ ,ଏହା ଜୀବନ ଗଢିବାର ସାଧନ |ସେ ଥିଲେ ପ୍ରିୟ କୁମାର ଭାଇଙ୍କର ପ୍ରତି ଛବି |ତାଙ୍କର ଆଦର୍ଶ କୁ ଅନୁସରଣ କରି ଶୋଭନୀୟ ଆନ୍ଦୋଳନ ମଧ୍ୟମରେ ବିଭିନ୍ନ ବିଦ୍ୟାଳୟକୁ ଯା ଇ ଆଦର୍ଶ ଜୀବନ ଗଠନ ଶବ୍ଦ ଗୁଡିକ କରି ସହ ସହ ଛାତ୍ରୀଙ୍କର ମନକୁ ବିଦ୍ୟାଳୟକୁ ଦେଉଥିଲେ | ତାଙ୍କର ଶୂନ୍ୟତା ଆଜି ଆମ ପାଇଁ ଓ ଶିକ୍ଷା ଶ୍ରମପାଇଁ ଏକ ସୁଖ ଦାୟକ କଥା |ଆମେ ସମସ୍ତେ ତାଙ୍କ ଆଦର୍ଶ କୁ ପାଥେୟ କରି ନିଜ ଜୀବନକୁ ଶୋଭନୀୟ କରି ଗଢି ତୋଳିଲେ ତାଙ୍କର ଆତ୍ମା ଶାନ୍ତି ପାଇବ ଓ ଆମକୁ ଆଶୀର୍ବାଦ କରିବ |

**ସଙ୍ଗୀତା ବେଶ୍ରା**
ପୂର୍ବତନ ଛାତ୍ରୀ

----❀❀❀----

## ଆପଣ ମୋ ପଥ ପ୍ରଦର୍ଶକ

ସେ ଦିନ ଥିଲା ୧୯୮୯ ମସିହା ଫେବୃଆରୀ ମାସ ୧୫ ତାରିଖ । ଆପଣଙ୍କ ସହିତ ମୋର ପ୍ରଥମ ସାକ୍ଷାତ । ଆପଣ ଯାଇଥାନ୍ତି ଆପଣଙ୍କ ସହଧର୍ମିଣୀ ଶ୍ରୀମତୀ କାନ୍ତିଲତା ଦେବୀଙ୍କୁ ବିବାହ କରିବା ପାଇଁ । ତାହା ପୁଣି ଯୌତୁକ ବିହୀନ ଏକ ନିଆରା ବିବାହ । ଏମିତି ବିବାହ ଆମ ଅଞ୍ଚଳରେ ପୂର୍ବରୁ କେହି କେବେ ଦେଖି ନ ଥିଲେ । ବରଯାତ୍ରୀ ଥିଲେ କେତେକ ବନ୍ଧୁବାନ୍ଧବଙ୍କ ସହ School ଛାତ୍ରଛାତ୍ରୀ । ପ୍ରାୟ ଦୁଇ କିଲୋମିଟର ଦୂରରୁ School ପିଲାଙ୍କ ସହ ପାଦରେ ଚାଲି ଚାଲି ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ରଚିତ ଯୌତୁକ ବିରୋଧୀ ସ୍ଲୋଗାନ ଦେଇ ଦେଇ ଆପଣ ଆଗରେ ଚାଲିଥାନ୍ତି। ଆଖପାଖ ଦୁଇ ତିନିଖଣ୍ଡ ଗାଁର ଆବାଳ ବୃଦ୍ଧ ବନିତା ସମସ୍ତେ ଧାଇଁ ଆସିଥାନ୍ତି ରାସ୍ତା କଡ଼କୁ ଏହି ନିଆରା ବରଯାତ୍ରୀ ଦଳଙ୍କୁ ଦେଖିବା ପାଇଁ । କାରଣ ଏଥିରେ ବାଜା ବାଣ ନ ଥିଲା । ଥିଲା ଶଙ୍ଖ ଧ୍ୱନି । ସମସ୍ତେ ଆଶ୍ଚର୍ଯ୍ୟ । ନିୟମ ଅନୁଯାୟୀ ବର ଗାଡ଼ିରେ ବସି ରୋଷଣୀ କରି ଯିବା କଥା । କିନ୍ତୁ ଏଠାରେ ନିଜେ ବର ପାଦରେ ଚାଲିଚାଲି ସ୍ଲୋଗାନ ଦେଇ ଯାଉଛନ୍ତି। । ଦେହରେ ବିବାହର ଆଡମ୍ବର ପୂର୍ଣ୍ଣ ପୋଷାକ ପରିବର୍ତ୍ତେ ସୂତାର ଧଳା ପୋଷାକ । ଖୁସି ହେଉଥାନ୍ତି ସମସ୍ତେ। । ବିବାହ ସରିଗଲା । ସକାଳ ହୋଇଗଲା । କିନ୍ତୁ ଗୁରୁବାର ଥିବାରୁ ମୋ ଜେଜେଙ୍କ ବାରଣ ଯୋଗୁଁ ଆପଣ ଆପଣଙ୍କ ଗାଁକୁ ଫେରିପାରିଲେ ନାହିଁ । ବିବାହ ପରେ ଗୋଟିଏ ଦିନ ଆପଣ ରହିଲେ ଆମ ଘରେ । ଉପରବେଳା programme ହେଲା ।

ଆମେ ପ୍ରାୟ College ଓ School ରେ ପଢୁଥିବା ସାନ ବଡ ୨୫ ପାଖାପାଖି ଭାଇଭଉଣୀଙ୍କୁ ସାଙ୍ଗରେ ନେଇ ତାଳଦଣ୍ଡା କେନାଲ ପାର ହୋଇ ଦେବୀ ନଦୀ ପଠାରେ ପହଞ୍ଚିଲେ ଆପଣ । ସେଠାରେ ଥାଏ ଆମର କୋଳଥ, ଆଳୁ, ବିଲାତି କିଆରି । ନାଇକୂଳ ବରକୋଳି ଗଛ ପାଖ ରୁ ଫେରିଆସି ଆପଣ ଆସି ଠିଆ ହୋଇଗଲେ କୋଳଥ ଗଦା ଖଳାରେ । ତାପରେ ଆରମ୍ଭ ହେଲା ଅନର୍ଗଳ ଭାଷଣ । ପୂଜ୍ୟ ବଡ଼ଭାଇଙ୍କ କଥା, ଶୋଭାନୀୟ ଶିକ୍ଷଶ୍ରମ କଥା । ଆମେ ସମସ୍ତେ ତଟସ୍ଥ ହୋଇ ଶୁନୁଥାଉ । ଘଣ୍ଟାଏ ପରେ ହୋଇଗଲା। । ଆପଣ କିନ୍ତୁ ସେମିତି ଠିଆହୋଇ କହୁଥାନ୍ତି । ସନ୍ଧ୍ୟା ପୂର୍ବରୁ ଆମେ ସମସ୍ତେ ଘରକୁ ଫେରି ଆସିଲେ । ଆମେ ସବୁପିଲା ଆପଣଙ୍କ କଥାରେ ପ୍ରଭାବିତ ହେଲୁ । ତାପରଦିନ ସକାଳୁ ଆପଣ ଆପଣଙ୍କ ଗାଁକୁ ଯାତ୍ରା କଲେ । ଦେଇଙ୍କୁ ଛାଡ଼ି ରହିବା ମୋପକ୍ଷେ କଷ୍ଟକର ଥିଲା । କାରଣ ଆମେ ଦୁହେଁ ଦୁଇ ସାଙ୍ଗ ପରି ଥିଲୁ । ସାଙ୍ଗ ହୋଇ ସବୁକାମ କରୁଥିଲୁ । କେହି କାହାକୁ ଛାଡ଼ି ରହୁ ନ ଥିଲୁ । ଆଖିରୁ ଲୁହ ଶୁଖୁ ନ ଥାଏ । ଆପଣ ଚାଲିଗଲେ । ଚାରି କିଲୋମିଟର ଦୂରରେ ଥିବା 'କନ୍ଦର ପୁର' ବଜାରରୁ ସେହି କାର ରୁ ଆପଣ ମୋ ପାଖକୁ ଗୋଟିଏ ଉତ୍ସାହ ପ୍ରେରଣା ଭରା ଚିଠି ପଠାଇଲେ । ଯାହାକୁ ପଢ଼ି ମୋର କାନ୍ଦ ବନ୍ଦ ହୋଇଗଲା । ପନ୍ଦର ଦିନ ପରେ ହେବାକୁ ଥିବା +2 Second year Council Exam ସରିଗଲା । +3 Science Admission କରି Hostel ରେ ରହି ପଢିଲି । ସେତେବେଳେ ଆପଣଙ୍କ ପ୍ରେରଣାରେ 'ଆତ୍ମ ଶୁଦ୍ଧି ସଂଗଠନ ' ର ଏକ ଶାଖା ମଧ୍ଯ ଜଗତସିଂହପୁର SVM College ର Ladies Hostel ରେ ଛାତ୍ରୀମାନଙ୍କୁ ନେଇ ଗଢ଼ାଯାଇଥିଲା । ପ୍ରତିଦିନ ସନ୍ଧ୍ୟାରେ ଅଳ୍ପ ସମୟ ପାଇଁ ଗୋଟିଏ room ରେ ବସି ଆମ୍ଭେମାନେ ପ୍ରାର୍ଥନା, ଆତ୍ମ ସମୀକ୍ଷା, Dairy ଲେଖା ଆଦି କାର୍ଯ୍ୟ କରୁଥିଲୁ । ଯୌତୁକ ନ ନେଇ ବିବାହ କରିବାକୁ ଚାହୁଁଥିବା ଭଉଣୀମାନଙ୍କର ନା ସେତେବେଳେ ରାଉରକେଲାରୁ ପ୍ରକାଶ ପାଉଥିବା 'ଜ୍ଞାନ ସୂର୍ଯ୍ୟ ' ପତ୍ରିକାରେ ବାହାରିଥିଲା । ପ୍ରତି ସପ୍ତାହରେ ପ୍ରାୟ ଆପଣଙ୍କ ପାଖରୁ Post Card ଚିଠିଟିଏ ଆସିଯାଏ । ଯେଉଁଥିରେ ଆପଣଙ୍କର ଉତ୍ସାହ ପ୍ରେରଣା ସହିତ ପୂଜ୍ୟ ବଡ ଭାଇଙ୍କର ନୀତିବାଣୀଟିଏ ଥାଏ । ଆପଣଙ୍କ ପ୍ରେରଣାରେ ମୋର ଲକ୍ଷକୁ ପୁରଣ କରିବା ପାଇଁ Medical Entrance ଦେଇଛି ବିନା coaching ରେ । ବାରମ୍ବାର ଆପଣଙ୍କ ଠାରୁ ଚିଠି ପାଏ ମନକୁ ପ୍ରସ୍ତୁତ କର । ସମାଜର ମଙ୍ଗଳ ପାଇଁ କାମ କରିବାକୁ ହେବ । ଏହାରି ଭିତରେ ପୂଜ୍ୟ ଶ୍ରୀ ବଡ ଭାଇଙ୍କ ସହ ଦୁଇଥର ସାକ୍ଷାତ କରିବାର ସୁଯୋଗ ଲାଭ କରିଥିଲି ଆପଣଙ୍କ ପ୍ରଚେଷ୍ଟାରେ । ୧୯୯୨ ମସିହା ଜୁଲାଇ ୫ ତାରିଖରେ ଚାଲିଆସିଲି ରାଉରକେଲା ଶୋଭନୀୟ ଶିକ୍ଷାଶ୍ରମକୁ । ପିଲାମାନଙ୍କର ଦାୟୀତ୍ବ ନେଲି । ଡାକ୍ତରୀ ପଢ଼ିବା ଯେ ମୋର ଲକ୍ଷ୍ୟ ଆପଣ ଭୁଲି ନଥିଲେ । ଆପଣଙ୍କ ପ୍ରେରଣାରେ BHMS ପଢ଼ିଲି ୫ ବର୍ଷ। ଆଶ୍ରମରୁ ଯିବା ଆସିବା କରି ପଢ଼ିବାରେ ଅସୁବିଧା ହେବାରୁ 3rd year ବେଳକୁ Hostel ରେ ରହିଲି । Medical

ପଢ଼ିବା ସମୟରେ ଅନେକ ଶରବ୍ୟର ଶିକାର ହୋଇଥିଲେ ମଧ୍ୟ ଶୋଭନୀୟ ଶିକ୍ଷାଶ୍ରମ ର ୟୁନିଫର୍ମ ଧଳା ସୂତାର ଶାଢ଼ୀ ହିଁ ପିନ୍ଧୁଥିଲି । BHMS ପଢା ସରିବା ପରେ ଆଶ୍ରମକୁ ଫେରିଆସିଲି । ତା'ପରେ ୨୦୦୨ ମସିହାରେ ଆପଣଙ୍କ ପ୍ରେରଣାରେ ଭୁବନେଶ୍ୱର ସ୍ଥିତ Nalinidevi Womens Teachers Training College ରେ BEd complete କଲି । ୨୦୧୫ ମସିହାରେ ଭୁବନେଶ୍ୱରସ୍ଥିତ Regional Institute of Education ରୁ Deploma in Guidance & Councelling ପଢା ସାରି ଫେରିଆସିଲି । ଏବେ ମୋର ସମସ୍ତ ସମୟ ଆଶ୍ରମରେ ହିଁ ବିତୁଥିଲା । ପ୍ରତି ମୁହୂର୍ତ୍ତ ରେ ଆପଣଙ୍କ କଥା ମୋତେ ପ୍ରଭାବିତ କରୁଥିଲା । ଆପଣ ଯାହା କହୁଥିଲେ ତାହା ମୁଁ ପାଳନ କରୁଥିଲି । ଖୁବ୍ ଆନନ୍ଦ ମଧ୍ୟ ପାଉଥିଲି ।

ଆପଣ ଚାହୁଁଥିଲେ ମୁଁ ଜଣେ ଆଦର୍ଶ ଡାକ୍ତରଟିଏ ହୋଇ ଅବହେଳିତ ବାପାମାଆମାନଙ୍କର ସେବା କରେ । ସେଥିପାଇଁ ଲାଠିକଟା ରେ Homoeopathic Clinic ଟିଏ ମଧ୍ୟ ଚାଲୁଥିଲା। । ପ୍ରତିଦିନ ସନ୍ଧ୍ୟାରେ କ୍ଲିନିକ ଯାଇ ରୋଗୀମାନଙ୍କର ଚିକିତ୍ସା କରିବାକୁ ହେଉଥିଲା । ପରବର୍ତ୍ତୀ ସମୟରେ କେତେକ ଅସୁବିଧା ଯୋଗୁଁ clinic କୁ ଆଶ୍ରମ ପରିସରକୁ ନେଇଆସିଥିଲେ । ସୁନ୍ଦରଗଡ଼ ଜିଲ୍ଲା ଏକ ମ୍ୟାଲେରିଆ ପ୍ରବଣ ଅଞ୍ଚଳ ହୋଇଥିବାରୁ ଛାତ୍ରାବାସରେ ପ୍ରାୟ ପ୍ରତିଦିନ ଜଣେ ଦୁଇଜଣ ଅନ୍ତେବାସୀ ମ୍ୟାଲେରିଆ ଜ୍ବରରେ ଶୋଇଥାନ୍ତି । ଯେତେବେଳେ ମୁଁ ଆପଣଙ୍କୁ homoeopathic Malaria Preventive Medicine ବିଷୟରେ କହିଲି ଆପଣ ଏ ଅଞ୍ଚଳ ର କେତେକ ପ୍ରତିଷ୍ଠିତ ଡାକ୍ତରଙ୍କ ସହ ପରାମର୍ଶ କରି ମୋତେ ଅନୁମତି ଦେଇଥିଲେ ଆଶ୍ରମ ବାସୀଙ୍କୁ preventive medicine ଦେବାପାଇଁ । ଏଥିରେ ଆମେ କୃତକାର୍ଯ୍ୟ ମଧ୍ୟ ହୋଇଥିଲେ। । ଥରେ preventive medicine ଖାଇଲେ ଗୋଟିଏ ବର୍ଷ ପର୍ଯ୍ୟନ୍ତ ମ୍ୟାଲେରିଆ ଜ୍ୱର ହେଉ ନ ଥିଲା । ଏହା ଜାଣିବା ପରେ ଆପଣ ଆମ ଶିକ୍ଷାଶ୍ରମ ସମେତ ଆଖ ପାଖ ଅଞ୍ଚଳର ବିଭିନ୍ନ ଗାଁ, ସୁନ୍ଦରଗଡ଼ ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାର କେତେକ ବିଦ୍ୟାଳୟ , ଶିକ୍ଷାନୁଷ୍ଠାନ ତଥା ଗାଁ ରେ ଏହି Programme କରାଇ ଅନେକ ବାପା, ମାଆ, ପୁଅ ଝିଅ ଆଦିଙ୍କୁ ମ୍ୟାଲେରିଆ ଭଳି ଏକ ମାରାତ୍ମକ ରୋଗରୁ ରକ୍ଷା କରାଯାଇପରିଥିଲା। ଯେଉଁମାନେ ଉପକୃତ ହେଇଥିଲେ ପରେ ସେମାନେ ଆଶ୍ରମକୁ ଆସି ଅନ୍ୟମାନଙ୍କପାଇଁ preventive ଔଷଧ ନେଇଯାଇଥାନ୍ତି । ଆଶ୍ରମରେ ଏବେବି ପ୍ରତିଦିନ ଆଶ୍ରମର ଅନ୍ତେବାସୀଙ୍କ ଦେହ ଖରାପ ହେଲେ homoeopathic medicine ଖାଇଥାନ୍ତି ।

ଆପଣ ଥିଲେ ସମୟାନୁବର୍ତ୍ତି ।କାହାକୁ time ଦେଇଥିବେ ଯଦି ଟିକିଏ ଏପଟ ସେପଟ ହେବନି । ସେଥିପାଇଁ ଅନେକ ସମୟରେ ବିଭିନ୍ନ function ରେ Guest ମାନେ ଆସି ପହଂଚି ନ ଥିଲେ ମଧ୍ୟ ଆପଣ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଅନୁମତି ଦେଇଥାନ୍ତି । ଆପଣ ସମସ୍ତଙ୍କ ଭିତରେ ଭଲଗୁଣ କୁ ଖୋଜୁଥିଲେ । ଆଉ ଯେଉଁଠି ଭଲଗୁଣ ଟିକିଏ ଦେଖୁଥିଲେ ତାହା କିପରି ସମାଜର ମଙ୍ଗଳ ରେ ଲାଗିପାରିବ ସେଥିପାଇଁ ପ୍ରଚେଷ୍ଟା ମଧ୍ୟ କରୁଥିଲେ । ସଂସ୍କୃତ ଶ୍ଳୋକ ଅଛି -

ମୂକଂ କରୋତି ବାଚାଲଂ
ପଙ୍ଗୁ ଲଂଘୟତେ ଗିରି
ଯତ୍ କୃପା ତମହଂ ବନ୍ଦେ
ପରମାନନ୍ଦ ମାଧବ ।
ଆପଣଙ୍କ କଥାରେ ସେହିପରି

ଯାଦୁଥିଲା । କଥା କହିପାରୁ ନଥିବା ପିଲାଟିଏ ଶହ ଶହ ଲୋକଙ୍କ ସମ୍ମୁଖରେ ଠିଆ ହୋଇ ଭାଷଣ ଦେବାର ସାହସ ରଖୁଥିଲା । ଗୀତ ଗାଇପାରୁ ନଥିବା ପିଲାଟିଏ ଗାଇ ଶିଖୁଥିଲା । ଯେତେବେଳେ Chloroquine Medicine ର side effect ଫଳରେ ମୁଁ ଚାଲିପାରୁ ନଥିଲି । ଆପଣ ପ୍ରତିଦିନ Duty ରୁ ଫେରି ମୋ ହାତ ଧରି କିଛିବାଟ ଚଲାଇ ନେଉଥିଲେ। । ଆପଣଙ୍କ ପ୍ରଚେଷ୍ଟାରେ ମୁଁ ସୁସ୍ଥ ହେଲି । ଆଉ କେଉଁଝର ଜିଲ୍ଲାରେ ମୋତେ ମିଳିଥିବା Madical Officer Post ସରକାରୀ ଚାକିରୀ

କୁ ପ୍ରତ୍ୟାଖ୍ୟାନ କରି ପୂଜ୍ୟ ଶ୍ରୀ ବଡ ଭାଇଙ୍କ ଏହି ସଂସାର କଲ୍ୟାଣ ଯଜ୍ଞରେ ନିଜକୁ ଆହୁତି ଦେଇଥିଲି । ଆପଣ ଆଶ୍ରମର ସମସ୍ତ ଛାତ୍ରଛାତ୍ରୀ, ଗୁରୁମା ତଥା ମାଉସୀମାନଙ୍କ ମୁଖରେ ବାସ୍ତବ ଆନନ୍ଦ ଦେଖିବାକୁ ଚାହୁଁ ଥିଲେ । ଆପଣ କହୁଥିଲେ ତୁମମାନଙ୍କର ହସ ମୋର ଔଷଧ । କେହି ମୁହଁ ଶୁଖାଇଥିଲେ ଆପଣ ତାକୁ ହସିବାକୁ କହୁଥିଲେ ।

ଆପଣ ଶିକ୍ଷାଶ୍ରମ ର ସମ୍ପାଦକ ଥିଲେ ମଧ ଆଶ୍ରମର କୌଣସି କାମ କରିବାରେ କୁଣ୍ଠା ନ ଥିଲା । ଆଶ୍ରମର ajbestus ଉପରୁ ଶୁଖିଲା ପତ୍ର ତଥା ଆବର୍ଜନା କାଢି ଘର ଛାତ ବା ପାଣିଯିବା ନାଳି ର ବାଟକୁ ସଫା କରାଇବା, ଶିକ୍ଷାଶ୍ରମ ର କାମ ବେଳେ ଏଣେ ତେଣେ ପଡ଼ିଥିବା ଇଟାକୁ ଗୋଟାଇ ଏକାଠି କରିବା, ଗୋଟିଏ ଗୋଟିଏ ଇଟା ମିସ୍ତ୍ରୀଙ୍କ ହାତକୁ ବଢାଇ ଦେବା, Duty ରୁ ଫେରିବା ବେଳେ ଆଶ୍ରମବାସୀଙ୍କ ପାଇଁ ଆପଣଙ୍କ ପରିବା ଭଉଣୀମାନଙ୍କ ଠାରୁ ଅଖା ମାଗି bike ରେ ଲଦି ପରିବା ଆଣିବା, ଆଶ୍ରମର ଗାଈମାନଙ୍କ ପାଇଁ ପେଜ, ତୋରାଣି, ଘାସ,ପପିତା ପତ୍ର ଆଦି scooty ରେ ନେଇ ପହଞ୍ଚାଇବା ଭଳି ଅନେକ କାର୍ଯ୍ୟ ବିନା ଦ୍ବିଧାରେ କରିଚାଲୁଥିଲେ । ଶାରୀରିକ ଅସୁସ୍ଥତା ସତ୍ତ୍ୱେ ଆପଣ ଅନେକ ଥର କହିଛନ୍ତି - କଳ୍ପ ! Computer ଖୋଲ । ଦେଖ ଚିଠି ଆସିଥିବ । ସେଦିନ କାର୍ଯ୍ୟବ୍ୟସ୍ତତା ଭିତରେ ମୁଁ କମ୍ପ୍ୟୁଟର ଖୋଲିପାରି ନ ଥିଲି । ଆଶ୍ଚର୍ଯ୍ୟ ଲାଗେ ଦୁଇଦିନ ପରେ ଡାକରେ ଚିଠି ଆସି ପହଞ୍ଚିଲା । ଆପଣଙ୍କୁ କହିବାର ଅବସର ବି ପାଇଲିନି ଆଉ । କିନ୍ତୁ ଶୋଭନୀୟ ସମାଜ ଗଠନର ଦୃଢ଼ ମନୋଭାବ ଶକ୍ତିଶାଳୀ ମାନସିକତା ରଖୁଥିବା କର୍ମବୀର କର୍ମଯୋଗୀ ହଠାତ୍ ଆପଣ ନିରବୀଗଲେ କେମିତି? ଶିକ୍ଷାଶ୍ରମ ର ଉନ୍ନତି କିପରି ହେବ ସେଥିପାଇଁ ଆପଣ ସବୁବେଳେ ଚିନ୍ତିତ ଥିଲେ । ଆପଣ କହୁଥିଲେ ସତ୍ୟକୁ ଡାକ ମୁଁ MLA ଙ୍କୁ ଦେଖା କରିବାକୁ ଯିବି । ଆପଣଙ୍କର ଅନେକ କାର୍ଯ୍ୟ ଏବେବି ସମ୍ପୂର୍ଣ୍ଣ ହୋଇନି ଭାଇ । ଶୋଭନୀୟ ସମାଜ ଗଠନ ଦୃଢ଼ ମନୋଭାବ ଶକ୍ତିଶାଳୀ ମାନସିକତା ରଖୁଥିବା କର୍ମବୀର କର୍ମଯୋଗୀ ! ଅଧବାଟ ରେ ନିରବୀଗଲେ କେମିତି ? ଜାଣିଛି ଆପଣ ଅମର । ଆପଣଙ୍କର ସତ୍ତା ଆଶ୍ରମର ପ୍ରତି ରେଣୁରେ ଭରି ରହିଛି । ଆପଣ ଯେଉଁଠି ଅଛନ୍ତି ପରମ ଆନନ୍ଦରେ ରୁହନ୍ତୁ ଏତିକି ପ୍ରାର୍ଥନା ପ୍ରଭୁଙ୍କ ପାଦପଦ୍ମରେ । ଶେଷରେ ଆପଣଙ୍କର କରୁଣା ଭିକ୍ଷା କରୁଛି ଭାଇ ।


ଆପଣଙ୍କର ଅଧୂରା କାର୍ଯ୍ୟକୁ ପୁରା କରିବା ପାଇଁ ଅସୀମ ଧୈର୍ଯ୍ୟ ଓ ସାହସ ମୋ ହୃଦୟରେ ଭରିଦିଅନ୍ତୁ ।

ଓଁ ଶାନ୍ତି ଓଁ ଶାନ୍ତି ଓଁ ଶାନ୍ତି

**ଡ଼ା. କଳ୍ପଲତା ଦେବୀ**
ପ୍ରଧାନ ଶିକ୍ଷୟିତ୍ରୀ, (ଆବାସିକ ଡାକ୍ତର)
ଶୋଭନୀୟ ଶିକ୍ଷାଶ୍ରମ, ଲାଠିକଟା


---

ଆମ ଜୀବନରେ କୁଆଶା ନାହିଁ
ଆମ ଜୀବନରେ ହତାଶା ନାହିଁ
ଆମରି ଜୀବନ, ସାଧନା ଜୀବନ
ଦେବୁ ତାହା ବିଶ୍ୱ ଶାନ୍ତି ଆମେ






ସତ୍ୟଯୁଗ ସ୍ତମ୍ଭ, ଉଦୟଗିରି ଶିକ୍ଷାଶ୍ରମ




ଲାଠିକଟା ଶିକ୍ଷାଶ୍ରମ



(ତାମିଲନାଡୁର ମହାବଳିପୁରମ)





(ଜଳଦା ସ୍ଥିତ ଭଡା ଘରେ ନିରଭାଇ)




ଲାଠିକଟା ଶୋଭନୀୟ ଶିକ୍ଷାଶ୍ରମ ର ପ୍ରଥମ ଅବସ୍ଥାରେ କର୍ମୀମାନେ ରହୁଥିବା ଘର ନିକଟରେ ଥିବା କ୍ଷେତ ରେ କାର୍ଯ୍ୟରତ ନିରଭାଇ।